# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ଏପ୍ରିଲ ୭/୨୦୨୫ (୧୨ ପୃଷ୍ଠା) | Bhubaneswar, Monday, April 7/2025 | Page 12 | ₹ 7.00 | BERHAMPUR

୫୧ଶ ଭାଗ ୧୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 132 | ମୂଲ୍ୟ ₹୭/-




**ଭର୍ଷ୍ଟାପେନ୍ ଜିତିଲେ ଜାପାନିଜ ଗ୍ରାଁପ୍ରି**

କ୍ରମାଗତ ୪ର୍ଥ ଥର ଜାପାନିଜ ଫର୍ମୁଲା-୧ ଗ୍ରାଁପ୍ରି ଜିତି ସେବାଷ୍ଟିଆନ ଭେଟେଲଙ୍କ ରେକର୍ଡ ସମକକ୍ଷ ହୋଇଛନ୍ତି ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍।

୧୨

୦୨

**ପ୍ରଧାନମନ୍ତ୍ରୀଙ୍କୁ ଗ୍ୟାରେଣ୍ଟି ମାଗିଲେ ଷ୍ଟାଲିନ୍**

ଡିଲିମିଟେଶନ୍ ଯୋଗୁ ତାମିଲନାଡୁ ଯେପରି ସଂସଦୀୟ ଆସନ ନ ହରାଇବ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ସେନେଇ ପ୍ରଧାନମନ୍ତ୍ରୀଙ୍କୁ ଗ୍ୟାରେଣ୍ଟି ମାଗିଛନ୍ତି।



## ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ

### ୩୬ ଘଣ୍ଟାରେ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର, ୬।୪ (ଅନୁରାଧା ମହାରଣା)

ରାଜ୍ୟରେ ଗରମ, ଗୁଳୁଗୁଳି ସହ ଝାଞ୍ଜି ପବନ ଜନଜୀବନକୁ ପ୍ରଭାବିତ କରୁଛି। ଅଧିକାଂଶ ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି। ଏପରିସ୍ଥିତିରେ ଦକ୍ଷିଣପୂର୍ବ ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବାୟୁମଣ୍ଡଳରେ ୫.୮ କି.ମି. ଉଚ୍ଚତା ଯାଏ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହି ଘୂର୍ଣ୍ଣିବଳୟ ପ୍ରଭାବରେ ଆଗାମୀ ୩୬ଘଣ୍ଟା ମଧ୍ୟରେ ଦକ୍ଷିଣ ବଙ୍ଗୋପସାଗର ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଅଛି। ଫଳରେ ରାଜ୍ୟରେ ଘଡ଼ଘଡ଼ି, ବିଜୁଳି ସହ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ସୋମବାର ଅପରାହ୍ଣରେ ମାଲକାନଗିରି, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ରାୟଗଡ଼ା, ଗଜପତି ଆଦି ଜିଲାରେ ଘଡ଼ଘଡ଼ି ସହ ହାଲୁକା ବର୍ଷା ହୋଇପାରେ। ୮ ତାରିଖ ବେଳକୁ ରାଜ୍ୟରେ ଘଡ଼ଘଡ଼ି ସହ ବର୍ଷା ପରିମାଣ ବଢ଼ିପାରେ। ତେଣୁ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅନ୍ୟପଟେ ରାଜ୍ୟରେ ଆସନ୍ତା ୨୪ ଘଣ୍ଟାରେ ତାପମାତ୍ରା ☞ପୃଷ୍ଠା-୪



ତାମିଲନାଡୁ ରାମେଶ୍ୱରମ୍‌ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦେଶର ପ୍ରଥମ ଭର୍ଟିକାଲ ଲିଫ୍ଟ ଯୁକ୍ତ ରେଳ ସେତୁର ଉଦ୍‌ଘାଟନ କରୁଛନ୍ତି। (ଫଟୋ: ପିଟିଆଇ)

## ତେଜିଲା ଟ୍ରମ୍ପ୍ ବିରୋଧୀ ଆନ୍ଦୋଳନ

### ଆମେରିକା, ୟୁରୋପୀୟ ସହରରେ 'ହ୍ୟାଣ୍ଡ୍‌ସ ଅଫ୍'

ୱାଶିଂଟନ୍,୬।୪

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ତାଙ୍କ ପ୍ରଶାସନର ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି (ଡିଓଜିଇ) ମୁଖ୍ୟ ଏଲନ୍ ମସ୍କଙ୍କ ବିରୋଧରେ ୫୦ ରାଜ୍ୟରେ ଆନ୍ଦୋଳନ ମୁଣ୍ଡ ଟେକିଛି। ଟ୍ରମ୍ପ୍ ଗତ ଜାନୁଆରୀ ୨୦ରେ ଦ୍ୱିତୀୟ ଥର ରାଷ୍ଟ୍ରପତି ହେବା ପରଠାରୁ ସେ ନେଇଆସିଥିବା ପଦକ୍ଷେପଗୁଡ଼ିକର ନକାରାତ୍ମକ ପ୍ରଭାବକୁ ଦେଖି ଦେଶବାସୀ ତାଙ୍କ ଏକ୍‌ଜିକ୍ୟୁଟିଭ୍ ଅର୍ଡରଗୁଡ଼ିକୁ ପ୍ରତ୍ୟାହାର କରିବା ଦାବିରେ 'ହ୍ୟାଣ୍ଡ୍‌ସ ଅଫ୍' ବିକ୍ଷୋଭ କରୁଛନ୍ତି। ହ୍ୟାଣ୍ଡ୍‌ସ ଅଫ୍‌ର ଅର୍ଥ ହେଉଛି, ଆମ ଅଧିକାର, ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଛୁଅଁନାହିଁ। ଆମ ଜୀବନଶୈଳୀରେ ହସ୍ତକ୍ଷେପ କରନାହିଁ।

ସରକାରୀ ପାଣ୍ଠି ହ୍ରାସ, ଆପ୍ରବାସୀଙ୍କ ଉପରେ ଦମନଲୀଳା ଏବଂ ଉଚ୍ଚ ଟାରିଫ ଯୋଗୁ ଆମେରିକାର ଅର୍ଥନୀତି ବିପର୍ଯ୍ୟୟ ଆଡ଼କୁ ମୁହାଁଇଥିବା ଦର୍ଶାଇ ଶନିବାର ଏକକାଳୀନ ୱାଶିଂଟନ୍ ଡିସି ସମେତ ୧,୨୦୦ ସ୍ଥାନରେ ବିଶାଳ ବିକ୍ଷୋଭ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। କେବଳ ନ୍ୟାଶନାଲ ହଲ୍‌ରେ ୨୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ଏକତ୍ରିତ ହୋଇ ଟ୍ରମ୍ପ୍‌ବିରୋଧୀ ସ୍ଲୋଗାନ ଦେଇଥିଲେ। ଏହି ଗଣବିକ୍ଷୋଭରେ ଆମେରିକାର ପ୍ରାୟ ୧୫୦ ସିଭିଲ୍ ରାଇଟ୍ସ ଗ୍ରୁପ୍, ଏଲ୍‌ଜିବିଟିକ୍ୟୁ+, ଆଇନଜୀବୀ, ଅବସରପ୍ରାପ୍ତ ସୈନିକ, କ୍ଲାଇମେଟ୍ ଆକ୍ଟିଭିଷ୍ଟ ଗ୍ରୁପ୍ ସାମିଲ ହୋଇଥିବାବେଳେ ବର୍ଲିନ୍, ଫ୍ରାଙ୍କଫୁର୍ଟ, ପ୍ୟାରିସ୍ ଓ ଲଣ୍ଡନରେ ମଧ୍ୟ ଅନୁରୂପ ଆନ୍ଦୋଳନ ଚାଲିଛି। ଏହାକୁ ଆଉ କେତେକ ୟୁରୋପୀୟ ଦେଶର ମଧ୍ୟ ସମର୍ଥନ ମିଳିଛି। ଟ୍ରମ୍ପ୍ ହ୍ୱାଇଟ୍ ହାଉସ୍‌କୁ ଫେରିବା ପରେ ଏହା ହେଉଛି ତାଙ୍କ ବିରୋଧରେ ସବୁଠୁ ବଡ଼ ବିକ୍ଷୋଭ। ଏହି ଆନ୍ଦୋଳନ ଟ୍ରମ୍ପ୍ ଓ ତାଙ୍କ ବିଲିୟନେୟାର ସହଯୋଗୀ ମସ୍କଙ୍କୁ ସେମାନଙ୍କ ନୀତିଗୁଡ଼ିକର ପୁନର୍ବିଚାର ପାଇଁ ବାଧ୍ୟ କରିବ ବୋଲି ବିକ୍ଷୋଭକାରୀ ମନେକରୁଛନ୍ତି। ଆନ୍ଦୋଳନ ବର୍ତ୍ତମାନ ସୁଦ୍ଧା ଶାନ୍ତିପୂର୍ଣ୍ଣ ଥିବାରୁ କାହାକୁ ଗିରଫ କରାଯାଇ ନ ଥିବା ଜଣାପଡ଼ିଛି।

**ଆଜିର ସମ୍ପାଦକୀୟ** ମାନ୍ଦାବସ୍ଥା ଆଡ଼କୁ

## ଆଇସିଟି: ଲକ୍ଷ୍ୟଠାରୁ ଦୂରରେ

- ବିନା ଟେଣ୍ଡରରେ ଉପକରଣ କ୍ରୟ
- ଗୃହ ଓ ଇଣ୍ଟରନେଟ୍ ନ ଥାଇ ସ୍ମାର୍ଟ କ୍ଲାସ୍
- ମିଳିନି ୧୦୮.୮୫ କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର

ରାଜ୍ୟର ଖଣିବହୁଳ ଯାଜପୁର, କେନ୍ଦୁଝର, ସୁନ୍ଦରଗଡ଼ ଏବଂ ମୟୂରଭଞ୍ଜ ଜିଲାରେ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଡିଜିଟାଲ ଶିକ୍ଷାକୁ ପ୍ରୋତ୍ସାହନ ସହ ପିଲାମାନଙ୍କୁ ବୈଷୟିକ ଜ୍ଞାନ ପ୍ରଦାନ କରିବାକୁ ସମଗ୍ର ଶିକ୍ଷା ଅଭିଯାନ ଜରିଆରେ ଇନ୍‌ଫର୍ମେଶନ ଆଣ୍ଡ କମ୍ୟୁନିକେଶନ ଟେକ୍ନୋଲୋଜି(ଆଇସିଟି) କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସ୍ମାର୍ଟ କ୍ଲାସରୁମ୍ ସହ ଅତ୍ୟାଧୁନିକ ବୈଷୟିକ ସରଞ୍ଜାମ ଯୋଗାଇ ଦିଆଯାଇଥିବା କୁହାଯାଉଛି। ଏଥିପାଇଁ ଓଡ଼ିଶା ମିନେରାଲ ବିୟରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ(ଓଏମ୍‌ବିଏଡିସି) ପାଣ୍ଠି ଖର୍ଚ୍ଚ ହୋଇଛି। ଏହି ଜିଲାଗୁଡ଼ିକରେ ୩,୧୫୮ଟି ଆଇସିଟି ଲ୍ୟାବ୍ ଓ ସ୍ମାର୍ଟ କ୍ଲାସ ସ୍ଥାପନ କରାଯିବା ଲାଗି ୨୦୨୦ ଅଗଷ୍ଟରେ ଲକ୍ଷ୍ୟ ରହିଥିଲା। ୪ରୁ ୫ମାସ ମଧ୍ୟରେ ଏହା ଶେଷ ହେବା କଥା। ହେଲେ ବିଭିନ୍ନ କାରଣ ଦର୍ଶାଇ ୨୦୨୨ ମାର୍ଚ୍ଚ ସୁଦ୍ଧା ଏହାର କାର୍ଯ୍ୟ ଠିକ୍ ଭାବେ ହୋଇପାରି ନ ଥିବା ନିକଟରେ ପ୍ରକାଶିତ ମହାଲେଖା ନିୟନ୍ତ୍ରକ ଓ ପରୀକ୍ଷକ(ସିଏଜି) ରିପୋର୍ଟରେ ଉଲ୍ଲେଖ ରହିଛି। ଫଳରେ ଏହି କାର୍ଯ୍ୟକ୍ରମର ବାସ୍ତବ ରୂପାୟନ ସମ୍ପୃକ୍ତ ଜିଲାର ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚି ପାରି ନ ଥିବା ଜଣାପଡ଼ିଛି।

ଭୁବନେଶ୍ୱର,୬।୪ (ରବିନାରାୟଣ ଜେନା)

ଓଏମ୍‌ବିଏଡିସି ପାଣ୍ଠିରୁ ଆଇସିଟି ଲ୍ୟାବ୍ ଓ ସ୍ମାର୍ଟ କ୍ଲାସ ସ୍ଥାପନ କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ ଲକ୍ଷ୍ୟ ରଖାଯାଇଥିଲା, ତାହା ବାସ୍ତବକ୍ଷେତ୍ରରେ ରୂପାୟନ ହୋଇପାରି ନାହିଁ। କେଉଁଠାରେ ବିନା ଟେଣ୍ଡରରେ ଉପକରଣ କ୍ରୟ କରାଯାଇ କୋଟି କୋଟି ଟଙ୍କା ଦୁରୁପଯୋଗ କରାଯାଇଛି ତ ଆଉ କେଉଁଠାରେ ବିନା ବିସ୍ତୃତ ପ୍ରକଳ୍ପ ରିପୋର୍ଟ(ଡିପିଆର୍)ରେ କାମ ହୋଇଛି। ସବୁଠାରୁ ବଡ଼କଥା ହେଲା, ଶ୍ରେଣୀ ଗୃହ ନ ଥାଇ ଆଇସିଟି ଲ୍ୟାବ୍ ଓ ସ୍ମାର୍ଟ କ୍ଲାସ ସ୍ଥାପନ ପାଇଁ ଟଙ୍କା ଖର୍ଚ୍ଚ ହୋଇଛି। ଏହାବାଦ୍ କେତେକ ବିଦ୍ୟାଳୟରେ ଶିକ୍ଷକମାନଙ୍କୁ କମ୍ପ୍ୟୁଟର ତାଲିମ ଦିଆଯାଇ ନ ଥିବାବେଳେ ଇଣ୍ଟରନେଟ୍ ସଂଯୋଗ ନ ଥିଲା। ତେଣୁ ଆଇସିଟି ଓ ସ୍ମାର୍ଟକ୍ଲାସ ପ୍ରକଳ୍ପରେ ବ୍ୟାପକ ଅନିୟମିତତା ଯୋଗୁ କମ୍ପ୍ୟୁଟର ଶିକ୍ଷା ଖଣିବହୁଳ ଜିଲାର ଛାତ୍ରୀଛାତ୍ରଙ୍କ ନିକଟରେ ଅପହଞ୍ଚ ହୋଇଛି। ଏପରି କି ବିପୁଳ ଅର୍ଥକୁ ଅଯଥାରେ ଖର୍ଚ୍ଚ କରାଯାଇଛି ବୋଲି ସିଏଜିଙ୍କ ପକ୍ଷରୁ ପ୍ରକାଶିତ ୨୦୨୪ ରିପୋର୍ଟରେ ଦର୍ଶାଯାଇଛି।

ରିପୋର୍ଟ ଅନୁଯାୟୀ, ୨୦୨୦ ଅଗଷ୍ଟରେ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର(ଓକାକ୍) ପକ୍ଷରୁ ଓଏମ୍‌ବିଏଡିସି ପାଣ୍ଠିରେ ଯାଜପୁର, କେନ୍ଦୁଝର, ସୁନ୍ଦରଗଡ଼ ଓ ମୟୂରଭଞ୍ଜରେ ୩,୧୫୮ଟି ଆଇସିଟି ଲ୍ୟାବ୍ ଓ ସ୍ମାର୍ଟ କ୍ଲାସ ସ୍ଥାପନ କରାଯିବା ଲାଗି ଲକ୍ଷ୍ୟ ରହିଥିଲା। ସେଥିମଧ୍ୟରୁ ୧,୦୫୩ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ଏକ ତାଲିକା ପ୍ରକଳ୍ପ ନିର୍ଦ୍ଦେଶକ(ଓସେପା) ୨୦୨୧ରେ ଓକାକ୍‌କୁ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ୨୦୨୧ ଡିସେମ୍ବରରେ ୯୮୫ ବିଦ୍ୟାଳୟରେ ୩,୧୯୯ ସ୍ମାର୍ଟ କ୍ଲାସ୍ ଉପକରଣକୁ ସଂଶୋଧିତ କରାଯାଇଥିଲା। ସେଥିଲାଗି ମେସର୍ସ ୟୁନିକପ୍‌ସ ଟେକ୍ନୋଲୋଜି ସପକ୍ଷରେ ଏକ କାର୍ଯ୍ୟାଦେଶ ଓକାକ୍ ଜାରି କରିଥିଲେ। ନିୟମ ଅନୁଯାୟୀ ୧୨୦ ଦିନରେ ଶତପ୍ରତିଶତ ଉପକରଣ ବିଦ୍ୟାଳୟକୁ ଯୋଗାଇ ଦିଆଯାଇଥାଏ। ଏପରି କି ଅତି ବେଶୀରେ ୧୫୦ ଦିନ ମଧ୍ୟରେ ସ୍ମାର୍ଟ ଉପକରଣ ବିଦ୍ୟାଳୟରେ ସ୍ଥାପନ ହେବା କଥା। କିନ୍ତୁ ୨୦୨୨ ମାର୍ଚ୍ଚ ସୁଦ୍ଧା ପ୍ରସ୍ତାବିତ ବିଦ୍ୟାଳୟରେ ଉପକରଣ ପହଞ୍ଚି ପାରି ନ ଥିଲା। ସିଏଜିଙ୍କ ପକ୍ଷରୁ ସର୍ବେକ୍ଷଣ ବେଳେ ଜଣାପଡ଼ିଛି ଯେ, କମିଟି ଗଠନ ହେବାର ଦୁଇବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ହେଁ ଡିପିଆର ପ୍ରସ୍ତୁତ ନ ହେବା ଏବଂ ଆଦେଶ ସ୍ଥାନିତ ନ ହେବା ଯୋଗୁ ଓକାକ୍ ଆଇସିଟି ☞ପୃଷ୍ଠା-୪


## ଶେଷ ହେଲା ଅନନ୍ତ ଅମ୍ବାନୀଙ୍କ ପଦଯାତ୍ରା



ପଦଯାତ୍ରାର ଶେଷ ଦିନରେ ଅନନ୍ତ ଅମ୍ବାନୀଙ୍କ ସହ ମା' ନୀତା ଅମ୍ବାନୀ, ସ୍ତ୍ରୀ ରାଧିକା ଓ ଅନ୍ୟମାନେ।

ଦ୍ୱାରକା,୬।୪

ଦେଶର ସବୁଠୁ ଧନୀ ଅମ୍ବାନୀ ପରିବାରର ଦାୟାଦ ଅନନ୍ତ ଅମ୍ବାନୀ ନିଜକୁ ଅଧ୍ୟାତ୍ମ ସହ ଯୋଡ଼ି ଆରମ୍ଭ କରିଥିବା ପଦଯାତ୍ରା ରବିବାର ପବିତ୍ର ରାମନବମୀ ଅବସରରେ ଉଦ୍‌ଯାପିତ ହୋଇଛି। ହିନ୍ଦୁ କ୍ୟାଲେଣ୍ଡର ଅନୁଯାୟୀ ରବିବାର ଥିଲା ଅନନ୍ତଙ୍କ ଜନ୍ମଦିନ। ସେ ମାର୍ଚ୍ଚ ୨୯ରେ ତାଙ୍କ କର୍ମଭୂମି ଗୁଜରାଟର ଜାମନଗରରୁ ପଦଯାତ୍ରାରେ ବାହାରିଥିଲେ। ରବିବାର ପବିତ୍ର ସହର ଦ୍ୱାରକାରେ ପ୍ରବେଶ କରି ସେ ୧୮୦ କିଲୋମିଟର ପଦଯାତ୍ରାର ପରିସମାପ୍ତି ଘଟାଇଛନ୍ତି। ଅନନ୍ତ ଦିନକୁ ହାରାହାରି ୧୨ରୁ ୧୫ କି.ମି. ଯାତ୍ରା କରୁଥିଲେ। ଧର୍ମବିଶ୍ୱାସ ଓ ଆଧ୍ୟାତ୍ମିକତା ତାଙ୍କୁ ଏହି ଦୀର୍ଘ ଯାତ୍ରା ପାଇଁ ☞ପୃଷ୍ଠା-୪


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁଜ ପତାକା ଦେଖାଇ ରାମେଶ୍ୱରମ୍-ତମ୍ବରମ୍ (ଚେନ୍ନାଇ) ନୂଆ ଟ୍ରେନ୍ ସେବାର ଶୁଭାରମ୍ଭ କରୁଛନ୍ତି।

# ପମ୍ବନ୍ ବ୍ରିଜ୍ ଲୋକାର୍ପିତ

## ଭାରତୀୟ ଇଞ୍ଜିନିୟରିଂ ମାର୍ବଲର ପ୍ରତୀକ

ରାମେଶ୍ୱରମ୍,୬।୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମଧ୍ୟାହ୍ନ ୧୨ଟାରେ ତାମିଲନାଡୁର ରାମେଶ୍ୱରମ୍‌ରେ ପମ୍ବନ୍ ରେଳ ବ୍ରିଜ୍‌କୁ ଉଦ୍‌ଘାଟନ କରିଛନ୍ତି। ୨୦୧୯ରେ ଏହାର ଶିଳାନ୍ୟାସ କରାଯାଇଥିଲା। ୭୦୦ କୋଟି ଟଙ୍କାରେ ନିର୍ମିତ ଭାରତୀୟ ଇଞ୍ଜିନିୟରିଂ ମାର୍ବଲର ପ୍ରତୀକ ଏହି ସାମୁଦ୍ରିକ ସେତୁ ଲୋକାର୍ପିତ ହେବା ପରେ ରାମେଶ୍ୱରମ୍ ଦ୍ୱୀପ ଓ ତାମିଲନାଡୁର ଭୂଭାଗ ମଧ୍ୟରେ ରେଳ ଯାତାୟାତ କରିପାରିବ। ସେହିପରି ପ୍ରଧାନମନ୍ତ୍ରୀ ସବୁଜ ପତାକା ଦେଖାଇ ରାମେଶ୍ୱରମ୍-ତମ୍ବରମ୍ (ଚେନ୍ନାଇ) ନୂଆ ଟ୍ରେନ୍ ସେବାର ମଧ୍ୟ ଶୁଭାରମ୍ଭ କରିଛନ୍ତି। ଏହାବାଦ୍ ପ୍ରଧାନମନ୍ତ୍ରୀ ଏକ ତଟରକ୍ଷୀ ବାହିନୀ ଜାହାଜର ମଧ୍ୟ ଜଳାବତରଣ କରାଇଛନ୍ତି, ଯାହାକି ନୂଆ ବ୍ରିଜ୍ ତଳ ଦେଇ ଅତିକ୍ରମ କରିଛି। ରାମେଶ୍ୱରମ୍‌ରେ ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୋଦି ମୋଟ ୮,୩୦୦ କୋଟି ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ।

ଉଦ୍‌ଘାଟନୀ ଉତ୍ସବରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବି, ରାଜ୍ୟର ଅର୍ଥମନ୍ତ୍ରୀ ଥାଙ୍ଗମ୍ ଥେନାରସୁ ଏବଂ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଏହି କାର୍ଯ୍ୟକ୍ରମରେ ଅନୁପସ୍ଥିତ ଥିଲେ। ଷ୍ଟାଲିନ ନିଜ ଅନୁପସ୍ଥିତି ସମ୍ପର୍କରେ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ନୀଲଗିରିସ୍‌ରେ ଆୟୋଜିତ ପୂର୍ବ ନିର୍ଦ୍ଧାରିତ ସରକାରୀ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଥିବାରୁ ସେ ରାମେଶ୍ୱରମ୍ କାର୍ଯ୍ୟକ୍ରରେ ଯୋଗଦେଇ ପାରିବେ ନାହିଁ ଏବଂ ତାଙ୍କ ତରଫରୁ ଅର୍ଥମନ୍ତ୍ରୀ ସାମିଲ ହେବେ ବୋଲି ଷ୍ଟାଲିନ ପୂର୍ବରୁ ସୂଚନା ଦେଇଥିଲେ।

## ବ୍ରିଜ୍‌ର ବିଶେଷତ୍ୱ

➡ଏହା ହେଉଛି ଭାରତରେ ଏହି ଧରଣର ପ୍ରଥମ ବ୍ରିଜ୍, ଯାହାର ୭୨.୭ ମିଟର ବିଶିଷ୍ଟ ନାଭିଗେଶନାଲ ସ୍ପାନ୍‌କୁ ୧୭ ମିଟର ପର୍ଯ୍ୟନ୍ତ ଉଠାଯାଇପାରିବ। ଏହାଦ୍ୱାରା ବ୍ରିଜ୍ ତଳ ଦେଇ ବଡ଼ ଜାହାଜ ଯାତାୟାତ କରିପାରିବ।

➡ନୂଆ ବ୍ରିଜ୍‌ର ଉଚ୍ଚତା ପୂର୍ବ ବ୍ରିଜ୍ ତୁଳନାରେ ୩ ମିଟର ଅଧିକ ରଖାଯାଇଛି, ଯଦ୍ଦ୍ୱାରା ସାମୁଦ୍ରିକ ଯୋଗସୂତ୍ରତା ବୃଦ୍ଧିପାଇବ।

➡ଏହି ଢାଞ୍ଚାକୁ ୨ଟି ଟ୍ରାକ୍ ପାଇଁ ଡିଜାଇନ୍ କରାଯାଇଛି। ତେବେ ଉକ୍ତ ସୁପରଷ୍ଟ୍ରକ୍ଚରରେ ପ୍ରଥମେ ଗୋଟିଏ ଲାଇନ୍ ନିର୍ମାଣ କରାଯାଇଛି।

➡ଏହାର ଆପ୍ରୋଚ୍‌ରେ ୧୮.୩ ମିଟର ଷ୍ଟିଲ୍ ପ୍ଲେଟ୍‌ର ୮୮ଟି ସ୍ପାନ୍ ରହିଛି।

➡ରେଳ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନାନୁସାରେ ଏହି ବ୍ରିଜ୍ ନିର୍ମାଣରେ ଷ୍ଟେନ୍‌ଲେସ୍ ଷ୍ଟିଲ, ଉଚ୍ଚ ଗୁଣବତ୍ତା ସମ୍ପନ୍ନ ପ୍ରୋଟେକ୍ଟିଭ୍ ପେଣ୍ଟ ବ୍ୟବହାର କରାଯାଇଛି।

➡ସ୍ଥାୟିତ୍ୱକୁ ଦୃଷ୍ଟିରେ ରଖି ଏଥିରେ ଆଧୁନିକ ସାମଗ୍ରୀ ଓ ଇଞ୍ଜିନିୟରିଂ କୌଶଳର ଉପଯୋଗ କରାଯାଇଛି।

➡ସେହିପରି ସମୁଦ୍ରର ଲୁଣି ଜଳବାୟୁ ଓ ପ୍ରତିକୂଳ ପରିବେଶରୁ ଏହାକୁ ସୁରକ୍ଷିତ ରଖିବା ପାଇଁ ବ୍ରିଜ୍‌ରେ ପଲିସିଲୋକ୍ସେନ୍ ପ୍ରୋଟେକ୍ଟସର ଏକ ସ୍ୱତନ୍ତ୍ର କୋଟିଂ ଦିଆଯାଇଛି।

➡ଆମେରିକାର ଗୋଲ୍ଡେନ୍ ବ୍ରିଜ, ଲଣ୍ଡନ୍‌ର ଟାୱାର ବ୍ରିଜ୍ ଏବଂ ଡେନ୍‌ମାର୍କ-ସୁଇଡେନ୍‌ର ଓରେସଣ୍ଡ ବ୍ରିଜ୍ ଭଳି ବୈଶ୍ୱିକ ସ୍ୱୀକୃତିପ୍ରାପ୍ତ ସେତୁଗୁଡ଼ିକ ସହ ନୂଆ ପମ୍ବନ ବ୍ରିଜ୍‌ର ସାମଞ୍ଜସ୍ୟ ରହିଛି।

# ଗ୍ୟାରେଣ୍ଟି ମାଗିଲେ ଷ୍ଟାଲିନ୍, ତାମିଲ ପାଠ ପଢ଼ାଇଲେ ମୋଦି

■ଆସନ୍ତାବର୍ଷ ବିଧାନସଭା ନିର୍ବାଚନ

■ପ୍ରଧାନମନ୍ତ୍ରୀଙ୍କୁ କ୍ଷମା ମାଗନ୍ତୁ ମୁଖ୍ୟମନ୍ତ୍ରୀ: ଭାଜପା

ରାମେଶ୍ୱରମ୍,୬।୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରୀଲଙ୍କାରୁ ରବିବାର ତାମିଲନାଡୁକୁ ଫେରି ରାମେଶ୍ୱରମ୍‌ରେ ପମ୍ବନ ବ୍ରିଜ୍‌ର ଲୋକାର୍ପଣ ସହ ଅନ୍ୟ କେତେକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରୁଥିବାବେଳେ ରାଜ୍ୟର ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କୁ ଏହି କାର୍ଯ୍ୟକ୍ରମରେ ଦେଖିବାକୁ ମିଳି ନ ଥିଲା। ଷ୍ଟାଲିନ୍ ହିଲଟାଉନ୍ ଉଧଗମଣ୍ଡଲମ୍‌ରେ କେତେକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଉଭୟେ ନିଜ ନିଜ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରସଙ୍ଗରେ ପରସ୍ପରକୁ ଟାର୍ଗେଟ କରିଥିବା ଦେଖିବାକୁ ମିଳିଥିଲା। ଆସନ୍ତାବର୍ଷ ବିଧାନସଭା ନିର୍ବାଚନ ହେବାକୁ ଥିବା ତାମିଲନାଡୁରେ ଏହି ବିଷୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ଅଧୀନ ୩ ଭାଷା ସୂତ୍ର ବଳରେ ତାମିଲନାଡୁ ଉପରେ ହିନ୍ଦୀକୁ ଜବରଦସ୍ତି ଲଦିଦେବା, କେନ୍ଦ୍ର ପ୍ରସ୍ତାବିତ ସଂସଦୀୟ କ୍ଷେତ୍ର ସୀମା ପୁନଃ ନିର୍ଦ୍ଧାରଣ (ଡିଲିମିଟେଶନ୍), ସଂଘୀୟ ସହଯୋଗିତା (କୋ-ଅପରେଟିଭ୍ ଫେଡେରାଲିଜମ୍), କେନ୍ଦ୍ରରୁ ରାଜ୍ୟକୁ ପାଣ୍ଠି ଆବଣ୍ଟନରେ ବୈମାତୃକ ମନୋଭାବ ଆଦିକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଛି। ବିଶେଷକରି ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେ ସୁପ୍ରିମୋ ଏମ୍.କେ. ଷ୍ଟାଲିନ୍ ଏହି ପ୍ରସଙ୍ଗଗୁଡ଼ିକୁ ଉଠାଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରୁଛନ୍ତି। ଏଭଳି ସମୟରେ ଷ୍ଟାଲିନ୍ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ନ ଯିବା ଯେତିକି ଆଶ୍ଚର୍ଯ୍ୟକର ନୁହେଁ, ତା'ଠୁ ବେଶି ଚର୍ଚ୍ଚାର ବିଷୟ ହୋଇଛି ସେ ମୋଦିଙ୍କୁ ଗ୍ୟାରେଣ୍ଟି ମାଗିବା ପ୍ରସଙ୍ଗ। ଉଧଗମଣ୍ଡଲମ୍(ଉଟି)ର ଏକ ସାଧାରଣ ସଭାକୁ ସମ୍ବୋଧିତ କରି ଷ୍ଟାଲିନ୍ କହିଛନ୍ତି, ପ୍ରସ୍ତାବିତ ଡିଲିମିଟେଶନ୍ ପ୍ରକ୍ରିୟାକୁ ନେଇ ତାମିଲନାଡୁବାସୀଙ୍କ ମନରେ ରହିଥିବା ଭୟକୁ ପ୍ରଧାନମନ୍ତ୍ରୀ ପ୍ରଥମେ ଦୂର କରିବା ଉଚିତ। ତାମିଲନାଡୁର ଅଧିକାରଗୁଡ଼ିକୁ ସୁରକ୍ଷା ଦେବା ପାଇଁ ପାର୍ଲାମେଣ୍ଟରେ ଏକ ସଂକଳ୍ପନାମା ପାରିତ କରାଯିବ ବୋଲି ମୋଦି ସୁନିଶ୍ଚିତ କରିବା ଜରୁରୀ। ଏଥିପାଇଁ ଆବଶ୍ୟକ ସମ୍ବିଧାନ ସଂଶୋଧନ ମଧ୍ୟ କରନ୍ତୁ। ଏହା ହିଁ ଉପଯୁକ୍ତ ଡିଲିମିଟେଶନ୍ ସୁନିଶ୍ଚିତ କରିବାର ଏକମାତ୍ର ପନ୍ଥା। ପ୍ରଧାନମନ୍ତ୍ରୀ ଏପରି କରିବେ ବୋଲି ଆଶାବାଦୀ ଥିବା ଷ୍ଟାଲିନ୍ କହିଛନ୍ତି। ଷ୍ଟାଲିନ୍ ଆହୁରି କହିଛନ୍ତି, ତାମିଲନାଡୁ ଓ ଅନ୍ୟ ରାଜ୍ୟଗୁଡ଼ିକ ଜନସଂଖ୍ୟା ନିୟନ୍ତ୍ରଣରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବାରୁ ସେମାନଙ୍କୁ ଡିଲିମିଟେଶନ୍ ପ୍ରକ୍ରିୟା କାର୍ଯ୍ୟକାରୀ ବେଳେ ଦଣ୍ଡିତ କରାଯିବା ଅନୁଚିତ। ସଂସଦୀୟ ଆସନର ଭାଗ ଊଣା କରା ନ ଯାଉ ବୋଲି ଷ୍ଟାଲିନ୍ କହିବା ସହ ଏକ୍ସ'ରେ ମଧ୍ୟ ଉଲ୍ଲେଖ କରିଛନ୍ତି।

ସେପଟେ ପ୍ରଧାନମନ୍ତ୍ରୀ ରାମେଶ୍ୱରମ୍‌ରେ ଦେଶର ପ୍ରଥମ ଭର୍ଟିକାଲ ଲିଫ୍ଟ ରେଳସେତୁ ଉଦ୍‌ଘାଟନ ଅବସରରେ ଆୟୋଜିତ ସଭାକୁ ସମ୍ବୋଧିତ କରି କହିଛନ୍ତି, କେନ୍ଦ୍ର ସରକାର ବର୍ଦ୍ଧିତ ପାଣ୍ଠି ଦେବା ସତ୍ତ୍ୱେ କେତେଜଣ ବ୍ୟକ୍ତି ପାଣ୍ଠି ପାଇଁ ଚିତ୍କାର କରୁଛନ୍ତି। ଭିତ୍ତିଭୂମି ବିକାଶରେ ତାମିଲନାଡୁକୁ ଗୁରୁତ୍ୱ ଦିଆଯାଉଛି। ଗତ ୧୦ ବର୍ଷ ମଧ୍ୟରେ କେନ୍ଦ୍ର ତାମିଲନାଡୁକୁ ୨୦୧୪ ପୂର୍ବର ଉପା ସରକାର ତୁଳନାରେ ୩ ଗୁଣା ଅଧିକ ପାଣ୍ଠି ପ୍ରଦାନ କରିଛନ୍ତି। ସେହିପରି ରେଲୱେ କ୍ଷେତ୍ରରେ ୭ ଗୁଣା ଅଧିକ ପାଣ୍ଠି ଦିଆଯାଇଛି। ଏହାସତ୍ତ୍ୱେ ବିନା କୌଣସି ଯଥାର୍ଥତାରେ କେତେଜଣ ବ୍ୟକ୍ତି ଲଗାତର ଅଭିଯୋଗ କରୁଛନ୍ତି, ଯାହାକି ଦୁର୍ଭାଗ୍ୟଜନକ। ମୋଦି ଆହୁରି କହିଛନ୍ତି, ରାଜ୍ୟରେ ତାମିଲ ଭାଷାର ଅଧିକ ବ୍ୟବହାର କରାଯିବା ଉଚିତ। ବିଶେଷକରି ମେଡିକାଲ ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାର ଏହାକୁ ଗୁରୁତ୍ୱ ଦେବା କଥା। କିନ୍ତୁ ତାମିଲନାଡୁର ନେତାମାନେ ପାଣ୍ଠି ମାଗିବାବେଳେ ପତ୍ରରେ ଇଂଲିଶ୍ ଭାଷାରେ ଦସ୍ତଖତ ଦେଉଛନ୍ତି। ନିଜ ଦସ୍ତଖତ ଅନ୍ତତଃ ତାମିଲରେ ଦିଅନ୍ତୁ। ଇଂଲିଶ୍‌ରେ ଲେଖିବାବେଳେ ସେମାନଙ୍କ ତାମିଲ ଅସ୍ମିତା କେଉଁଠି ହଜିଯାଉଛି ବୋଲି ପ୍ରଧାନମନ୍ତ୍ରୀ ପ୍ରଶ୍ନ କରିଛନ୍ତି। ସେହିପରି ଷ୍ଟାଲିନ୍ ଉକ୍ତ କାର୍ଯ୍ୟକ୍ରମକୁ ବର୍ଜନ କରିବା ପ୍ରଧାନମନ୍ତ୍ରୀଙ୍କ ପ୍ରତି ଅପମାନ ଦର୍ଶାଇ ରାଜ୍ୟ ଭାଜପା ସଭାପତି କେ. ଆନ୍ନାମଲାଇ ତାଙ୍କଠାରୁ କ୍ଷମା ଦାବି କରିଛନ୍ତି।


ନୀଲଗିରିସ୍ ଜିଲାରେ ଆୟୋଜିତ ସଭାରେ ଲୋକଙ୍କ ଗହଣରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍।

# ଆମେରିକାରେ ଝଡ଼ବାତ୍ୟା: ୧୬ ମୃତ

ଡିୟର୍ସବର୍ଗ,୬।୪

ଆମେରିକାର ଦକ୍ଷିଣ ଓ ମଧ୍ୟପଶ୍ଚିମ ଅଞ୍ଚଳରେ ଶନିବାର ରାତିରୁ ଲାଗିରହିଥିବା ଭୀଷଣ ଝଡ଼ବାତ୍ୟା ଓ ଅଚାନକ ବନ୍ୟା ଯୋଗୁ ଅନ୍ୟୂନ ୧୬ ଜଣଙ୍କ ମୃତ୍ୟୁ ଘଟିଛି। ପ୍ରବଳ ବର୍ଷା ଯୋଗୁ ଅନେକ ଅଞ୍ଚଳ ଜଳାର୍ଣ୍ଣବ ହୋଇ ରହିଛି। ଆଲାବାମା ଏବଂ ମିସିସିପିରେ ବାତ୍ୟା ଏବଂ କେଣ୍ଟୁକି, ମିସିସିପି ଓ ଟେନେସିରେ ବର୍ଷାଜନିତ ବନ୍ୟା ହେବାର ସତର୍କ ସୂଚନା ଜାରି କରାଯାଇଥିଲା। ପ୍ରବଳ ବର୍ଷା ଯୋଗୁ ନଦୀଗୁଡ଼ିକରେ ବନ୍ୟା ଆସି ଟେକ୍ସାସରୁ ଓହିଓ ଜରୁରୀ ସ୍ଥିତି ସୃଷ୍ଟି କରିଛି। କେବଳ ଟେନେସିରେ ୧୦ ଜଣ ପ୍ରାଣ ହରାଇଛନ୍ତି। ବାତ୍ୟା ଯୋଗୁ ଶନିବାର ୫୨୧ଟି ବିମାନ ଉଡ଼ାଣ ବାତିଲ ହୋଇଥିବାବେଳେ ୬,୪୦୦ରୁ ଊର୍ଦ୍ଧ୍ୱ ଉଡ଼ାଣ ବିଳମ୍ବିତ ହୋଇଥିଲା। ରବିବାର ମଧ୍ୟ ୭୪ ବିମାନ ବାତିଲ ଓ ୪୭୮ଟି ବିଳମ୍ବିତ ହୋଇଛି।

# ଆଜି ଟ୍ରମ୍ପଙ୍କୁ ଭେଟିବେ ନେତାନ୍ୟାହୁ

## ଗାଜାରେ ୨୪ ମୃତ

ଡେର୍ ଅଲ୍ ବଲାହ, ୬।୪





ୱାଶିଂଟନରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ମଧ୍ୟରେ ସୋମବାର ଦ୍ୱିପାକ୍ଷିକ ଆଲୋଚନା ହେବାକୁ ଯାଉଛି। ଏହି ଅବସରରେ ଉଭୟ ନେତାଙ୍କ ମଧ୍ୟରେ ଗାଜା ଏବଂ ଟାରିଫ ପ୍ରସଙ୍ଗକୁ ନେଇ ଆଲୋଚନା ହେବ। ତେବେ ଏହାର ଠିକ୍ ପୂର୍ବରୁ ରବିବାର ଇସ୍ରାଏଲ ପକ୍ଷରୁ ଗାଜାରେ ଆକ୍ରମଣ କରାଯାଇଛି, ଯେଉଁଥିରେ ୨୪ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୧୧ ମହିଳା ଓ ୭ ଶିଶୁ ରହିଛନ୍ତି। ଦକ୍ଷିଣ ଗାଜାର ଖାନ୍ ୟୁନୁସଠାରେ ଥିବା ଏକ ଟେଣ୍ଟ୍‌ରେ ଇସ୍ରାଏଲ ଆକ୍ରମଣରେ ୫ ପୁରୁଷ, ୫ ମହିଳା ଓ ୫ ଶିଶୁଙ୍କ ମୃତ୍ୟୁ ଘଟିଥିବା ନେଇ ସ୍ଥାନୀୟ ଅଧିକାରୀ କହିଛନ୍ତି। ନାସେର ହସ୍ପିଟାଲରେ ସମସ୍ତ ମୃତଦେହ ରହିଛି। ମୃତକଙ୍କ ମଧ୍ୟରେ ଜଣେ ମହିଳା ଖବରଦାତା ରହିଛନ୍ତି। ସେହିପରି ଉତ୍ତର ଗାଜାର ଜାବାଲିୟା ଶରଣାର୍ଥୀ ଶିବିରରେ ଇସ୍ରାଏଲର ସେଲ୍ ମାଡ଼ରେ ଜଣେ ଶିଶୁ ଓ ୩ ମହିଳାଙ୍କ ମୃତ୍ୟୁ ଘଟିଛି। ଏନେଇ ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି। ଅନ୍ୟପକ୍ଷେ, ଇସ୍ରାଏଲ ଆକ୍ରମଣରେ ମଧ୍ୟ ଗାଜାର ଡେର୍ ଅଲ୍ ବଲାହରେ ଜଣେ ଶିଶୁ ଓ ୩ ମହିଳାଙ୍କୁ ମିଶାଇ ୫ ଜଣଙ୍କର ମୃତ୍ୟୁ ଘଟିଛି। ପ୍ରକାଶ ଯେ, ଗତ ମାସରେ ଇସ୍ରାଏଲ ହମାସ ସହ ଯୁଦ୍ଧ ବିରାମକୁ ସମାପ୍ତ କରିଥିଲା ଏବଂ ଗାଜାରେ ପୁଣିଥରେ ନିଜ ବାୟୁ ଏବଂ ସ୍ଥଳଭାଗ ଅପରେଶନକୁ ଆରମ୍ଭ କରିଥିଲା।

# ଅନଶନ ଭାଙ୍ଗିଲେ କୃଷକ ନେତା ଡାଲେୱାଲ

ଚଣ୍ଡିଗଡ଼,୬।୪


ଜଗଜିତ୍ ସିଂ ଡାଲେୱାଲ

ପଞ୍ଜାବର ବରିଷ୍ଠ କୃଷକ ନେତା ଜଗଜିତ୍ ସିଂ ଡାଲେୱାଲ ଦୀର୍ଘ ୧୩୧ ଦିନ ପରେ ରବିବାର ଅନଶନ ଭାଙ୍ଗିଛନ୍ତି। ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଆଇନଗତ ଗ୍ୟାରେଣ୍ଟି ସମେତ ଆନ୍ଦୋଳନରତ ଚାଷୀଙ୍କ ବିଭିନ୍ନ ଦାବି ନେଇ ସରକାରଙ୍କ ଉପରେ ଚାପ ପକାଇବାକୁ ଗତବର୍ଷ ନଭେମ୍ବର ୨୬ରୁ ସେ ଆମରଣ ଅନଶନରେ ବସିଥିଲେ। କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ଏବଂ ରେଳ ରାଷ୍ଟ୍ରମନ୍ତ୍ରୀ ରଭନୀତ ସିଂ ବିଟ୍ଟୁ ଶନିବାର ଡାଲେୱାଲଙ୍କୁ ଭେଟି ଅନଶନ ଭାଙ୍ଗିବା ପାଇଁ ନିବେଦନ କରିଥିଲେ। ପଞ୍ଜାବର ଫତେଗଡ଼ ସାହିବ ଜିଲାର ସିରହିନ୍ଦଠାରେ ଆୟୋଜିତ କିଷାନ ମହାପଞ୍ଚାୟତରେ ଡାଲେୱାଲ ଅନଶନ ଭାଙ୍ଗିବା ସମ୍ପର୍କରେ ଘୋଷଣା କରିଛନ୍ତି। ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣରାଜନୈତିକ) ଏବଂ କିଷାନ ମଜଦୁର ମୋର୍ଚ୍ଚା (କେଏମ୍ଏମ୍) ମିଳିତ ଫୋରମ୍‌ର ବରିଷ୍ଠ ନେତା ଡାଲେୱାଲ ଚାଷୀମାନଙ୍କୁ କହିଛନ୍ତି, ଆପଣମାନେ ମୋତେ ଅନଶନ ଭାଙ୍ଗିବା ପାଇଁ କହୁଥିଲେ। ଆପଣମାନଙ୍କ ଭାବନାକୁ ସମ୍ମାନ ଦେଇ ନିର୍ଦ୍ଦେଶକୁ ଗ୍ରହଣ କରୁଛି ବୋଲି ଡାଲେୱାଲ କହିଛନ୍ତି।

# ଇସ୍ରାଏଲ୍‌ରେ ବ୍ରିଟେନ୍‌ର ୨ ଏମ୍‌ପି ଅଟକ

ଲଣ୍ଡନ,୬।୪

ସଂସଦୀୟ ପ୍ରତିନିଧି ଭାବେ ୱେଷ୍ଟବ୍ୟାଙ୍କକୁ ପ୍ରସ୍ତାବିତ ଗସ୍ତରେ ଯାଇଥିବା ବ୍ରିଟେନ୍ ଲେବର ପାର୍ଟିର ୨ ଜଣ ଏମ୍‌ପିଙ୍କୁ ଇସ୍ରାଏଲ୍ ପ୍ରବେଶ ଅନୁମତି ଦେଇନାହିଁ। ୨ ପାର୍ଲାମେଣ୍ଟ ସଦସ୍ୟ ଅବଟିସାମ୍ ମହମ୍ମଦ ଏବଂ ୟୁଆନ୍ ୟାଙ୍ଗ୍‌ଙ୍କୁ ଅଟକ ରଖିବା ଗ୍ରହଣୀୟ ନୁହେଁ ବୋଲି ବ୍ରିଟିଶ ସରକାର କହିଛନ୍ତି। ଏଭଳି ଅଭୂତପୂର୍ବ ପଦକ୍ଷେପ ସେମାନଙ୍କୁ ବିସ୍ମିତ କରିଥିବା ୨ ଏମ୍‌ପି ସୋସିଆଲ ମିଡିଆରେ ଏକ ମିଳିତ ବିବୃତି ପୋଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଇସ୍ରାଏଲ୍ ଆପ୍ରବାସନ କର୍ତ୍ତୃପକ୍ଷ କହିଛନ୍ତି, ଇସ୍ରାଏଲ୍ ବିରୋଧରେ ଘୃଣିତ ଭାଷଣ ପ୍ରସାର କରିବା ବ୍ରିଟେନ୍ ଏମ୍‌ପିଙ୍କ ଉଦ୍ଦେଶ୍ୟ ଥିବାରୁ ସେମାନଙ୍କୁ ପ୍ରବେଶ ଅନୁମତି ଦିଆଯାଇ ନାହିଁ।

# ପଶ୍ଚିମବଙ୍ଗ: ରାମନବମୀ ଶୋଭାଯାତ୍ରା ବେଳେ ଉତ୍ତେଜନା

କୋଲକାତା,୬।୪

ପଶ୍ଚିମବଙ୍ଗରେ ରାମନବମୀ ଉତ୍ସବ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ ଶୋଭାଯାତ୍ରାରେ ଅସ୍ତ୍ର ଧରି ସାମିଲ ହେବାକୁ ନେଇ ରାଜନୈତିକ ଉତ୍ତେଜନା ଦେଖାଦେଇଛି। ଏହାକୁ ନେଇ ଭାଜପା ଏବଂ ଶାସକ ତୃଣମୂଳ କଂଗ୍ରେସ ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। କେବଳ କୋଲକାତାରେ ୭୦ରୁ ଊର୍ଦ୍ଧ୍ୱ ରାଲି ହୋଇଥିବାରୁ ପ୍ରାୟ ୫,୦୦୦ ପୋଲିସ ମୁତୟନ ହେବା ସହ ସ୍ଥିତି ଉପରେ ନଜର ରଖିବା ଲାଗି ଡ୍ରୋନ୍ ଏବଂ ସିସିଟିଭି ଲଗାଯାଇଥିଲା। ଏଣ୍ଟାଲି, କୋସିପୋରେ, ଖିଦ୍ଦିରପୁର ଏବଂ ଚିତ୍‌ପୋର ଭଳି ସମ୍ବେଦନଶୀଳ ଅଞ୍ଚଳରେ ଦ୍ରୁତ କାର୍ଯ୍ୟାନୁଷ୍ଠାନ ଟିମ୍‌କୁ ରଖାଯାଇଥିଲା। ରବିବାର ସକାଳୁ ସାରା ରାଜ୍ୟରେ ଶୋଭାଯାତ୍ରା, ଭକ୍ତି ସଙ୍ଗୀତ ଓ ଗୈରିକ ପତାକା ସହ ରାମାୟଣ ଦୃଶ୍ୟ ଥିବା ପ୍ରଜ୍ଞାପନ ମେଢ଼ ଦେଖିବାକୁ ମିଳିଥିବାବେଳେ କେତେକ ରାଲିରେ ଅସ୍ତ୍ର ପ୍ରଦର୍ଶନ କରାଯାଇଥିଲା। ମାଲଦାର ରାମକ୍ରିଷ୍ଣପାଲି ମଇଦାନରୁ ଆରମ୍ଭ ହୋଇଥିବା ବିଶାଳ ଶୋଭାଯାତ୍ରାରେ ଭାଗନେଇଥିବା ଲୋକେ ଖୋଲାଖୋଲି ଖଣ୍ଡା ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ହଲାଉଥିବା ଦେଖାଯାଇଥିଲା। ହାଓ୍ୱଡ଼ାର ସଙ୍କରେଲରେ ମଧ୍ୟ ଅନୁରୂପ ଦୃଶ୍ୟ ଦେଖିବାକୁ ମିଳିଥିଲା। ଉତ୍ସବ ସର୍ତ୍ତାବଳୀର ଉଲ୍ଲଂଘନ କରିଥିବା ଲୋକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି। ତେବେ ଧର୍ମୀୟ ଶୋଭାଯାତ୍ରାରେ ଅସ୍ତ୍ର ଧରିବା ସପକ୍ଷରେ ଭାଜପାର ବରିଷ୍ଠ ନେତା ଦିଲୀପ ଘୋଷ ମନ୍ତବ୍ୟ ଦେଇ ବିବାଦ ସୃଷ୍ଟି କରିଛନ୍ତି। ଉତ୍ସବକୁ ଜବରଦସ୍ତ ବନ୍ଦ କରାଯିବା ଉଦ୍ୟମକୁ ବରଦାସ୍ତ କରାଯିବ ନାହିଁ ବୋଲି ଭାଜପା ରାଜ୍ୟ ସଭାପତି ସୁକାନ୍ତ ମଜୁମ୍‌ଦାର କହିଛନ୍ତି।


ରାମନବମୀ ଉତ୍ସବ ଶୋଭାଯାତ୍ରାରେ ପଶ୍ଚିମବଙ୍ଗ ଭାଜପା ସଭାପତି ସୁକାନ୍ତ ମଜୁମଦାର ଓ ଅନ୍ୟ ନେତାମାନେ ସାମିଲ ହୋଇଛନ୍ତି।


# ମାଲେଗାଁଓ ବିସ୍ଫୋରଣ ମାମଲା ରାୟ ପୂର୍ବରୁ ବିଚାରପତିଙ୍କ ବଦଳି

ମୁମ୍ବାଇ,୬।୪

୨୦୦୮ ମାଲେଗାଁଓ ବିସ୍ଫୋରଣ ମାମଲାର ରାୟ ପୂର୍ବରୁ ଏହାର ବିଚାର କରୁଥିବା ସ୍ୱତନ୍ତ୍ର ଏନ୍ଆଇଏ କୋର୍ଟ ବିଚାରପତି ଏ.କେ. ଲାହୋଟିଙ୍କୁ ନାଶିକ ବଦଳି କରାଯାଇଛି। ମାଲେଗାଁଓ ବିସ୍ଫୋରଣ ମାମଲାର ୧୭ ବର୍ଷ ମଧ୍ୟରେ ଲାହୋଟି ୫ମ ବିଚାରପତି, ଯିଏ କି ବଦଳି ହୋଇଛନ୍ତି। ଏହି ମାମଲାରେ ଭାଜପାର ପୂର୍ବତନ ଏମ୍‌ପି ପ୍ରଜ୍ଞା ସିଂ ଠାକୁର, ଲ୍ୟୁଟ୍‌ନାଣ୍ଟ କଲୋନେଲ ପ୍ରସାଦ ପୁରୋହିତ, ଅବସରପ୍ରାପ୍ତ ମେଜର ରମେଶ ଉପାଧ୍ୟାୟ, ଅଜୟ ରହିରକର, ସୁଧାକର ଦ୍ୱିବେଦୀ, ସୁଧାକର ଚତୁର୍ବେଦୀ ଏବଂ ସମୀର କୁଲ୍‌କର୍ଣ୍ଣି ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ) ଏବଂ ଆଇପିସିର ବିଭିନ୍ନ ଧାରାରେ ବିଚାରର ସମ୍ମୁଖୀନ ହୋଇଛନ୍ତି। ଲାହୋଟିଙ୍କ ବଦଳି ଯୋଗୁ ନ୍ୟାୟ ମିଳିବା ଆହୁରି ବିଳମ୍ବ ହେବ।



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ଡିଓଜିଇ ମୁଖ୍ୟ ଏଲନ୍ ମସ୍କଙ୍କ ବିରୋଧରେ କାଲିଫର୍ନିଆର ଲସ୍‌ଏଞ୍ଜେଲେସ୍‌ରେ ଆୟୋଜିତ ବିକ୍ଷୋଭ ଶୋଭାଯାତ୍ରାରେ ସାମିଲ ହୋଇଥିବା ଜଣେ ବ୍ୟକ୍ତି।



ଶ୍ରୀରାମ ନବମୀ ଅବସରରେ ରବିବାର ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ରାମମନ୍ଦିରରେ ରାଜ୍ୟପାଳ ହରି ବାବୁ କମ୍ଭମପାଟି ସସ୍ତ୍ରୀକ ପ୍ରଭୁ ଶ୍ରୀରାମଙ୍କୁ ଦର୍ଶନ କରୁଛନ୍ତି। (ଫଟୋ: ମନୋରଞ୍ଜନ ମିଶ୍ର)

# କୋଟିଆ ସରକାରୀ ଜମିରେ ପ୍ରକଳ୍ପ କରି ଲାଭ ଉଠାଉଛି ଆନ୍ଧ୍ର

**ପଟ୍ଟାଙ୍ଗି, ୬।୪(ଶରତ କୁମାର ଧଳ)**

ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଗ୍ରାମଗୁଡ଼ିକରେ ରହିଥିବା ସରକାରୀ ଜମିର ସୁରକ୍ଷା ରାଜସ୍ୱ ବିଭାଗର ଦାୟିତ୍ୱ। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ସରକାରୀ ଜମି ସବୁରେ ଆନ୍ଧ୍ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକରି ସୀମାନ୍ତବାସୀଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରୁଥିବା ଅଭିଯୋଗ ହେଉଛି। ଏହିସବୁ ଗ୍ରାମରେ ସେମାନେ ଉନ୍ନୟନ କାମ କରିବାକୁ କିଭଳି, କାହାଠାରୁ ଅନୁମତି ପାଉଛନ୍ତି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ଏଥିସହ ସୁପ୍ରିମକୋର୍ଟ ୨ ରାଜ୍ୟକୁ ସ୍ଥିତାବସ୍ଥା ଜାରିକରି ପାର୍ଲାମେଣ୍ଟାରି କମିଟି ଗଠନ କରି ସୀମା ବିବାଦ ସମାଧାନ କରିବା ନେଇ ନିର୍ଦ୍ଦେଶ ଦେଇଥିବାବେଳେ ତାହା କାର୍ଯ୍ୟକାରୀ ହେଉ ନ ଥିବା ସୁଯୋଗ ଉଠାଇ ପଡ଼ୋଶୀ ଆନ୍ଧ୍ର-ଓଡ଼ିଶାର ସୀମାନ୍ତ ଗ୍ରାମରେ ନିୟମିତ ଅନୁପ୍ରବେଶ କରୁଥିବା ଅଭିଯୋଗ ହୋଇଛି।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ କୋଟିଆ ପଞ୍ଚାୟତ ସୀମାନ୍ତ ଗ୍ରାମଗୁଡ଼ିକରେ ରହିଛି ଅନେକ ସରକାରୀ ଜମି। ସେଠାରେ ପଡ଼ୋଶୀ ଆନ୍ଧ୍ରର ସରକାରୀ କର୍ମଚାରୀ, ଅଧିକାରୀ ନିୟମିତ ଅନୁପ୍ରବେଶକରି ଉକ୍ତ ଜମିଗୁଡ଼ିକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରୁଛନ୍ତି। କୋଟିଆ ପଞ୍ଚାୟତ ତାଡ଼ିବାଲସା, ଧୂଳିପଦର ଓ ଅନ୍ୟ ସୀମାନ୍ତ ଗ୍ରାମରେ ଏପରି ବିଭିନ୍ନ ଉନ୍ନୟନ କାର୍ଯ୍ୟ କରାଯାଇଛି। ତାଡ଼ିବାଲସାରେ ଆନ୍ଧ୍ର ସରକାରୀ ଜମି ଚିହ୍ନଟ କରି ସେଠାରେ ସ୍ଥାୟୀ ବିଦ୍ୟାଳୟ ସ୍ଥାପନ ସହ ପିଲାଙ୍କୁ ଶିକ୍ଷାଦାନ କରୁଛି। ରାଜସ୍ୱ ବିଭାଗ ଏ ଦିଗରେ କୌଣସି ପଦକ୍ଷେପ ନ ନେବାରୁ ଆନ୍ଧ୍ର ରାଜ୍ୟ ସରକାର ଧୂଳିପଦର ଗ୍ରାମରେ ୨୦ ହଜାର ବିଶିଷ୍ଟ ପାଣିଟାଙ୍କି ନିର୍ମାଣ କାର୍ଯ୍ୟ ସାରିଛି। ଓଡ଼ିଶାର ରାଜସ୍ୱ ବିଭାଗର ନୀରବତା ପାଇଁ ଜିଲା ଏବଂ ବ୍ଲକ୍ ପ୍ରଶାସନର ଚିନ୍ତା ବଢ଼ିଛି।



ଧୂଳିପଦର ଗ୍ରାମରେ ଆନ୍ଧ୍ର ତିଆରି କରିଥିବା ପାଣିଟାଙ୍କି।

ପଟ୍ଟାଙ୍ଗି ତହସିଲରେ ୫ଟି ଆର୍‌ଆଇ ସର୍କଲ ରହିଛି। ୩ଟି ସର୍କଲରେ ସ୍ଥାୟୀ ରାଜସ୍ୱ ନିରୀକ୍ଷକ ଅଛନ୍ତି। କୋଟିଆ ପଞ୍ଚାୟତ ବା ସର୍କଲ ପାଇଁ କେହି ସ୍ଥାୟୀ ରାଜସ୍ୱ ନିରୀକ୍ଷକ ନ ଥିବାବେଳେ ଜଣେ ମାତ୍ର ଏଆର୍‌ଆଇ କାର୍ଯ୍ୟରତ ଅଛନ୍ତି। ପଟ୍ଟାଙ୍ଗି ସର୍କଲ ରାଜସ୍ୱ ନିରୀକ୍ଷକ କୋଟିଆ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ଜଣାପଡ଼ିଛି। ସେହିପରି କୋଟିଆ ପଞ୍ଚାୟତକୁ ନେଇ ଲାଗି ରହିଥିବା ବିବାଦ ତଦାରଖ କରିବା ପାଇଁ ଜଣେ ସ୍ଥାୟୀ ରାଜସ୍ୱ ନିରୀକ୍ଷକ, ରାଜସ୍ୱ ବିଭାଗରୁ ଜଣେ ପ୍ରଶାସନିକ ସ୍ତରର ଅଧିକାରୀଙ୍କୁ ଉକ୍ତ ପଞ୍ଚାୟତ ପାଇଁ ସ୍ୱତନ୍ତ୍ର ଦାୟିତ୍ୱ ଦେବା ଆବଶ୍ୟକ। ନ ହେଲେ ଏହିପରି ବିବାଦ ଲାଗି ରହିବ। ଏଥିସହ କୌଣସି ସମାଧାନର ବାଟ ବାହାରିବା ତ ଦୂରର କଥା ପଡ଼ୋଶୀ ଆନ୍ଧ୍ର ତା'ର ଲକ୍ଷ୍ୟ ଜାରି ରଖିବ ଏଥିରେ ସନ୍ଦେହ ନାହିଁ ବୋଲି ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ କହିଛନ୍ତି। ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କୁ ପଚାରିବାରୁ କୋଟିଆ ପଞ୍ଚାୟତର ବିବାଦୀୟ ୨୧ ଖଣ୍ଡ ଗ୍ରାମରେ ରହିଥିବା ସରକାରୀ ଜମିର କୌଣସି ଖାତା ବା ପ୍ଲଟ୍ ନମ୍ବର ନାହିଁ। ତେଣୁ ସରକାରୀ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ହେଉନାହିଁ। ଉପରିସ୍ଥ ଅଧିକାରୀଙ୍କଠାରୁ ଯେପରି ନିର୍ଦ୍ଦେଶ ଆସୁଛି ସେହିପରି ପଦକ୍ଷେପ ଗ୍ରହଣ କରିବାକୁ ପଡୁଛି ବୋଲି ସେ ମତ ଦେଇଛନ୍ତି।

# ଟାର୍ଗେଟ ପୂରଣ ନ ହେବାରୁ କୁକୁର ଭଳି ବ୍ୟବହାର

## ଭିଡିଓ ଭାଇରାଲ ପରେ କେରଳ ଶ୍ରମବିଭାଗର ତନାଘନା

**କୋଚି, ୬।୪**

କେରଳର କୋଚିସ୍ଥିତ ପେରୁମ୍ବୁରରେ ଥିବା ଏକ ପ୍ରାଇଭେଟ ମାର୍କେଟିଂ କମ୍ପାନୀର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଉକ୍ତ ଭିଡିଓରେ ଖରାପ ପ୍ରଦର୍ଶନ କରିଥିବା ଜଣେ କର୍ମଚାରୀଙ୍କୁ ଅମାନବୀୟ ବ୍ୟବହାର କରାଯାଉଥିବାର ଦେଖିବାକୁ ମିଳିଛି। ଟାର୍ଗେଟ ପୂରଣ କରିପାରି ନ ଥିବାରୁ ତାଙ୍କୁ କୁକୁର ସଜାଇ ଆଣ୍ଠୁରେ ଚାଲିବାକୁ ବାଧ କରାଯାଉଛି। ଭାଇରାଲ ଭିଡିଓରେ ଉକ୍ତ ବ୍ୟକ୍ତିଙ୍କ ବେକରେ ଡଗ୍ କଲାର ଚେନ୍ ବନ୍ଧା ହୋଇଥିବା ବେଳେ ସେ ତାଙ୍କ ଆଣ୍ଠୁ ବଳରେ କୁକୁର ପରି ଚାଲୁଥିବାର ଦେଖିବାକୁ ମିଳିଛି। ଏହି ଭିଡିଓ ଭାଇରାଲ ହେବା ପରେ ଘଟଣାକୁ ନେଇ କେରଳ ଶ୍ରମ ବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଘଟଣାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଏହାସହ ପୋଲିସ ଭାଇରାଲ ଭିଡିଓରେ ଥିବା କର୍ମଚାରୀଙ୍କ ବୟାନକୁ ମଧ୍ୟ ରେକର୍ଡ କରିଛି। ପୋଲିସ ସୂଚନା ଅନୁଯାୟୀ, ଭାଇରାଲ ହୋଇଥିବା ଭିଡିଓକୁ କମ୍ପାନୀର ଜଣେ ପୂର୍ବତନ ମ୍ୟାନେଜର ନିଜ ଫୋନ୍‌ରେ ଶୁଟ୍ କରିଛନ୍ତି। କମ୍ପାନୀ ମାଲିକଙ୍କ ସହ ତାଙ୍କର ପୁରୁଣା ତିକ୍ତତା ରହିଛି। ସେ କମ୍ପାନୀର କିଛି ନୂଆ ଟ୍ରେନି କର୍ମଚାରୀଙ୍କ ସହ ଏହି ଭିଡିଓକୁ ଶୁଟ୍ କରିଥିବା ପୋଲିସ କହିଛି।



ଅନ୍ୟପକ୍ଷରେ, କମ୍ପାନୀର କେତେଜଣ କର୍ମଚାରୀ ରବିବାର ଏକ ସ୍ଥାନୀୟ ଟିଭି ଚ୍ୟାନେଲକୁ କହିଛନ୍ତି, ଯେଉଁ କର୍ମଚାରୀମାନେ ଟାର୍ଗେଟ ପୂରଣରେ ବିଫଳ ହୁଅନ୍ତି, ସେମାନଙ୍କୁ କମ୍ପାନୀ ମ୍ୟାନେଜମେଣ୍ଟ ପକ୍ଷରୁ ଏହି ପ୍ରକାରର ବିଭିନ୍ନ ଅମାନବୀୟ ଦଣ୍ଡ ଦିଆଯାଏ। ତେବେ ରବିବାର ଘଟଣାକୁ ନେଇ ଏକ ନୂଆ ମୋଡ଼ ମଧ୍ୟ ସାମ୍ନାକୁ ଆସିଛି। ଭାଇରାଲ ଭିଡିଓରେ ନିର୍ଯାତିତ ହେଉଥିବା ବ୍ୟକ୍ତି ଜଣକ ସ୍ଥାନୀୟ ଗଣମାଧ୍ୟମକୁ କହିଛନ୍ତି, ତାଙ୍କୁ କମ୍ପାନୀ ପକ୍ଷରୁ କୌଣସି ନିର୍ଯାତନା ଦିଆଯାଇ ନାହିଁ। ସେ ଏବେ ମଧ୍ୟ ଉକ୍ତ କମ୍ପାନୀରେ କାମ କରୁଛନ୍ତି। ଭାଇରାଲ ଭିଡିଓଟି ୪ ମାସ ତଳର। ଏହି ଭିଡିଓକୁ କମ୍ପାନୀର ତତ୍କାଳୀନ ମ୍ୟାନେଜର ଜବରଦସ୍ତ ପ୍ରସ୍ତୁତ କରିଥିଲେ। ପରେ କମ୍ପାନୀ ମ୍ୟାନେଜମେଣ୍ଟ ପକ୍ଷରୁ ତାଙ୍କୁ ବାହାର କରି ଦିଆଯାଇଥିଲା, ଫଳରେ ଏବେ ସେ କମ୍ପାନୀ ମାଲିକଙ୍କୁ ବଦ୍‌ନାମ କରିବା ପାଇଁ ଉକ୍ତ ଭିଡିଓକୁ ଶେୟାର କରିଛନ୍ତି। ସେ ପୋଲିସ ଏବଂ ଶ୍ରମ ବିଭାଗର ଅଧିକାରୀଙ୍କୁ ଦେଇଥିବା ବୟାନରେ ମଧ୍ୟ ସମାନ କଥା କହିଛନ୍ତି। ଘଟଣାକୁ ନେଇ କେରଳର ଶ୍ରମମନ୍ତ୍ରୀ ଭି. ଶିଭନକୁଟ୍ଟି କହିଛନ୍ତି, ଭାଇରାଲ ଭିଡିଓଟି ଆଶ୍ଚର୍ଯ୍ୟକର ଏବଂ ହୃଦୟ ବିଦାରକ ମଧ୍ୟ। ଏପରି ଅମାନବୀୟ କାର୍ଯ୍ୟକୁ କେରଳ ପ୍ରଶ୍ରୟ ଦେବ ନାହିଁ। ଘଟଣାକୁ ନେଇ ତଦନ୍ତ ଆରମ୍ଭ ହୋଇଛି। ରିପୋର୍ଟ ପ୍ରସ୍ତୁତ କରିବାକୁ ଜିଲା ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କେରଳ ହାଇକୋର୍ଟର ଆଇନଜୀବୀ କୁଲଥୁର ଜୟସିଂଙ୍କ ଅଭିଯୋଗ ଆଧାରରେ ରାଜ୍ୟ ମାନବାଧିକାର ଆୟୋଗ ଘଟଣାକୁ କେନ୍ଦ୍ର କରି ଏକ ମାମଲା ରୁଜୁ କରିଛନ୍ତି।

# ବାଇକ୍‌କୁ ଧକ୍କା ଦେଲା ହାଇୱା, ୨ ମୃତ

**ସୋନପୁର,୬।୪(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଖାରୀ-ବଲାଡି ରାସ୍ତାରେ ରବିବାର ଅପରାହ୍ନରେ ଏକ ସଡକ ଦୁର୍ଘଟଣା ଘଟିଛି। ବଲାଡି ପୋଲ ନିକଟରେ ବାଇକ୍‌କୁ ଏକ ହାଇୱା ଧକ୍କା ଦେବା ଫଳରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ତରଭା ଥାନା ବଲାଡି ଗାଁର ଦୁର୍ଯ୍ୟୋଧନ ସୁନା(୪୫) ଓ ଶିବନାରାୟଣ ସାହୁ(୩୫)। ଆହତ ଧୃରୁକୁଟୁ କଲତା(୫୭)ଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ହାଇୱା ଡ୍ରାଇଭରଙ୍କ ବେପରୁଆ ଡ୍ରାଇଭିଂ ଯୋଗୁ ଏହି ଦୁର୍ଘଟଣା ଘଟିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଡ୍ରାଇଭରଙ୍କୁ ଗିରଫ କରିବା ସହ ମୃତକଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ବଲାଡିଠାରେ ରାସ୍ତାରୋକୋ କରିଛନ୍ତି। ଖବରପାଇ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କେ.କେ. ହରିପ୍ରସାଦ, ସୋନପୁର ଉପଜିଲାପାଳ ଡ. ସୌମ୍ୟରୂପା ରଥ, ସୋନପୁର ବିଡିଓ ସଞ୍ଜୀବ ସାହୁ, ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରୁଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ରାସ୍ତାରୋକୋ ଜାରି ରହିଛି।

ସୂଚନା ଅନୁଯାୟୀ ବଲାଡି ଗାଁର ଦୁର୍ଯ୍ୟୋଧନ ସୁନା ଓ ଧୃରୁକୁଟୁ କଲତା ବସ୍‌ରେ ଆସି ଖାରୀ ଛକରେ ଓହ୍ଲାଇଥିଲେ। ଶିବନାରାୟଣ ଉଭୟଙ୍କୁ ନିଜ ବାଇକ୍ (ନଂ. ଓଡି୩୧ଏଫ-୨୭୪୫)ରେ ବଲାଡି ନେଉଥିଲେ। ତେବେ ତିନି ଜଣ ଗାଁରେ ପହଞ୍ଚିବା ଠିକ୍ ପୂର୍ବରୁ ଦୁର୍ଘଟଣା ଘଟିଥିଲା।

# ଅନୁକୂଳ ହେଲା ରଥକାଠ ଚିରଟ



ଖପୁରିଆସ୍ଥିତ ସରକାରୀ ସ' ମିଲ୍‌ରେ ରଥକାଠ ଚିରଟ ପାଇଁ ପୂଜାର୍ଚ୍ଚନା କରାଯାଉଛି।

**କଟକ,୬।୪(ଶିଳ୍ପା ପ୍ରିୟଦର୍ଶିନୀ)**

ଆସନ୍ତା ଜୁନ୍ ୨୭ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା। ଅକ୍ଷୟତୃତୀୟାରୁ ୩ ରଥର ନିର୍ମାଣ କାମ ଆରମ୍ଭ ହେବାକୁ ଥିବାବେଳେ ରବିବାର କଟକ ଖପୁରିଆସ୍ଥିତ ସରକାରୀ ସ' ମିଲ୍‌ରେ ରଥକାଠ ଚିରଟ ଅନୁକୂଳ ହୋଇଛି। ମହାପ୍ରଭୁଙ୍କ ରଥ ନିର୍ମାଣର ସ୍ୱତନ୍ତ୍ର ବିଧି ରହିଛି। କେଉଁ ଦିନ ରଥର କ'ଣ ନିର୍ମାଣ ହେବ, ତାହା ବିଧି ମୁତାବକ କରାଯାଇଥାଏ। ସେହି ଅନୁସାରେ ଶ୍ରୀରାମ ନବମୀରେ ରଥକାଠ ଚିରଟ ଅନୁକୂଳ ହେବା ପରମ୍ପରା ରହିଛି। ସେଥିପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ରଥ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବୀନ୍ଦ୍ର ନାଥ ଭୋଇ, ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ ପ୍ରମୁଖ ପ୍ରତିନିଧି ଦଳ ମହାପ୍ରଭୁଙ୍କ ଆଜ୍ଞାମାଳ ନେଇ ରବିବାର ଅପରାହ୍ନ ୧୨ଟା ୩୦ରେ ଖପୁରିଆ ସ' ମିଲ୍‌ରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ତିନୋଟି ଧଉରା କାଠ ଚିରଟ କରାଯାଇଥିଲା। ରଥ ନିର୍ମାଣ ପାଇଁ ପ୍ରାୟ ୮୧୨ ଖଣ୍ଡ କାଠର ଆବଶ୍ୟକତା ରହିଛି। ପ୍ରଥମ ପର୍ଯ୍ୟାୟରେ ନୟାଗଡ଼ ଓ ଖୋର୍ଦ୍ଧା ବନଖଣ୍ଡରୁ କାଠ ଆସିଛି। ପ୍ରତିଦିନ ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ଏହି କାଠ ଚିରା କାମ ଚାଲିବ। ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପାଢ଼ୀ କହିଛନ୍ତି, ଚଳିତବର୍ଷ ରଥଯାତ୍ରା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ରାମନବମୀରେ ରୀତିନୀତି ଅନୁଯାୟୀ ପ୍ରଥମ କାଠ ଚିରଟ କରାଯାଇଛି। ଏହି କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ଇଂ. ପ୍ରକାଶ ସେଠୀ, କଟକ ମହାନଗର ନିଗମ ୫୦ ନମ୍ବର ୱାର୍ଡର କର୍ପୋରେଟର ସନ୍ତୋଷ ଭୋଳ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଭାଲୁ ଆକ୍ରମଣରେ ୨ ଗୁରୁତର

**କେନ୍ଦୁଝର/ପାଟଣା,୬।୪(ନରେଶ ଚନ୍ଦ୍ର ପଟ୍ଟନାୟକ/ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ସଦର ଓ ପାଟଣା ରେଞ୍ଜରେ ପୃଥକ୍ ଘଟଣାରେ ଭାଲୁ ଆକ୍ରମଣରେ ୨ ଜଣ ଗୁରୁତର ହୋଇଛନ୍ତି। ଗୁରୁତର ଦ୍ୱୟ ହେଲେ ସଦର ରେଞ୍ଜ ରଘୁନାଥପୁର ଗ୍ରାମର ଆଲୋମଣି ମହାନ୍ତ ଓ ପାଟଣା ରେଞ୍ଜ ସ୍ୱାମମୁଣ୍ଡା ସାହିର ରେକେଣ୍ଡା ମୁଣ୍ଡାଙ୍କ ପୁଅ ମାର୍କଣ୍ଡ(୩୫)। ଉଭୟଙ୍କୁ ବନ ବିଭାଗ ପକ୍ଷରୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି।

ପ୍ରକାଶ ଯେ, ସଦର ରେଞ୍ଜ ଅନ୍ତର୍ଗତ ରଘୁନାଥପୁର ଗ୍ରାମର ଆଲୋମଣି ରବିବାର ସକାଳ ୬ ଟାରେ ଘର ବାହାରେ ଥିବା ଗଛ ପାଖକୁ ମହୁଲ ତୋଳିବାକୁ ଯାଇଥିଲେ। ସେଠାରେ ମହୁଲ ଖାଇବାକୁ ଆସିଥିବା ଭାଲୁ ହାବୁଡ଼ରେ ପଡ଼ି ଯାଇଥିଲେ। ଭାଲୁକୁ ଦେଖି ଧାଇଁ ପଳାଇବାକୁ ଉଦ୍ୟମ କରିଥିଲେ ହେଁ ତାଙ୍କ ମୁଣ୍ଡ, ହାତକୁ କାମୁଡି ଦେଇଥିଲା। ପାଟି କରିବାରୁ ଲୋକେ ଧାଇଁ ଆସିଥିଲେ। ଭାଲୁଟି ପାଖ ଜଙ୍ଗଲକୁ ପଳାଇଯାଇଥିଲା। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ଡାକ୍ତରଖାନାରେ ପହଞ୍ଚି ତାଙ୍କର ଚିକିତ୍ସା ବ୍ୟବସ୍ଥା ବୁଝିଥିଲେ। ତାଙ୍କୁ ତୁରନ୍ତ ସହାୟତା ପ୍ରଦାନ କରିବା ସହ ଗ୍ରାମବାସୀଙ୍କୁ ସୁରକ୍ଷା ଦେବାକୁ ଦାବି ହେଉଛି।



ମେଡିକାଲରେ ଚିକିତ୍ସିତ ଗୁରୁତର ଯୁବକ।

ସେହିପରି ପାଟଣା ରେଞ୍ଜ ସ୍ୱାମପୁରୁଣା ମୁଣ୍ଡାସାହିରରେ ରବିବାର ସକାଳେ ଏକ ଭାଲୁ ପଶିଆସିଥିଲା। ମାର୍କଣ୍ଡଙ୍କ ଘରେ ପଶି ସେ ଅଗଣାରେ ଛିଡା ହୋଇଥିବା ବେଳେ ଆକ୍ରମଣ କରିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ବନ ବିଭାଗ କର୍ମଚାରୀ ଉଦ୍ଧାର କରି ପାଟଣା ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ତାଙ୍କ ବାମ ଜଙ୍ଘରେ ୩ଟି ସ୍ଥାନରେ ଗଭୀର କ୍ଷତ ହୋଇଛି। କୁଆପଶି ଗ୍ରାମରେ ଭାଲୁଟି ସକାଳୁ ମହୁଲ ଫୁଲଖାଇକୁ ପଶି ଆସିଥିଲା। ମୁଣ୍ଡାସାହିର ଲୋକେ ସଂଘବଦ୍ଧ ଭାବେ ଭାଲୁକୁ ପାଟି କରି ଘଉଡ଼ାଇବାରୁ ଭାଲୁଟି ପାଟଣା ସଂରକ୍ଷିତ ଜଙ୍ଗଲକୁ ପଶି ଯାଇଛି। ଗାଁ ପାଖରେ ଭାଲୁ ବୁଲୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି।



# ଆଜି କ'ଣ କେଉଁଠି

## କଟକ

- କଟକ ଜିଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତିଗିରିଆ ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।

## ଖୋର୍ଦ୍ଧା

- ଶ୍ରୀରାମଚରିତ ନବାହ୍ନ ପାରାୟଣ କାର୍ଯ୍ୟକ୍ରମ, ସ୍ଥାନ: ପାଟଣାହାଟ, ବେଗୁନିଆ, ସମୟ: ସକାଳ ୬ଟା।
- ମା' ତାରିଣୀଙ୍କ ବାର୍ଷିକୋତ୍ସବ, ସ୍ଥାନ: କଢ଼ାମଲ୍ଲ, ବେଗୁନିଆ ଉପକଣ୍ଠ, ସମୟ: ସକାଳ ୭ଟା।
- ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ପାଟଣାହାଟ, ବେଗୁନିଆ, ସମୟ: ସନ୍ଧ୍ୟା ୭ଟା।
- ରାମାୟଣ ନାଟ୍ୟ ଉତ୍ସବ, ସ୍ଥାନ: ବାଘମାରୀ ତଳସାହି, ସମୟ: ରାତି ୮ଟା।

## ବାଲେଶ୍ୱର

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ଅଭିଯୋଗ ଶୁଣାଣି ପ୍ରକୋଷ୍ଠ, ଜିଲାପାଳଙ୍କ କାର୍ଯ୍ୟାଳୟ, ବାଲେଶ୍ୱର,ସମୟ:ସକାଳ ୭ଟା।
- ମା' ବାସନ୍ତୀ ଦୁର୍ଗାଙ୍କ ଦଶମୀ ପୂଜା ଓ ପୂର୍ଣ୍ଣାହୁତି, ସ୍ଥାନ: ଓଡ଼ିଆ ଶାସନ ବାସନ୍ତୀ ମଣ୍ଡପ, ରୂପ୍‌ସା,ସମୟ:ସକାଳ ୮ଟା।
- ମା' ବାସନ୍ତୀ ଦୁର୍ଗା ପୂଜା ଉତ୍ସବ ଓ ଆଞ୍ଚଳିକ ମହୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ:କୁଳିଗାଁ କଲେଜ ପଡ଼ିଆ, ରେମୁଣା,ସମୟ:ଦିବସବ୍ୟାପୀ।
- ସିଏମ୍ ଟ୍ରଫି ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନସିପ୍ ଉଦ୍‌ଘାଟନୀ ଉତ୍ସବ,ସ୍ଥାନ: ସ୍ପୋର୍ଟସ ହଷ୍ଟେଲ ଗ୍ରାଉଣ୍ଡ, ଭୀମପୁରା, ବାଲେଶ୍ୱର,ସମୟ: ଅପରାହ୍ଣ ୩ଟା।

## ଭଦ୍ରକ

- ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ମଠସାହି ୟୁଜିଏମ୍‌ଇ ସ୍କୁଲ, ଭଦ୍ରକ, ସମୟ: ସକାଳ ୬ଟା ୩୦।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ମିଶ୍ରଣ ପର୍ବ, ସ୍ଥାନ: ଧାମରା, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଧାମରା, ଚାନ୍ଦବାଲି, ସମୟ: ମଧ୍ୟାହ୍ନ ୧୨ଟା।
- ବିଜୟା ଦଶମୀ ଶୋଭାଯାତ୍ରା, ସ୍ଥାନ: ତିହିଡ଼ି, ସମୟ: ଅପରାହ୍ଣ ୪ଟା।

## ମୟୂରଭଞ୍ଜ

- ବାସନ୍ତୀ ପୂଜା ଉପଲକ୍ଷେ ଅପରାଜିତା ପୂଜା,ସ୍ଥାନ:ବିମଳା ମନ୍ଦିର, ଚିତ୍ରଡ଼ା ଜଗନ୍ନାଥ ମନ୍ଦିର, ମୋରଡ଼ା,ସମୟ: ସକାଳ ୮ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ୫୨ତମ ମା' ବାସନ୍ତୀଙ୍କ ଦଶମୀ ପୂଜା, ସ୍ଥାନ:ଭୀମଦା, ବଡ଼ସାହି,ସମୟ: ପୂର୍ବାହ୍ନ ୧୦ଟା।
- ମା' ଭୈରବୀଙ୍କ ପୀଠରେ ଦଶମୀ ପୂଜା, ସ୍ଥାନ: ମଧୁବନ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ୧୩ତମ ମା' ବାସନ୍ତୀଙ୍କ ଦଶମୀ ପୂଜା, ସ୍ଥାନ:ଭବେଶ୍ୱର ଶିବ ମନ୍ଦିର, ବାଘଡ଼ାରୋଡ୍, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ୭୨ତମ ମା' ବାସନ୍ତୀଙ୍କ ଦଶମୀ ପୂଜା, ସ୍ଥାନ: ଶୁନଗଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ମା' ବାସନ୍ତୀଙ୍କ ଦଶମୀ ପୂଜା,ସ୍ଥାନ: ବୀରେଶ୍ୱରପୁର, ବଡ଼ସାହି,ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ନଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, କରଞ୍ଜିଆ,ସମୟ:ଅପରାହ୍ଣ ୨ଟା।
- ପ୍ରସାଦ ସେବନ, ସ୍ଥାନ: ମଧୁବନ, ବାରିପଦା,ସମୟ: ସନ୍ଧ୍ୟା ୬ଟା।
- କରଞ୍ଜିଆ ମହୋତ୍ସବ,ସ୍ଥାନ:ମିଳନ ପଡ଼ିଆ, କରଞ୍ଜିଆ,ସମୟ: ସନ୍ଧ୍ୟା ୬ଟା।
- ବିଜିପୁର ଗ୍ରାମୀଣ ମହୋତ୍ସବ, ସ୍ଥାନ: ବିଜିପୁର ବାସନ୍ତୀ ପଡ଼ିଆ, ଜିବିନଗର, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ଜିଲା ଓକିଲ ସଂଘ ନିର୍ବାଚିତ ସଦସ୍ୟଙ୍କ ଶପଥ ପାଠ, ସ୍ଥାନ: ଅସ୍ଥାୟୀ ଓକିଲ ସଂଘ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ଣ ୧ଟା।
- ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଫୁଟବଲ ଟ୍ରଫି, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ଣ ୪ଟା।

## ଗଞ୍ଜାମ

- ପଞ୍ଚୁଦଣ୍ଡ ମହାମିଳନ,ସ୍ଥାନ: ତାକରଡା, ବୁଗୁଡା, ସମୟ: ମଧ୍ୟାହ୍ନ ୧୨ଟା।

## ଢେଙ୍କାନାଳ

- ସଚେତନ ନାଗରିକ ଫୋରମ ପକ୍ଷରୁ ବରା ଦିବସ, ସ୍ଥାନ: ହୋଟେଲ ସୂର୍ଯ୍ୟ, ସମୟ: ସକାଳ ୯ଟା।
- ଜିଲା ପ୍ରଶାସନ ପକ୍ଷରୁ ବରା ଦିବସ, ସ୍ଥାନ: ଗୋପବନ୍ଧୁ ଟାଉନ ହଲ, ସମୟ: ସନ୍ଧ୍ୟା ସାଢେ ୫ଟା।
- ବଜରଙ୍ଗ କ୍ଲବ ପକ୍ଷରୁ ବରା ଦିବସ, ସ୍ଥାନ: ସିଦ୍ଧ ବଳରାମ ଜୀଉଙ୍କ ମନ୍ଦିର, ସମୟ: ସନ୍ଧ୍ୟା ସାଢେ ୫ଟା।

## ଜଗତ୍‌ସିଂହପୁର

- ପାରାଦୀପ ପୌରପରିଷଦ ପକ୍ଷରୁ ଓଡ଼ିଆ ପକ୍ଷ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ୧୦ ନଂ ୱାର୍ଡ, ମଧୁବନ, ପାରାଦୀପ, ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା

- ମା' ବାସନ୍ତୀ ଦେବୀ ସାଂସ୍କୃତିକ ପରିଷଦ ପକ୍ଷରୁ ମା' ବାସନ୍ତୀ ଦେବୀଙ୍କ ପୂଜା ମହୋତ୍ସବ, ସ୍ଥାନ: ନାଉକୋଣା, ରାଜନଗର, ସମୟ: ସକାଳ ୬ଟା।
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଟାଉନ ହଲ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୮ଟା ୩୦ ମିନିଟ।
- ଧନୁର୍ଜୟ ବିଶ୍ୱାଳ ଟ୍ରଷ୍ଟର ପ୍ରତିଭା ସମ୍ମାନ ସମାରୋହ, ସ୍ଥାନ: ବସପୁର, ଚଉଦକୁଲାଟ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ମା'ବାସନ୍ତୀ ଦୁର୍ଗାପୂଜା, ସ୍ଥାନ: ଓଳିହା, ଦେଉଳିପଡା, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ, ସ୍ଥାନ: ଦେବ ଇଣ୍ଟରନ୍ୟାଶନାଲ ସ୍କୁଲ ଓ ଟାଟା ମେଡିକା ହସ୍ପିଟାଲ, ସମୟ : ସକାଳ ୭ଟା।
- ଓଡ଼ିଶା ପକ୍ଷ ପାଳନର ୭ମ ଦିବସରେ ବର୍ଣ୍ଣବୋଧ ଉତ୍ସବ, ସ୍ଥାନ: ଯାଜପୁର ସରକାରୀ ବାଳିକା ବିଦ୍ୟାଳୟ, ବୈଦରାଜପୁର ଓ ଗରିଆପୁର ପ୍ରାଥମିକ ସ୍କୁଲ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ମିଳିତ ଜନଶୁଣାଣି ଅଭିଯୋଗ ଶିବିର, ସ୍ଥାନ: ଯାଜପୁର ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ : ୧୦ଟା।
- ଶ୍ରୀରାମ ଚରିତ ମାନସ ପ୍ରବଚନ, ସ୍ଥାନ: ଯାଜପୁର ରୋଡ ଚାନ୍ଦମା କାଳି ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ବିଶ୍ୱଶାନ୍ତି ଗୀତା ମହାଯଜ୍ଞର ଉଦ୍‌ଯାପନୀ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ଶ୍ରୀ ଶ୍ରୀରଘୁନାଥ ଜୀଉଙ୍କ ରାମଜନ୍ମ ଉତ୍ସବ, ସ୍ଥାନ: କଣ୍ଟିଲୋ ବାପୁଜୀ ନଗରର ରଘୁନାଥ ମନ୍ଦିର, ସମୟ: ସକାଳ ୮ଟା।
- ୭ ଦିନିଆ ଦଣ୍ଡପର୍ବର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ କପିଳେଶ୍ୱର ମହାଦେବ ପୀଠ, ସମୟ: ସକାଳ ୮ଟା।
- ୧୫ ଦିନିଆ ଦଣ୍ଡପର୍ବର ନବମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡ଼ା, ସମୟ: ଅପରାହ୍ଣ ୨ଟା।
- ୧୫ ଦିନିଆ ଦଣ୍ଡପର୍ବର ନବମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା, ସମୟ: ଅପରାହ୍ଣ ୨ଟା।
- ୧୫ ଦିନିଆ ଦଣ୍ଡପର୍ବର ନବମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ରୟତ ଡ଼ୋଲମରା, ସମୟ: ଅପରାହ୍ଣ ୨ଟା।
- ଲାଠିପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବର ଉଦ୍‌ଘାଟନ, ସ୍ଥାନ: ନୟାଗଡ଼ ବ୍ଲକ ଲାଠିପଡା, ସମୟ: ଅପରାହ୍ଣ ୪ଟା।
- ଐତିହାସିକ ଲଙ୍କାପୋଡି ଯାତ୍ରାରେ ରାଜା ଦଶରଥଙ୍କ ଦରବାର, ସ୍ଥାନ: ଦଶପଲ୍ଲା ମହାବୀର କ୍ଷେତ୍ର, ସମୟ: ସନ୍ଧ୍ୟା ୬ଟା।
- ନୟାଗଡ଼ ରଘୁନାଥଙ୍କ ରାମନବମୀ ଯାତ୍ରା ଅବସରରେ ପାରାୟଣ, ସ୍ଥାନ: ନୟାଗଡ଼ ଗୁଣ୍ଡିଚା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ଶ୍ରୀରଘୁନାଥ ଜୀଉଙ୍କ ଶ୍ରୀରାମ ନବମୀ ଯାତ୍ରା ମହୋତ୍ସବର ୨ୟ ଦିବସରେ ଠାକୁରଙ୍କ ତାଡକାବଧ ବେଶ, ସ୍ଥାନ: ଓଡ଼ଗାଁ ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ରାଧାକାନ୍ତ ବାଳିକା ଉଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ଓଡଗାଁ, ସମୟ: ସନ୍ଧ୍ୟା ୬ଟା।
- ଲାଠିପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୟାଗଡ଼ ବ୍ଲକ ଲାଠିପଡ଼ା, ସମୟ: ସନ୍ଧ୍ୟା ସାଢ଼େ ୬ଟା।

## ରାୟଗଡ଼ା

- ଶିରିଡି ସାଇ ମନ୍ଦିର ପ୍ରତିଷ୍ଠା ନିମନ୍ତେ କଳସ ଯାତ୍ରା, ସ୍ଥାନ: ମୁନିଗୁଡ଼ାସ୍ଥିତ ମୁନିଖୋଲ ନାଳରୁ ଶିରିଡି ସାଇ ମନ୍ଦିର, ସମୟ: ସକାଳ ୬ଟା।
- ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ମଧୁବନ ଗ୍ରାମପଞ୍ଚାୟତ କାର୍ଯ୍ୟଳୟ, ଗୁଡାରି, ସମୟ: ସକାଳ ୭ ଟା।
- ମାଁ ଭୈରବୀ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ, ସ୍ଥାନ: ବିଷମ କଟକ ବ୍ଲକ ଚାଚରାଗୁଡ଼ା ପଞ୍ଚାୟତ ଗରୁଡ଼ଗୁଡା ଗ୍ରାମ, ସମୟ: ସକାଳ ୭ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡ଼ା , ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଓଡ଼ିଆ ପକ୍ଷ ପାଳନ ଅବସରେ ବର୍ଣ୍ଣବୋଧ ବହି ବଣ୍ଟନ, ସ୍ଥାନ: ଡାବୁଗାଁ ବ୍ଲକ ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର, ସମୟ: ପୂର୍ବାହ୍ନ ୯ଟା।
- ଆଦର୍ଶ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଲକଡ଼ିପଲ୍ଲୀସ୍ଥିତ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପରିଷଦ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ମାଧ୍ୟମରେ ପାଣି ପମ୍ପ ସେଟ ବଣ୍ଟନ, ସ୍ଥାନ: ଉମରକୋଟ ବ୍ଲକ କୃଷି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସିଏମ୍ ଟ୍ରଫି, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ୍, ସମୟ: ଅପରାହ୍ଣ ୪ଟା।
- ମା' ଠାକୁରାଣୀଙ୍କ ନବଦିନାତ୍ମକ ଘଟଯାତ୍ରା ଆରମ୍ଭ, ସ୍ଥାନ: ଡାବୁଗାଁସ୍ଥିତ ଠାକୁରାଣୀ ମନ୍ଦିର, ସମୟ: ଅପରାହ୍ଣ ୬ଟା।

## କୋରାପୁଟ

- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପାଡୁଆ ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର, ସମୟ: ସକାଳ ୭ଟା।
- ପଞ୍ଚାୟତସ୍ତରୀୟ ଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ, ପାଡୁଆ, ସମୟ: ସକାଳ ୭ଟା।
- ବାସନ୍ତିକ ଦୁର୍ଗାପୂଜା, ସ୍ଥାନ: ଶାବର ଶ୍ରୀକ୍ଷେତ୍ର ମା' ବିମଳା ମନ୍ଦିର, କୋରାପୁଟ, ସମୟ: ସକାଳ ୭ଟା।
- ଜିଲାପାଳଙ୍କ ମିଳିତ ଜନଶୁଣାଣି, ସ୍ଥାନ: ବନ୍ଧୁଗାଁ ବ୍ଲକ୍ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଗୁଣ୍ଡାପୁଟ ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡା ବ୍ଲକ, ସମୟ: ପୂର୍ବାହ୍ନ୧୦ଟା।
- ପ୍ରଥମ ଦକ୍ଷିଣାଞ୍ଚଳ ନାଟକ ଉତ୍ସବ ଶୁଭାରମ୍ଭ, ସ୍ଥାନ: ସାଂସ୍କୃତିକ ପରିଷଦ, କୋରାପୁଟ, ସମୟ: ସନ୍ଧ୍ୟା ୬ଟା।

## ମାଲକାନଗିରି

- ଜିଲା ପ୍ରଶାସନ ତରଫରୁ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ସମୟ ଅପରାହ୍ଣ ୨ ଟା ।
- ଇଣ୍ଟର ବ୍ଲକ ଫୁଟବଲ ଚାମ୍ପିୟନସିପ୍ ଉଦ୍‌ଘାଟନ , ସ୍ଥାନ: ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ମାଲକାନଗିରି, ସମୟ: ଅପରାହ୍ଣ ୩ଟା ।
- ଓଡ଼ିଆ ପକ୍ଷ ପାଳନ ଅବସରରେ ବର୍ଣ୍ଣବୋଧ ଉତ୍ସବ, ସ୍ଥାନ: ସିନ୍ଧ୍ରିମାଳ କସ୍ତୁରବା ବାଳିକା ବିଦ୍ୟାଳୟ, ସମୟ.:ସକାଳ ୮ଟା ।
- ମତ୍ସ୍ୟ ବିଭାଗ ପକ୍ଷରୁ ମତ୍ସ୍ୟ ଚାଷ ସମ୍ବନ୍ଧରେ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ସତୀଗୁଡା, ସମୟ: ପୂର୍ବାହ୍ନ ୧୦ ଟା ।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ : ୬ଟା।
- ଶ୍ରୀରାମ ନବମୀ ଉତ୍ସବ, ସ୍ଥାନ : କବରାପାଲି ଗ୍ରାମ, ସମୟ : ସକାଳ ୯ଟା।
- ଶ୍ରୀରାମ ନବମୀ ଉତ୍ସବରେ ବିବିଧ କାର୍ଯ୍ୟକ୍ରମ, ସ୍ଥାନ : ରାମଜୀ ମନ୍ଦିର, ସମୟ : ସକାଳ ୯ଟା ୩୦ ।
- ଗୁଦଗୁଦା ମହୋତ୍ସବ, ସ୍ଥାନ: କୁଚିଣ୍ଡା କଲେଜ ପଡିଆ, ସମୟ: ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ବିଦ୍ୟୁତ୍ ସବ୍‌ଷ୍ଟେଶନ ଉଦଘାଟନ, ସ୍ଥାନ: ପାଣ୍ଡ୍ରିପାଣି, ବଲାଙ୍ଗୀର, ସମୟ: ସକାଳ ୯ଟା ।
- ବନଦୁର୍ଗା ମହୋତ୍ସବ ଉଦ୍‌ଘାଟନ,ସ୍ଥାନ: ସୁକ୍‌ତେଲ ଡ୍ୟାମ ନିକଟ, ମାଗୁରବେଡା, ବଲାଙ୍ଗୀର, ସମୟ: ଅପରାହ୍ଣ ୫ଟା।
- ବଲାଙ୍ଗୀରର ପ୍ରସିଦ୍ଧ ରାମଲୀଳାର ଶୁଭାରମ୍ଭ, ସ୍ଥାନ: ଜଗନ୍ନାଥ ମନ୍ଦିର ସମ୍ମୁଖ, ବଲାଙ୍ଗୀର, ସମୟ: ରାତି ୧୦ଟା ।

## ରାଉରକେଲା

- ସଙ୍ଗୀତ କଳା କର୍ମଶାଳା, ସ୍ଥାନ: ସେକ୍ଟର–୬, ସମୟ: ସକାଳ ୭ଟା।
- ବାସନ୍ତିକ ନବରାତ୍ର ଦଶମୀ ପୂଜା, ସ୍ଥାନ: ସେକ୍ଟର–୩ ପଡ଼ିଆ, ସମୟ: ସକାଳ ୭ଟା।
- ବାସନ୍ତୀ ଦୁର୍ଗାପୂଜା ଉପଲକ୍ଷେ ଦଶହରା ପୂଜା ଓ କଳସ ବିସର୍ଜନ ଶୋଭାଯାତ୍ରା, ସ୍ଥାନ: ସେକ୍ଟର–୩, ସମୟ: ସକାଳ ୮ଟା।
- ଭାଜପା ପ୍ରତିଷ୍ଠା ଦିବସ ଉପଲକ୍ଷେ ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ଆର୍‌ଏମ୍‌ସିର ବିଭିନ୍ନ ୱାର୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ରାମନବମୀ ଜୁଲୁସ ଯାତ୍ରା, ସ୍ଥାନ: ବିଶ୍ରା ଛକ, ସମୟ: ଅପରାହ୍ଣ ୩ଟା।
- ଚୈତ୍ର ନବରାତ୍ର ପୂଜା, ଭୁବନେଶ୍ୱରୀ ବେଶ, ସିନ୍ଦୁର ଖେଳ, ସ୍ଥାନ: ଜଗଦା ମା' ବାଟ ମଙ୍ଗଳା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ବାସନ୍ତିକ ପରିଷଦ ପକ୍ଷରୁ ପାଲା ମହୋତ୍ସବ, ସ୍ଥାନ: ସେକ୍ଟର–୩ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ।
- ଶାରଳା ସାଂସ୍କୃତିକ ପରିଷଦ ପକ୍ଷରୁ ବାଦୀପାଲାର ୪ର୍ଥ ଦିବସ ସ୍ଥାନ: ସେକ୍ଟର–୬, ସମୟ: ସନ୍ଧ୍ୟା ୬ଟା ୩୦।
- ବିଜୁ ପଟ୍ଟନାୟକ ଫୁଟବଲ ମେମୋରିଆଲ ଟୁର୍ନାମେଣ୍ଟ, ସ୍ଥାନ: ବିର୍ସାମୁଣ୍ଡା ଆଥ୍‌ଲେଟିକ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼

- ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କାର୍ଯ୍ୟକ୍ରମ,ସ୍ଥାନ:ସରକାରୀ ମହିଳା ମହାବିଦ୍ୟାଳୟ, ସୁନ୍ଦରଗଡ, ସମୟ:ପୂର୍ବାହ୍ନ୧୧ଟା।
- ଶ୍ରୀରାମ ନବମୀ ଉପଲକ୍ଷେ ପଣ୍ଡିତ ଗୌରହରି ଦାସ ମହାରାଜଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ,ସ୍ଥାନ:ରାମଜୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ପଞ୍ଚମୁଖୀ ହନୁମାନ ମନ୍ଦିର ଆଖଡା କମିଟି ପକ୍ଷରୁ ଆଖଡା ଶୋଭାଯାତ୍ରା,ସ୍ଥାନ:ପଞ୍ଚମୁଖୀ ହନୁମାନ ମନ୍ଦିର ପରିସର, ସମୟ:ଅପରାହ୍ଣ ୪ଟା।

## ବରଗଡ଼

- ଦଶମୀ ବିହିତ ପୂଜା, ଚଣ୍ଡୀ ହବନ, ସ୍ଥାନ: ଦୁର୍ଗା ମନ୍ଦିର, ସୋହେଲା,ସମୟ: ସକାଳ ୭ଟା।
- ଚିଫ ମିନିଷ୍ଟର କପ ଫୁଟବଲର ଉଦ୍‌ଘାଟନୀ, ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ:ଅପରାହ୍ଣ ୩ଟା ୩୦ମିନିଟ
- ଜିଲା ଭାରତ ସ୍କାଉଟସ, ଗାଇଡ୍ସ କ୍ୟାମ୍ପୋରୀର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ସରକାରୀ ହାଇସ୍କୁଲ, ଭଟଲି, ସମୟ: ସନ୍ଧ୍ୟା ୫ଟା।

## କଳାହାଣ୍ଡି

- ଜିଲା ସ୍ତରୀୟ ମୁଖ୍ୟମନ୍ତ୍ରୀ କପ୍ ଉଦଘାଟନ, ସ୍ଥାନ:ଭବାନୀପାଟଣା ସ୍ପୋର୍ଟ୍ସ ହଷ୍ଟେଲ, ସମୟ:ପୂର୍ବାହ୍ନ ୮ଟା।
- ଓଡ଼ିଆ ପକ୍ଷ ପାଳନ ଅବସରରେ,ସ୍ଥାନ:ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ ଅଫିସ,ସମୟ:ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଦ୍ୱିତୀୟ ଦିବସ ନାଟକ ବାଲ୍ୟଲୀଳା, ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡିଆ, ବୌଦ୍ଧ, ସମୟ: ରାତି ୯ଟା ।
- ବହିରା ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଦ୍ୱିତୀୟ ଦିବସ ନାଟକ ସୀତା ଜନ୍ମ ଓ ତାଡକା ବଧ, ସ୍ଥାନ: ବହିରା ରାମଲୀଳା ମଣ୍ଡପ, ବହିରା, ସମୟ: ରାତି ୯ଟା ।

## ଦେବଗଡ଼

- ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ବାଳକ ପ୍ରାଥମିକ ବିଦ୍ୟାଳୟ, ଦେବଗଡ଼, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତଃ କ୍ଲବ୍ ଜିଲାସ୍ତରୀୟ ଫୁଟବଲ୍ ଚାମ୍ପିୟନଶିପ୍ ଫର୍ ସିଏମ୍ ଟ୍ରଫି, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ଦେବଗଡ଼, ସମୟ: ଅପରାହ୍ଣ ୪ଟା।
- ଶ୍ରୀରାମ ନବମୀ ମହୋତ୍ସବ ପାଳନ, ସ୍ଥାନ: ଗୋପାଳଜୀ ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ରାମନବମୀ ମହୋତ୍ସବ ପାଳନ ଅବସରରେ ପ୍ରବଚନ କାର୍ଯ୍ୟକ୍ରମ ଓ ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି କୌଣସି କାମ ଆରମ୍ଭ କଲେ ମଧ ତାହା ପ୍ରତିବନ୍ଧକ ମଧ୍ୟରେ ଅଟକି ଯାଇପାରେ। ଏକ ସାଧାରଣ ଘଟଣାରୁ ପରିସ୍ଥିତି ବିଗିଡି ଯାଇଥିବା କାରଣରୁ ଦ୍ୱନ୍ଦ୍ୱରେ ପଡିପାରନ୍ତି। ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖି ଚିନ୍ତିତ ରହିବେ। ପରିବହନ, ବ୍ୟବସାୟ ଓ ବାଣିଜ୍ୟରେ ଆଶା ଅନୁଯାୟୀ ସଫଳତା ମିଳିବ।

**ବୃଷ** ଆର୍ଥିକ କ୍ଷେତ୍ରରେ ଅଭିବୃଦ୍ଧି ସହ ସନ୍ତାନଙ୍କ ପାଇଁ ଥିବା ଦୁଶ୍ଚିନ୍ତା ଦୂର ହୋଇଯିବ। ଆଜିର ଗ୍ରହସଂଯୋଗ କର୍ମାରମ୍ଭ ପାଇଁ ଅନୁକୂଳ ରହି ନ ପାରେ। ସହକର୍ମୀ କିମ୍ବା ଅଧସ୍ତନ କର୍ମଚାରୀଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ଅଫିସରେ ପ୍ରକାଶନ, ଏଜେନ୍ସିପ୍, ଶିଳ୍ପ, ବାଣିଜ୍ୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ମିଥୁନ** ପଦାଧିକାରୀଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ, କାର୍ଯ୍ୟସିଦ୍ଧି, ପାରିବାରିକ ସୌଖ୍ୟ ଲାଭ କରିବେ। ଫାଇଦା ହାସଲ ପାଇଁ ବନ୍ଧୁ ଫନ୍ଦିଫିକର କରିବାକୁ ମନ ବଳାଇବେ। ସଭାସମିତି, ଆନୁଷ୍ଠାନିକ କ୍ଷେତ୍ର କିମ୍ବା ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ଦୋକାନ ପ୍ରଭୃତିରୁ ଲାଭବାନ ହେବେ।

**କର୍କଟ** ଆପଣଙ୍କୁ ନୂତନ ନିଯୁକ୍ତି, ଆଶା କରିଥିବା ଲୋନ୍, ଶତ୍ରୁତାର ସମାଧାନଜନିତ ଶୁଭଫଳ ମିଳିବ। ସ୍ଥଗିତ କାମଗୁଡିକ ସୁରୁଖୁରୁରେ ହୋଇଯିବା କାରଣରୁ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। ରବିଙ୍କ ସୁପ୍ରଭାବରୁ ଆର୍ଥିକ ଦିଗଟି ଭଲ ରହିବା ସହ ବିଶିଷ୍ଟ ବକ୍ତିଙ୍କ ଅନୁକମ୍ପା ଲାଭ କରାଇବ। କିନ୍ତୁ ଦୈହିକ ଦୁର୍ବଳତା ଯୋଗୁ ଦେହ ଓ ମନ କମ୍‌ଜୋର ରହିବ।

**ସିଂହ** ଆଜି ଆପଣଙ୍କୁ ଏକାଧାରରେ ଅର୍ଥପ୍ରାପ୍ତି , କାର୍ଯ୍ୟସିଦ୍ଧି, ବନ୍ଧୁମିଳନ, ନୂତନ ମୈତ୍ରୀ ଲାଭ କରାଇବ। ବନ୍ଧୁଙ୍କ ଅନୁରୋଧକୁ ଉପେକ୍ଷା ନ କରି ଦୂରଯାତ୍ରା କରିବାକୁ ବାଧ ହେବେ। ବାଣିଜ୍ୟ ଓ ପ୍ରତିଦ୍ୱନ୍ଦ୍ୱିତାରେ ଅବଶ୍ୟ ସଫଳତା ହାସଲ କରିବେ। ବନ୍ଧୁ କିମ୍ବା ପାରିବାରିକ କ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ସମସ୍ୟାର ମୁଖ୍ୟ କାରଣ ହୋଇପାରେ।

**କନ୍ୟା** ଆଜି କର୍ମକ୍ଷେତ୍ରରେ କୌଣସି ବିବାଦୀୟ ସ୍ଥିତି ଉପୁଜିବାର ଆଶଙ୍କା ରହିଛି। ଆର୍ଥିକ ସ୍ଥିତି ପୂର୍ବ ପରି ରହିବ ଏବଂ କୌଣସି ପରିବର୍ତ୍ତନର ଲକ୍ଷଣ ଦେଖି ପାରିବେ ନାହିଁ। ଆଗାମୀ ମାଙ୍ଗଳିକ କିମ୍ବା ଆନୁଷ୍ଠାନିକ କାମ ପାଇଁ ବ୍ୟସ୍ତତା ଅନୁଭବ କରିବେ। ପିଲାମାନଙ୍କ ଉଚ୍ଚ ଶିକ୍ଷା ସକାଶେ ପରିବାରରେ ଆଲୋଚନା କରିପାରନ୍ତି।

**ତୁଳା** ମୁହଁ ସାମ୍ନାରେ ପ୍ରଶଂସା କରି ପରୋକ୍ଷରେ ସମାଲୋଚନା କରୁଥିବା ବ୍ୟକ୍ତି ପ୍ରତି ସତର୍କ ରହିବା ଭଲ। କାମ ହାସଲ କରି ଯେତିକି ଖୁସି ହେବେ, ପରିବାରରେ ଅଶାନ୍ତିର ବାତାବରଣରୁ ସେତିକି ଦୁଃଖୀ ହେବେ। ଶୁକ୍ରଙ୍କ ପ୍ରଭାବରେ ସାହିତ ଚର୍ଚ୍ଚା, କଳା, ସାହିତ୍ୟ, ଗବେଷଣା କାର୍ଯ୍ୟରେ ପ୍ରଶଂସିତ ହେବେ।

**ବିଛା** ଲଘୁକ୍ରୋଧରୁ ଆପଣଙ୍କ କଠୋର ବ୍ୟବହାର କୌଣସି ବନ୍ଧୁଙ୍କ ମନକୁ ଆଘାତ ଦେଇପାରେ। ଆଜିର କର୍ମକ୍ଷେତ୍ରରେ ବହୁତ ଝଗଡା ମଧ ଦେଇ କାମଗୁଡିକ ସମ୍ପନ୍ନ ହେବ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଜନିତ କ୍ଷୋଭ ପ୍ରକାଶ କରିପାରନ୍ତି। ପରିବାରରେ ପାରସ୍ପରିକ ଉତ୍ତମ ବୁଝାମଣା ହେତୁ ଜୀବନଚର୍ଯ୍ୟା ସ୍ୱାଭାବିକ ରହିପାରେ।

**ଧନୁ** ପାରିବାରିକ ଜୀବନରେ ଉନ୍ନତି ସାଙ୍ଗକୁ ସମସ୍ୟାର ସମାଧାନ କରିବେ। ସାଂଗଠନିକ କ୍ଷେତ୍ର, ପ୍ରଶାସନିକ ଆଲୋଚନା, ସଙ୍ଗୀତର ଆସରରେ ସମୟ କଟାଇବେ। ଅତୀତ ଘଟଣାକୁ କେନ୍ଦ୍ରକରି ନିଜ ଲୋକଙ୍କ ଉପରେ ପୂର୍ଣ୍ଣଭରସା କରିପାରିବେ ନାହିଁ। ବନ୍ଧୁଙ୍କ ଜରିଆରେ ହଜି ଯାଇଥିବା ଜିନିଷର ଖୋଜଖବର ପାଇପାରନ୍ତି।

**ମକର** ଆପଣଙ୍କ ପ୍ରତ୍ୟୁତ୍ପନ୍ନମତିତା କାରଣରୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମିପାରେ। କୌଣସି କାର୍ଯ୍ୟ ହାସଲ ସକାଶେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ପରୋକ୍ଷ ଶତ୍ରୁତା କରୁଥିବା ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ବନ୍ଧୁଙ୍କ ସାହାଯ୍ୟରୁ ଅଭାବ ଦୂର ହେବ ଏବଂ ସ୍ଥଗିତ କାର୍ଯ୍ୟ ସମ୍ପନ୍ନ କରିପାରିବେ।

**କୁମ୍ଭ** ଆଜିର କର୍ମକ୍ଷେତ୍ରରେ କୌଶଳ ପ୍ରୟୋଗକରି କାମହାସଲ କରିବେ। ଶିଳ୍ପ, ବାଣିଜ୍ୟ, ସଭାସମିତି, ପରିବହନ, ପ୍ରଶାସନିକ କ୍ଷେତ୍ରରେ ସୁଫଳ ପାଇବେ। ଆଶା କରୁଥିବା ସରକାରୀ ସ୍ତରରୁ ଆକସ୍ମିକ ଭାବରେ ଶୁଭ ଖବର ପାଇ ଖୁସି ହେବେ। ଘରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ।

**ମୀନ** ଆପଣଙ୍କ କଥା ଯେମିତି, କାମ ଠିକ୍ ସେହିପରି ଯୋଗୁ ପ୍ରଶଂସିତ ହେବେ। କଥାର ମଧୁରତା ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିବିଶେଷଙ୍କୁ ନିଜର କରିନେବାରେ ସାହାଯ୍ୟ କରିବ। ଘରର ବରାଦ ମୁତାବକ ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଜମିଜମା, ଯାନବାହନ, ଧାତୁ, ଅଳଙ୍କାର ବ୍ୟସାୟରେ ଲାଭବାନ୍ ହେବେ।

ଆଜି ଏପ୍ରିଲ ୭ ତାରିଖ, ବିଶ୍ୱ ସ୍ୱାସ୍ଥ୍ୟ ଦିବସ, ସର୍ବତ୍ର ବାସନ୍ତିକ ଦଶହରା, ଶ୍ରୀମନ୍ଦିରରେ ଯଜ୍ଞରକ୍ଷା,ଚୈତ୍ରଶୁକ୍ଳ ଦଶମୀ ସୋମବାର। ସକାଳ ଘ.୦୬।୨୫ ମି. ଗତେ, ରାଶିନକ୍ଷତ୍ର–ଅଶ୍ଳେଷା/କର୍କଟ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୩୮ ଗତେ, ଘ. ୦୭।୧୧ ମଧ୍ୟେ, ଘ.୧୦।୩୪ ଗତେ, ଘ.୦୧।୦୨ ମଧ୍ୟେ ଶୁଦ୍ଧ ଶୁଭବେଳା । ସକାଳ ଘ. ୦୭।୧୧ ଗତେ, ଘ.୦୮।୪୩ ମଧ୍ୟେ ରାହୁକାଳ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଦେଢଶୁରଙ୍କୁ ଆଡ଼ ଆଡ଼
ମଳାଶୁରଙ୍କୁ ରାଇଜ ଛାଡ଼।**

ଭାଇବୋହୂ ଦେଢଶୁରଙ୍କଠାରୁ ଦୂରତା ବଜାୟ ରଖିବା ସହ ଆଡ଼ ଉହାଡରେ ଥାଇ କଥା ହୋଇଥାଏ। ସେହିପରି ମଳାଶୁରଙ୍କ ପ୍ରତି ଅଧିକ ସଙ୍କୋଚ ଭାବ ରହିଥିବା ବେଳେ ବହୁ ଦୂରରେ ଥାଇ ମାନ୍ୟ କରିବା ଓ କଥାହେଉଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦିଅଁ ଖାଇ
ଖଟୁଲି ଖାଇବା।**

ଠକ ବା ଧୂର୍ତ୍ତ ଶ୍ରେଣୀର ବ୍ୟକ୍ତି ଟିକିଏ ସୁବିଧା ସୁଯୋଗ ପାଇଲେ ସବୁକିଛି ଅନାୟାସରେ ଚଳୁ କରିଦେଉଥିବା ଦେଖିବାକୁ ମିଳିଥାଏ। ଏକାଥରକେ ସବୁ ଆତ୍ମସାତ୍ କରିନେବା ସେମାନଙ୍କ ମନ୍ଦ ପ୍ରକୃତି ହୋଇଥାଏ। ଉପରକୁ ସ୍ୱଚ୍ଛ, ନିର୍ମଳ ଭାବମୂର୍ତ୍ତି ଦେଖାଉଥିବା ବ୍ୟକ୍ତି ସମସ୍ତଙ୍କ ଅଗୋଚରରେ ଲାଭ ସହ ମୂଳଧନ ଲୁଟି ଖାଇବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:




ରବିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ଆଇସିଟି: ଲକ୍ଷ୍ୟଠାରୁ ...

କାର୍ଯ୍ୟ କରିପାରି ନ ଥିଲା। ଏପରି କି ୨୪୨ଟି ବିଦ୍ୟାଳୟରେ ଆଇସିଟି ଲ୍ୟାବ୍ ପାଇଁ ଜାଗା ଠିକ୍ ନ ହେବାରୁ ୬୮ ସ୍ମାର୍ଟ କ୍ଲାସ ଉପକରଣ ମଧ ସ୍ଥାପନ ହୋଇ ପାରି ନ ଥିଲା। ଯାଜପୁର ଜିଲାରେ ଜିଲାପାଳଙ୍କ ନେତୃତ୍ୱରେ ଜିଲାସ୍ତରୀୟ ବିଦ୍ୟାଗତ ସମୃଦ୍ଧି କମିଟି ଜିଲାର ଉଚ୍ଚ ବିଦ୍ୟାଳୟରେ ସ୍ମାର୍ଟ ଶ୍ରେଣୀଗୃହ ପାଇଁ ଡିଜିଟାଲ ଉପକରଣ ଯୋଗାଣ ଏବଂ ସ୍ଥାପନ ପାଇଁ ଏକ କେନ୍ଦ୍ରୀୟ ପିଏସୟୁକୁ ଚୟନ ୨୦୨୧ ସେପ୍ଟେମ୍ବର ୨ରେ କରାଯାଇଥିଲା। ଏଥିପାଇଁ ୪.୫ କୋଟି ଟଙ୍କାର ଏକ ଚୁକ୍ତିନାମା ସମ୍ପାଦନ ହୋଇଥିଲା। ଏହି କାର୍ଯ୍ୟ ୨୦୨୧ ଅକ୍ଟୋବର ୩୦ ସୁଦ୍ଧା ଶେଷ ହେବା କଥା। ଯଦିଓ ଉପରୋକ୍ତ କାର୍ଯ୍ୟଗୁଡ଼ିକ ସେଣ୍ଟ୍ରାଲ ପବ୍ଲିକ ସେକ୍ଟର ୟୁନିଟ(ସିପିଏସ୍‌ୟୁ) ଦ୍ୱାରା ସମାପ୍ତ ହୋଇ ନ ଥିଲା, ତଥାପି ଡିପିସି ପୂର୍ବ ଚୁକ୍ତିନାମାକୁ ଦର୍ଶାଇ ୧୯୫ ବିଦ୍ୟାଳୟ ପାଇଁ ୧୨.୧୬କୋଟି ଟଙ୍କା ବ୍ୟୟରେ ସମାନ କାର୍ଯ୍ୟ ହାତକୁ ନେଇ ଧାର୍ଯ୍ୟ ତାରିଖ ସୁଦ୍ଧା ଶେଷ କରିବାକୁ ପୁନର୍ବାର ଅନୁରୋଧ କରିଥିଲେ। କିନ୍ତୁ ଶ୍ରେଣୀଗୃହଗୁଡ଼ିକର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ଯୋଗୁ ଉକ୍ତସଂସ୍ଥା ୧୯୫ ବିଦ୍ୟାଳୟ ମଧ୍ୟରୁ ୨୨ଟି ବିଦ୍ୟାଳୟରେ ଉପକରଣଗୁଡ଼ିକୁ ସ୍ଥାପନ କରିପାରି ନ ଥିଲା। କେନ୍ଦୁଝର ଜିଲାରେ ୮୧ଟି ବିଦ୍ୟାଳୟରୁ ୮ଟିରେ ବିଦ୍ୟୁତ୍ ନ ଥିବାବେଳେ ୧୪ବିଦ୍ୟାଳୟରେ ଶିକ୍ଷକମାନଙ୍କୁ ଏନେଇ ତାଲିମ ଦିଆଯାଇ ନାହିଁ। ସେହିପରି ୧୧୧ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୬୯୪ ସ୍ମାର୍ଟ ଶ୍ରେଣୀଗୃହ ସ୍ଥାପନ ଏବଂ କାର୍ଯ୍ୟକ୍ଷମ କରିବାପାଇଁ ପ୍ରତି ସ୍ମାର୍ଟଶ୍ରେଣୀ ଗୃହ ଲାଗି ୨ଲକ୍ଷ ୯୩ହଜାର ୮୨୦ଟଙ୍କା ହାରରେ ୨୦.୩୯କୋଟି ଟଙ୍କା ମୂଲ୍ୟରେ ନିଲାମଧାରୀଙ୍କୁ ପ୍ରଦାନ କରାଯାଇଥିଲା। ହେଲେ ନିର୍ଦ୍ଧାରିତ ଅବଧି ମଧ୍ୟରେ କୌଣସି ଆଦର୍ଶ ବିଦ୍ୟାଳୟରେ ଇଣ୍ଟରନେଟ୍ ସଂଯୋଗ ଉପଲବ୍ଧ କରାଯାଇ ପାରି ନାହିଁ। ସିଏଜିଙ୍କ ତଥ୍ୟ ଅନୁଯାୟୀ, ଭିତ୍ତିଭୂମି ବିକାଶ ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ପକ୍ଷରୁ କାର୍ଯ୍ୟନିର୍ବାହୀ ସଂସ୍ଥାଗୁଡ଼ିକୁ ୨୩୪.୩୭କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଅବଧି ଶେଷ ହୋଇଥିଲେ ହେଁ ୨୦୨୨ ଅକ୍ଟୋବର ସୁଦ୍ଧା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ମାତ୍ର ୧୨୫.୫୨କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ଓଏମ୍‌ବିଏଡିସିକୁ ଦେବାରେ ସକ୍ଷମ ହୋଇଥିଲା। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ୫୩.୫୬ ପ୍ରତିଶତ ଅର୍ଥର ବିନିଯୋଗ ପ୍ରମାଣପତ୍ର ପ୍ରଦାନ କରିଥିବାବେଳେ ଅବଶିଷ୍ଟ ୧୦୮.୮୫କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ଦେଇପାରି ନ ଥିବା ସିଏଜି ପକ୍ଷରୁ ଦର୍ଶାଯାଇଛି।

## ଶେଷ ହେଲା ଅନନ୍ତ ...

ଇନ୍ଧନ ଯୋଗାଇଥିଲା। ଭଗବାନ କୃଷ୍ଣଙ୍କୁ ସେ ଭକ୍ତିଭାବ ଅର୍ପଣ କରିବା ସହ ସନାତନ ଧର୍ମ ବିଚାରଧାରାରେ ନିଜକୁ ସମର୍ପିତ କରିଛନ୍ତି। ଏହା ଏକ ଉତ୍ସବ ଶୋଭାଯାତ୍ରା ନୁହେଁ, ବରଂ ସମ୍ପୂର୍ଣ୍ଣ ଭକ୍ତିପୂର୍ଣ୍ଣ କାର୍ଯ୍ୟ, ଯେଉଁଠି ତନ, ମନ ଓ ଆତ୍ମାକୁ ଭଗବାନ କୃଷ୍ଣଙ୍କ ନିକଟରେ ଅର୍ପଣ କରାଯାଇଥିଲା। ପ୍ରତି ପଦକ୍ଷେପରେ ଅନନ୍ତ ଦ୍ୱାରିକାଧୀଶଙ୍କ କୃପା ଏବଂ ସନାତନ ଧର୍ମ ବିଚାରଧାରାରେ ନିଜକୁ ଉତ୍ସର୍ଗ କରିଥିଲେ। ତାଙ୍କ ପଦଯାତ୍ରା କେବଳ ବିବୃତି ପ୍ରଦାନ ପାଇଁ ନୁହେଁ, ଆଧ୍ୟାତ୍ମିକତା ଓ ଅଧ୍ୟବସାୟ ସକାଶେ ଉଦ୍ଦିଷ୍ଟ। ପିଲାଦିନୁ ବିରଳ ହରମୋନ୍‌ଜନିତ ଅସଙ୍ଗତି କ୍ୟୁଶିଙ୍ଗ୍ସ ସିଣ୍ଡ୍ରୋମ, ମେଦବହୁଳତା, ଶ୍ୱାସ ଓ ଫାଇବ୍ରୋସିସ୍ ଆଦି ରୋଗ ଅନନ୍ତଙ୍କ ପାଇଁ ଚ୍ୟାଲେଞ୍ଜ ହୋଇ ରହିଥିବାବେଳେ ଏହା ତାଙ୍କୁ ଆଧ୍ୟାତ୍ମିକ ପଦଯାତ୍ରା ପାଇଁ ପ୍ରେରିତ କରିଛି। ଅନନ୍ତଙ୍କ ପାଇଁ ଏହି ପଦଯାତ୍ରା ସାମର୍ଥ୍ୟର ପ୍ରଦର୍ଶନ ସକାଶେ ନୁହେଁ। ବିଶ୍ୱାସକୁ ଭୟଠାରୁ ଊର୍ଦ୍ଧ୍ୱରେ ରଖିବା, ଅସୁବିଧାଠାରୁ ଭକ୍ତିକୁ ଏବଂ ସହଜଠାରୁ ଶୃଙ୍ଖଳାକୁ ଉଚ୍ଚରେ ରଖିବା ପାଇଁ ଉଦ୍ଦିଷ୍ଟ।

ଏହି ପଦଯାତ୍ରା ଏକ ଏକାନ୍ତ ଅନୁସନ୍ଧାନ, ଯେଉଁଥିରେ କେବଳ ଅଳ୍ପ କେତେଜଣ ଘନିଷ୍ଠ ସହଯୋଗୀ ଏବଂ ଆଧ୍ୟାତ୍ମିକ ମାର୍ଗଦର୍ଶକ ସାମିଲ ହୋଇଥିଲେ। କୌଣସି କ୍ୟାମେରା ନ ଥିବାବେଳେ ଗଣମାଧ୍ୟମକୁ ସୂଚନା ପ୍ରଦାନ କିମ୍ବା ସୋସିଆଲ ମିଡିଆରେ ପ୍ରସାରଣ କରାଯାଇ ନ ଥିଲା। ଥିଲା କେବଳ ଧୂଳିମାଟିରେ ପଦପାତର ଶବ୍ଦ ଏବଂ ଅତୁଟ ବିଶ୍ୱାସର ନୀରବ ଗୁଞ୍ଜରଣ। ପ୍ରତି ଧୂଳିକଣା ଏବଂ ନିଃଶ୍ୱାସରେ ଅନନ୍ତ ସତ୍ୟ ସହ ରହୁଥିଲେ, ଯାହା କ୍ୱଚିତ ଗ୍ରହଣ କରିବାକୁ ସାହସ କରିଥାନ୍ତି, ଯେଉଁ ବାସ୍ତବ ଶକ୍ତି ନୀରବରେ ଚାଲିଥିଲା। ଅନନ୍ତ ଅମ୍ବାନୀଙ୍କ ଦ୍ୱାରକା ପଦଯାତ୍ରା ସ୍ୱଷ୍ଟତା, ସାହସ ଏବଂ ଦୃଢ଼ ବିଶ୍ୱାସର ବିରଳ କାର୍ଯ୍ୟ ଥିଲା। ଏହି ପବିତ୍ର ତଥା ବ୍ୟକ୍ତିଗତ ଯାତ୍ରା ଜରିଆରେ ଏକ ପିଢ଼ିକୁ ଅନନ୍ତଙ୍କ ବାର୍ତ୍ତା ହେଲା, ' ଆପଣମାନଙ୍କ ଭକ୍ତି ଆପଣଙ୍କୁ ମାର୍ଗଦର୍ଶନ ଦେଉ। ଏହା ଆପଣଙ୍କୁ ବିନୟୀ କରାଉ ଓ ଗଠନ କରୁ। ଯେତେବେଳେ ଜୀବନର ବୋଝ ଓଜନଦାର ଅନୁଭୂତ ହେଉଛି, ଆପଣଙ୍କ ବିଶ୍ୱାସ ଏହାକୁ ଆଗକୁ ବୋହିନେବାରେ ସହାୟକ ହେଉ'।

## ବଙ୍ଗୋପସାଗରରେ ...

୨ରୁ ୩ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ରବିବାର ୭ ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ବା ତା'ଠାରୁ ଅଧିକ ରହିଥିବାବେଳେ ବୌଦ୍ଧରେ ଦିନ ତାପମାତ୍ରା ସର୍ବାଧିକ ୪୨.୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା। ସେହିପରି ଅନୁଗୋଳ, ଝାରସୁଗୁଡ଼ା ଓ ଟିଟିଲାଗଡ଼ରେ ୪୧.୦ ଡିଗ୍ରୀ, ହୀରାକୁଦରେ ୪୦.୧, ସୋନପୁରରେ ୪୦.୮ ଏବଂ ପାରଳାଖେମୁଣ୍ଡିରେ ୪୦.୦ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।



ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ରବିବାର ଗଞ୍ଜାମ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ମନ୍ଦିରକୁ ଆସି ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ମନ୍ଦିର ସେବାୟତଙ୍କ ପକ୍ଷରୁ ମୁଖ୍ୟ ବିଚାରପତି ଓ ତାଙ୍କ ସ୍ତ୍ରୀଙ୍କୁ ମା'ଙ୍କ ଫଟୋ ପ୍ରଦାନ କରାଯାଇଛି। **(ଫଟୋ: ସନ୍ତୋଷ ପାଢ଼ୀ)**

## ଅମୃତ ଷ୍ଟେଶନ ଯୋଜନା


# ଉତ୍ତର ଓଡ଼ିଶାରେ ୭ ରେଳ ଷ୍ଟେଶନର ନବୀକରଣ

**ଭୁବନେଶ୍ୱର,୬।୪(ଅନୁରାଧା ମହାରଣା)**

ଭାରତୀୟ ରେଳପଥର ଅମୃତ ଷ୍ଟେଶନ ଯୋଜନାରେ ଉତ୍ତର ଓଡ଼ିଶାର ବିଭିନ୍ନ ରେଳ ଷ୍ଟେଶନର ପୁନର୍ବିକାଶ ବା ନବୀକରଣ କରାଯାଉଛି। ଏଥିମଧ୍ୟରେ କେନ୍ଦୁଝରଗଡ଼, ବଡ଼ବିଲ, ଜାରୋଲି, ବାରିପଦା, ରାଇରଙ୍ଗପୁର, ବେତନଟି ଏବଂ ବାଦାମପାହାଡ ଷ୍ଟେଶନ ରହିଛି। ଭିତ୍ତିଭୂମିର ଉନ୍ନତି, ସୁବିଧାସୁଯୋଗର ଆଧୁନିକୀକରଣ, ଯାତ୍ରୀଙ୍କ ପାଇଁ ଆରାମଦାୟକ ସେବା ଏବଂ ବାଣିଜ୍ୟିକ ଅଭିବୃଦ୍ଧି ପାଇଁ ରେଳ ସଂଯୋଗ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିସହ ଷ୍ଟେଶନଗୁଡ଼ିକରେ ଡିଜାଇନ, ପ୍ରଯୁକ୍ତିବିଦ୍ୟା ଏବଂ ଯାତ୍ରୀ ସେବାରେ ଯଥେଷ୍ଟ ଉନ୍ନତି ଘଟିବ ବୋଲି ଆଶା କରାଯାଉଛି। ଆଧୁନିକ ପ୍ଲାଟଫର୍ମ, ଉନ୍ନତ ଟିକେଟିଂ ସୁବିଧା, ପ୍ରତୀକ୍ଷା କ୍ଷେତ୍ର ଏବଂ ଉନ୍ନତ ପରିଷ୍କାର ପରିଚ୍ଛନ୍ନତାକୁ ସୁନିଶ୍ଚିତ କରାଯିବ।

୧୦.୧୬ କୋଟି ବ୍ୟୟବରାଦରେ କେନ୍ଦୁଝରଗଡ଼ ଷ୍ଟେଶନର ଗୁରୁତ୍ୱପୂର୍ଣ୍ଣ ଉନ୍ନତୀକରଣ କାର୍ଯ୍ୟ ଚାଲୁରହିଛି। ଆଧୁନିକ ସୁବିଧାଯୁକ୍ତ ଏକ ନୂଆ ଷ୍ଟେଶନ ଭବନ ନିର୍ମାଣ ସହିତ ସମ୍ମୁଖ ଭାଗର ଉନ୍ନତୀକରଣ କରାଯାଉଛି। ଏହାସହିତ ପ୍ଲାଟ୍‌ଫର୍ମ ପୃଷ୍ଠ ଉନ୍ନତୀକରଣ ସହ ଏଲ୍‌ଇଡି ସାଇନେଜ, କୋଚ୍ ଏବଂ ଟ୍ରେନ୍ ଇଣ୍ଡିକେଶନ ବୋର୍ଡ ସ୍ଥାପନ ଓ ୧୨ ମିଟର ଚଉଡ଼ାର ଫୁଟ ଓଭର ବ୍ରିଜ ନିର୍ମାଣ କରାଯାଉଛି। ଷ୍ଟେଶନରେ ଅତିରିକ୍ତ ୨୦ଟି ପ୍ଲାଟଫର୍ମ ଆଶ୍ରୟସ୍ଥଳ ମଧ୍ୟ ରହିବ। ସେହିପରି ୧୭.୭କୋଟି ଟଙ୍କାର ଅନୁମୋଦିତ ବଜେଟ ସହିତ ବଡ଼ବିଲ ରେଳ ଷ୍ଟେଶନରେ ପ୍ରମୁଖ ଉନ୍ନତୀକରଣ କାର୍ଯ୍ୟ ଚାଲିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୧% ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାବେଳେ କେବଳ ଗୁଡସ୍ ଶେଡ୍‌ର ଉନ୍ନତି ପାଇଁ ପ୍ରାୟ ୧୦ କୋଟି ଟଙ୍କା ଖର୍ଚ୍ଚ ହେବ।

ଅନ୍ୟପକ୍ଷରେ ୮.୬ କୋଟି ଅନୁମୋଦିତ ବଜେଟ ସହିତ ଜାରୋଲି ରେଳ ଷ୍ଟେଶନର ଉନ୍ନତିକରଣ କାର୍ଯ୍ୟ ପ୍ରାୟ ୨୪% ଶେଷ ହୋଇଛି। ବାରିପଦା ରେଳ ଷ୍ଟେଶନର ଉନ୍ନତୀକରଣ ପାଇଁ ୧୫.୩୫୪ କୋଟି ଟଙ୍କା ଅନୁମୋଦିତ ବଜେଟ ରହିଥିବାବେଳେ ପ୍ରାୟ ୮୦% ନିର୍ମାଣ ସରିଛି। ସେହିପରି ରାଇରଙ୍ଗପୁର ରେଳ ଷ୍ଟେଶନର ଉନ୍ନତୀକରଣ ପାଇଁ ୭.୪ କୋଟି ବ୍ୟୟବରାଦ ରହିଥିବାବେଳେ ୩୨% କାମ ସରିଛି। ବେତନଟି ରେଳ ଷ୍ଟେଶନ ପାଇଁ ୧୪୪.୧୪୬ କୋଟି ଟଙ୍କାରେ ନବୀକରଣ କରାଯାଉଛି। ୨୦୨୫ ଜୁଲାଇ ସୁଦ୍ଧା କାର୍ଯ୍ୟ ଶେଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୫୦% କାମ ସମାପ୍ତ ହୋଇଛି। ବାଦାମପାହାଡ଼ ରେଳ ଷ୍ଟେଶନ ପାଇଁ ୧୨.୨୨ କୋଟି ଟଙ୍କାର ଅନୁମୋଦିତ ବଜେଟ ସହିତ ଗୁରୁତ୍ୱପୂର୍ଣ୍ଣ ଉନ୍ନତୀକରଣ କାର୍ଯ୍ୟ ଚାଲୁରହିଛି। ଇତିମଧ୍ୟରେ ପ୍ରାୟ ୩୪% କାମ ସରିଛି। ଉନ୍ନତ ଯାତ୍ରା ସୁବିଧା ସହ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବାରେ ଏହି ନବୀକରଣ ବେଶ୍ ସହାୟକ ହେବ ବୋଲି ରେଳପଥ ପକ୍ଷରୁ କୁହାଯାଇଛି।




# ଚିକିତ୍ସାଧୀନ ଅବସ୍ଥାରେ ଦନ୍ତାହାତୀର ମୃତ୍ୟୁ

**ବନ୍ତଲା,୬।୪(ସୁଶୀତ ସାହୁ)**

ଅନୁଗୋଳ ଜିଲା ବନ୍ତଲା ବନାଞ୍ଚଳ ବଲଙ୍ଗ ଗାଁ ଉପରମୁଣ୍ଡ ପୋଖରୀ ନିକଟରୁ ରବିବାର ଏକ ଦନ୍ତାହାତୀର ମୃତଦେହ ଠାବ ହୋଇଛି। ଗତ ଏକ ସପ୍ତାହ ହେବ ଅନୁଗୋଳ, ଢେଙ୍କାନାଳ ଓ କପିଳାସ ହାତୀ ଉଦ୍ଧାର କେନ୍ଦ୍ରର ଚିକିତ୍ସକ ଟିମ ଦନ୍ତାହାତୀର ଚିକିତ୍ସା କରୁଥିଲେ। ଚିକିତ୍ସା ପରେ ଧୀରେ ଧୀରେ ହାତୀ ସୁସ୍ଥ ହେଉଥିବା ଓ ଖାଦ୍ୟଗ୍ରହଣ କରୁଥିବା ନେଇ ବନ ବିଭାଗ ଅଧିକାରୀ ସୂଚନା ଦେଇଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ହାତୀଟିର ମୃତ୍ୟୁ ଘଟିଥିବା ଖବର ପାଇ ବନ୍ତଲା ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ସାହୁ, ଅନୁଗୋଳ ପ୍ରାଣୀ ଚିକିତ୍ସକ ଡା. ପି. କେ ସିଂ, ବନ୍ତଲା ପ୍ରାଣୀ ଚିକିତ୍ସକ ଡା. ଦେବାଶିଷ ପଣ୍ଡା ଘଟଣା ସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିବା ସହ ମୃତଦେହ ବ୍ୟବଚ୍ଛେଦ କରିଥିଲେ। ଦନ୍ତାହାତୀ ମୃତ୍ୟୁର ଠିକ କାରଣ ଜଣାପଡି ନ ଥିଲା ବେଳେ ମୃତ ହାତୀର କେତେକ ନମୁନା ସଂଗ୍ରହ କରାଯାଇ ଓୟୁଏଟି ଭୁବନେଶ୍ୱରକୁ ପଠାଯାଇଛି। ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ବନାଞ୍ଚଳ ଅଧିକାରୀ ସାହୁ ପ୍ରକାଶ କରିଛନ୍ତି।



# ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

## ଓଡ଼ିଶା ନିବେଶକ ସମ୍ମିଳନୀରେ ଯୋଗଦେବେ

**ଭୁବନେଶ୍ୱର,୬।୪ (ଅନୁରାଧା ମହାରଣା)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଦିଲ୍ଲୀ ଗସ୍ତ କରିଛନ୍ତି। ଏହି ଗସ୍ତ ସମୟରେ ସେ ଓଡ଼ିଶା ନିବେଶକ ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶାର ଶିଳ୍ପକ୍ଷେତ୍ରରେ ପ୍ରଗତି ପାଇଁ ମୁଖ୍ୟମନ୍ତ୍ରୀ ବିଭିନ୍ନ କମ୍ପାନୀ ସହ ବୁଝାମଣାପତ୍ର ସ୍ୱାକ୍ଷର କରିବେ। ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ଷ୍ଟେକ୍ ହୋଲ୍ଡର୍, ଶିଳ୍ପପତିଙ୍କୁ ସମ୍ବୋଧିତ କରି ଓଡ଼ିଶାକୁ ନିବେଶ ଅନୁକୂଳ କରିବା ଦିଗରେ ରାଜ୍ୟ ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇବେ। ଏହି ଅବସରରେ ବିଭିନ୍ନ କମ୍ପାନୀ ସହ ସ୍ୱାକ୍ଷରିତ ହେବାକୁ ଥିବା ଚୁକ୍ତି ରାଜ୍ୟର ଅର୍ଥନୀତି ଅଭିବୃଦ୍ଧିରେ ସହାୟକ ହେବା ସହ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଚୁକ୍ତି ହେବାକୁ ଥିବା କମ୍ପାନିଗୁଡ଼ିକ ମଧ୍ୟରେ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ଲିମିଟେଡ୍, ପେଟ୍ରୋନେଟ୍ ଏଲ୍‌ଏନ୍‌ଜି, ଇଣ୍ଡିଆନ୍ ଷ୍ଟ୍ରାଟେଜିକ ପେଟ୍ରୋକେମିକାଲ ରିଜର୍ଭସ୍ ଲିମିଟେଡ୍ ଆଦି ରହିଛି। ଏହି ସହଭାଗିତା ରାଜ୍ୟରେ ପେଟ୍ରୋକେମିକାଲ ଓ କେମିକାଲ ଶିଳ୍ପକୁ ସୁଦୃଢ଼ କରିବାରେ ସହାୟକ ହେବ। ସେହିଭଳି ରାଜ୍ୟରେ ପୁଞ୍ଜିନିବେଶ ପାଇଁ ନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ମୁଖ୍ୟମନ୍ତ୍ରୀ ନୋଇଡ଼ାସ୍ଥିତ ଏଚ୍‌ସିଏଲ ଟେକ୍ କ୍ୟାମ୍ପସ୍ ପରିଦର୍ଶନ କରିବାର ମଧ୍ୟ ଯୋଜନା ରହିଛି। ଏହାବ୍ୟତୀତ ଅନ୍ୟାନ୍ୟ କ୍ଷେତ୍ରର ପୁଞ୍ଜିନିବେଶକ ସହ ୱାନ୍ ଅନ୍ ୱାନ୍ ଆଲୋଚନା କରି ରାଜ୍ୟରେ ପୁଞ୍ଜି ନିବେଶ ପାଇଁ ଆମନ୍ତ୍ରଣ କରିବେ। ପୂର୍ବୋଦୟ ଯୋଜନା ଅଧୀନରେ ପୂର୍ବଭାରତ ବିଶେଷ କରି ଓଡ଼ିଶାରେ ଥିବା ଶିଳ୍ପ ସମ୍ଭାବନାକୁ ନୂଆରୂପ ଦେବାରେ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ସହାୟକ ହେବ ବୋଲି ଆଶା କରାଯାଉଛି। ୯ ତାରିଖରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଫେରିବାର କାର୍ଯ୍ୟକ୍ରମ ରହିଛି।




# ବେଜବରୁଆ ଆସାମ-ଓଡ଼ିଶା ମଧ୍ୟରେ ସମ୍ପର୍କର ସେତୁ ଥିଲେ

## ଲକ୍ଷ୍ମୀନାଥ ବେଜବରୁଆଙ୍କ ସାଧନା ଗୃହ ପରିଦର୍ଶନ କଲେ ଛତିଶଗଡ଼ ରାଜ୍ୟପାଳ

**ସମ୍ବଲପୁର,୬।୪ (ଭବାନୀ ଶଙ୍କର ଭୋଇ)**

ଛତିଶଗଡ଼ ରାଜ୍ୟପାଳ ରମେନ ଡେକା ରବିବାର ସମ୍ବଲପୁର ଗସ୍ତରେ ଆସି ପ୍ରଥମେ ଇଷ୍ଟଦେବୀ ମା' ସମଲେଇଙ୍କୁ ଦର୍ଶନ କରିଥିଲେ। ତା'ପରେ ସେ ଅପରାହ୍ନ ୪ଟା ସମୟରେ କଚେରି ଛକସ୍ଥିତ ବିଶିଷ୍ଟ ଅହମିଆ ସାହିତ୍ୟ ସାଧକ ଲକ୍ଷ୍ମୀନାଥ ବେଜବରୁଆଙ୍କ ସାଧନା ଗୃହକୁ ପରିଦର୍ଶନ କରିଥିଲେ। ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। ବେଜବରୁଆଙ୍କ ପ୍ରତି ଗଭୀର ଶ୍ରଦ୍ଧା ଜଣାଇ ଛତିଶଗଡ଼ ରାଜ୍ୟପାଳ କହିଥିଲେ ଯେ, ସମ୍ବଲପୁରକୁ ଆସି ସେ ବେଶ୍ ଗର୍ବ ଓ ଆନନ୍ଦ ଅନୁଭବ କରିଛନ୍ତି। ସମ୍ବଲପୁର ଲକ୍ଷ୍ମୀନାଥ ବେଜବରୁଆଙ୍କ କର୍ମଭୂମି କାରଣରୁ ଅହମିଆ ସାହିତ୍ୟ ଜଗତର ମହତ୍ତ୍ୱପୂର୍ଣ୍ଣ ଅଧ୍ୟାୟ। ସେ ନିଜ ଜୀବନର ଅନେକ ମୂଲ୍ୟବାନ ବର୍ଷ ଏହି ସାଧନା ଗୃହରେ ଅତିବାହିତ କରି ଅହମିଆ ସାହିତ୍ୟ ରଚନା କରିଥିଲେ। ବେଜବରୁଆଙ୍କ ସାଧନା ଗୃହ ଚାରିପାଖରେ ହୋଇଥିବା ସୁନ୍ଦର ପରିଚାଳନା ଓ ସଂରକ୍ଷଣ ଦେଖି ସନ୍ତୋଷ ବ୍ୟକ୍ତ କରି ଓଡ଼ିଶା ଓ ଆସାମ ସରକାରଙ୍କୁ ଛତିଶଗଡ଼ ରାଜ୍ୟପାଳ ଡେକା କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ସେ ପ୍ରସ୍ତାବ ରଖିଥିଲେ, ଏଠି ଏକ ଡିଜିଟାଲ ଲାଇବ୍ରେରି ସ୍ଥାପନ କରାଗଲେ ନୂଆ ପିଢ଼ି ଏହି ବିଶିଷ୍ଟ ସାହିତ୍ୟିକଙ୍କ ବିଷୟରେ ଅଧିକ ତଥ୍ୟ ଜାଣିପାରନ୍ତେ। ବେଜବରୁଆଙ୍କ ବ୍ୟକ୍ତିତ୍ୱ ଓ କାର୍ଯ୍ୟର ସ୍ମୃତିଚାରଣ କରି କହିଛନ୍ତି, ସେ କେବଳ ଜଣେ ଲେଖକ ନ ଥିଲେ ବରଂ ଜଣେ ସଫଳ ଉଦ୍ୟମୀ ଓ ଜନସେବକ ଥିଲେ। ସମ୍ବଲପୁର ପୌର ପରିଷଦର ସଦସ୍ୟ ଭାବେ କାର୍ଯ୍ୟ କରି ଏଠାକାର ବିକାଶ ପାଇଁ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇଛନ୍ତି। ବେଜବରୁଆ ଉଭୟ ଆସାମ ଏବଂ ଓଡ଼ିଶା ରାଜ୍ୟ ମଧ୍ୟରେ ସମ୍ପର୍କର ସେତୁ ସାଜିଥିଲେ। ତାଙ୍କ ମାଧ୍ୟମରେ ସମ୍ବଲପୁର ଏବଂ ଓଡ଼ିଆ ସାହିତ୍ୟ, ସଂସ୍କୃତିକୁ ଏକ ନୂଆ ପରିଚୟ ମିଳିଛି। ଛତିଶଗଡ଼ ରାଜ୍ୟପାଳଙ୍କ ସାଧନା ଗୃହ ପରିଦର୍ଶନ ସମୟରେ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ ଭାମୁ, ସମ୍ବଲପୁର ମହାନଗର କମିଶନର ବେଦଭୂଷଣଙ୍କ ସମେତ ବହୁ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ।



ଛତିଶଗଡ଼ ରାଜ୍ୟପାଳ ରମେନ ଡେକା ଅହମିଆ ସାହିତ୍ୟ ସାଧକ ଲକ୍ଷ୍ମୀନାଥ ବେଜବରୁଆଙ୍କ ସାଧନା ଗୃହ ପରିଦର୍ଶନ କରୁଛନ୍ତି।

# ପିକ୍‌ଅପ୍ ଭ୍ୟାନ୍ ଓଲଟି ୪୦ ଆହତ



ଓଲଟି ପଡ଼ିଥିବା ପିକ୍‌ଅପ୍।

**କେନ୍ଦୁଝର,୬।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ନୟାକୋଟ ଥାନା ବଂଶପାଳ ନିକଟରେ ରବିବାର ମଧ୍ୟାହ୍ନରେ ଏକ ପିକ୍‌ଅପ୍ ଭ୍ୟାନ୍ ଓଲଟି ପଡ଼ିଛି। ଦୁର୍ଘଟଣାରେ ଚାଳକଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଜଣାପଡ଼ିଛି। ଆହତମାନେ ଅନୁଗୋଳ ଜିଲାର ହୋଇଥିବା ଜଣାପଡ଼ିଛି। ସମସ୍ତଙ୍କୁ ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ଅନୁଗୋଳ ଜିଲା ପାଲଲହଡ଼ା ଅଞ୍ଚଳ ରଡ଼ା ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ଲୋକେ ପିକ୍‌ଅପ୍ ଭ୍ୟାନ୍ ଯୋଗେ କେନ୍ଦୁଝର ବାଂଶପାଳ ବ୍ଲକ ତଳାଯାଗର ଗାଁକୁ ଏକ ଭୋଜିରେ ଯୋଗଦେବାକୁ ଆସୁଥିଲେ। ବାଂଶପାଳ ଆଇଟିଆଇ ନିକଟରେ ପିକ୍‌ଅପ୍ ଭ୍ୟାନ୍‌ଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଗାଡ଼ିରେ ଥିବା ମହିଳା ଓ ପୁରୁଷ ରାସ୍ତାରେ ଛିଟିକି ପଡ଼ି ଆହତ ହୋଇଥିଲେ। ଖବର ପାଇ ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତଙ୍କୁ ଉଦ୍ଧାର କରି ବାଂଶପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେମାନଙ୍କ ମଧ୍ୟରୁ ୧୦ ଜଣ ଗୁରୁତର ଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଗାଡ଼ି ଜବତ କରି ଘଟଣାର ଅନୁଧ୍ୟାନ କରୁଛି। ନୟାକୋଟ ଥାନା ଅଧିକାରୀ କହିଛନ୍ତି, ଆହତମାନେ ଚିକିତ୍ସାଧୀନ ଅଛନ୍ତି। କେହି ସଙ୍କଟାପନ୍ନ ନାହାନ୍ତି। ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରାଯାଇ ତଦନ୍ତ ଚାଲିଛି।



ନାରୀ ଯଦି ତୁମକୁ ପ୍ରଲୁବ୍ଧ କରେ– ତେବେ ଦୋଷ ତୁମର ନା ତା'ର। ଏତେ ନିର୍ବୋଧ ଓ ଆତ୍ମ-ପ୍ରତାରକ ହୋଇ ଉଠନା। ଦୁଇଟି ବାଟରେ ନାରୀର ପାଶ-ବନ୍ଧନରୁ ନିଜକୁ ମୁକ୍ତ କରାଯାଇପାରେ। ନାରୀ ମାତ୍ରକେ ଇ ପରିହାର କର। ନତୁବା ସକଳ ଜୀବକୁ ଭଲ ପାଅ। –ଶ୍ରୀଅରବିନ୍ଦ

-ବାସନ୍ତିକ ଦଶହରା



# ମାନ୍ଦାବସ୍ଥା ଆଡ଼କୁ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅନେକ ଅଚାନକ ନିଷ୍ପତ୍ତି ଓ ନିଆଁରେ ଘିଅ ଢାଳିଲା ଭଳି ତାଙ୍କ ବ୍ୟବସାୟିକ ବନ୍ଧୁ ଏଲନ୍ ମସ୍କଙ୍କ ପରାମର୍ଶ କେବଳ ସେହି ଦେଶ ନୁହେଁ, ବିଶ୍ୱବ୍ୟାପୀ ମୁଣ୍ଡବିନ୍ଧା ଆରମ୍ଭ କରିଦେଇଛି। ଅପେକ୍ଷାକୃତ ଦୁର୍ବଳ ଥିବା ଜୋ ବାଇଡେନଙ୍କ ପ୍ରଶାସନ ପ୍ରତି ବିମୁଖ ହୋଇ ଟ୍ରମ୍ପଙ୍କ 'ଅମେରିକା ଆଗ' ସ୍ଲୋଗାନରେ ଭାସି ଭୋଟର ଯେଉଁ ରାଜନୈତିକ ପରିବର୍ତ୍ତନ ଆଣିଥିଲେ ତାହା ଏବେ ଆମେରିକାବାସୀଙ୍କୁ ଅର୍ଥନୈତିକ ଖାଲରେ ପକାଇଲା ଭଳି ଲାଗୁଛି। ଟ୍ରମ୍ପଙ୍କ ଗୋଟେ ପରେ ଗୋଟେ ନିଷ୍ପତ୍ତି ମସ୍କଙ୍କ ଭଳି ବିଲିୟନେୟାର ବା କୋଟିପତିଙ୍କୁ ସୁହାଉଛି ବୋଲି ହୃଦୟଙ୍ଗମ କରିବା ପରେ ଆମେରିକାରେ ଘୋର ଅଶାନ୍ତି ଦେଖାଦେଇଛି। ୫ ଏପ୍ରିଲରେ ସେମାନେ ଟ୍ରମ୍ପ ଓ ମସ୍କଙ୍କ ବିରୋଧରେ ୫୦ ରାଜ୍ୟରେ 'ହ୍ୟାଣ୍ଡସ ଅଫ୍' ଆନ୍ଦୋଳନ ଆରମ୍ଭ କରିଦେଇଛନ୍ତି। କୋଟିପତିମାନେ ପ୍ରଶାସନକୁ କବ୍‌ଜା କରିବା, ସ୍ୱାସ୍ଥ୍ୟ ଓ ସାମାଜିକ ସୁରକ୍ଷା ଲାଗି ଥିବା ପାଣ୍ଠିକୁ ହ୍ରାସ କରାଯାଉଥିବା ଏବଂ ଅପ୍ରବାସୀ ଓ ଅନ୍ୟାନ୍ୟ ସମ୍ପ୍ରଦାୟ ପ୍ରତି ହେଉଥିବା ଆକ୍ରୋଶ ବିରୋଧରେ ଆନ୍ଦୋଳନ ତେଜିବା ଦେଖିବାକୁ ମିଳିଛି।

ସବୁଠାରୁ ଧନୀ ଦେଶ ଭାବେ ବିବେଚିତ ହୋଇଆସୁଥିବା ଯୁକ୍ତରାଷ୍ଟ୍ର ଆମେରିକାରେ ଧନୀ ଲୋକଙ୍କ ବିରୋଧରେ ସେଠାକାର ନାଗରିକ ରାସ୍ତାକୁ ଓହ୍ଲାଇ ସ୍ୱର ଉତ୍ତୋଳନ କରିବେ ବୋଲି ସ୍ୱପ୍ନରେ ମଧ୍ୟ ଦେଖାଯାଉ ନ ଥିଲା। କ୍ୟାପିଟାଲିଜମ୍ ବା ପୁଞ୍ଜିବାଦୀ ଅର୍ଥନୀତିର ପ୍ରବକ୍ତା ଭାବେ ଆମେରିକା ଉପରେ ମୁକ୍ତ ତଥା ଉଦାର ଜଗତର ରାଷ୍ଟ୍ରଗୁଡ଼ିକ ଢଳିପଡ଼ିଥିଲେ। ଏବେ ସମସ୍ତଙ୍କର ପରିସ୍ଥିତି ଜଟିଳ ହୋଇଯାଉଛି। ଏହା ନିଶ୍ଚିତ ଭାବେ କୁହାଯାଇପାରେ ଯେ ପୃଥିବୀର ଗଣତାନ୍ତ୍ରିକ ଦେଶଗୁଡ଼ିକରେ ପୂର୍ବେ ଯାହା କେବେ ଦେଖାଯାଉ ନ ଥିଲା, ତାହା ଏବେ ଟ୍ରମ୍ପ୍ କରି ଦେଖାଉଛନ୍ତି। ସାଧାରଣରେ ନିର୍ବାଚନ ଜିତିବା ପରେ ସବୁ ରାଜନୈତିକ ଦଳ ଓ ନେତୃବୃନ୍ଦ ସେମାନଙ୍କର ନୀତି ଓ ଭବିଷ୍ୟତର କାର୍ଯ୍ୟକଳାପ ନିର୍ଦ୍ଧାରଣ କରିଥାନ୍ତି। ଟ୍ରମ୍ପଙ୍କ ପଦକ୍ଷେପ ସମ୍ପୂର୍ଣ୍ଣ ଭିନ୍ନ ଦୃଷ୍ଟାନ୍ତ ସୃଷ୍ଟି କଲା। ରାଷ୍ଟ୍ରପତି ଭାବେ ଶପଥ ନେବାର ୭୨ ଘଣ୍ଟା ମଧ୍ୟରେ ପ୍ରାୟ ୪୭ ଏକ୍‌ଜିକ୍ୟୁଟିଭ୍ ନିର୍ଦ୍ଦେଶରେ ଚାରିବର୍ଷିଆ ଶାସନକୁ ଜନ୍ମ ଦେଇଥିଲେ ଟ୍ରମ୍ପ୍। ତନ୍ମଧ୍ୟରୁ ଅନେକ ଦେଶର ସାମଗ୍ରୀ ଉପରେ ଟାରିଫ୍ ବା ଟିକସ ଲଗାଇବାର ପଦକ୍ଷେପ ଟ୍ରମ୍ପଙ୍କ ପରିଚୟ ପାଲଟିଯାଇଛି। ନିଜର ନିଅଣ୍ଟିଆ ବାଣିଜ୍ୟ କାରବାରକୁ ଭରିବା ଲାଗି ଟ୍ରମ୍ପ୍ ନୂଆ ଟାରିଫ୍ ଘୋଷଣା କରିବା ସହ ୨ ଏପ୍ରିଲକୁ ଲିବରେଶନ ଡେ' ବା ମୁକ୍ତି ଦିବସ ବୋଲି ଅଭିହିତ କରିଛନ୍ତି। କିନ୍ତୁ ଯେଉଁଭଳି ଭାବେ ତାହା କାର୍ଯ୍ୟକାରୀ ହେବାକୁ ଯାଉଛି, ତାହା ରିସେଶନ ଡେ' ବା ମାନ୍ଦାବସ୍ଥା ଦିବସ ଭାବେ ଇତିହାସରେ ରହିଯିବ ବୋଲି ବିଶ୍ୱର କେତେକ ଅର୍ଥନୀତିଜ୍ଞ ଅନୁମାନ କଲେଣି। ଭାରତ, କାନାଡ଼ା, ଚାଇନା ଉପରେ ଟ୍ରମ୍ପ୍ ରେସିପ୍ରୋକାଲ ଟାରିଫ୍ ବା ପାଲଟା ଶୁଳ୍କ ବସାଇ ସାରିଥିବା ବେଳେ ୯ ଏପ୍ରିଲରେ ୫୭ ଦେଶ ଆହୁରି ଅଧିକ ପାଲଟା ଶୁଳ୍କର ସମ୍ମୁଖୀନ ହେବେ। ପ୍ରତିକ୍ରିୟା ସ୍ୱରୂପ କାନାଡ଼ା, ଚାଇନା ଭଳି ରାଷ୍ଟ୍ର ମଧ୍ୟ ଆମେରିକା ବିରୋଧରେ ସମାନ ଧରଣର ଅର୍ଥନୈତିକ ବ୍ୟବହାର ଦେଖାଇଲେଣି। ହେଲେ ଅଧିକାଂଶ ଭାରତୀୟ ଜାଣିନାହାନ୍ତି କେଉଁ ପ୍ରକାର ସାମଗ୍ରୀ ଆମେରିକାକୁ ଭାରତରୁ ରପ୍ତାନି ହୋଇଥାଏ। ସାଧାରଣତଃ ଖାଦ୍ୟ ପଦାର୍ଥ, ପୋଷାକ, ଔଷଧୀୟ ପଦାର୍ଥ, ହୀରା ଓ ମୁକ୍ତା ଭଳି ଦାମିକିଆ ଧାତୁ, ମୋଟର ଯନ୍ତ୍ରାଂଶ ଭାରତରୁ ଆମେରିକାକୁ ରପ୍ତାନି ହୋଇଥାଏ। ସେସବୁର ଉପଭୋକ୍ତା ମୁଖ୍ୟତଃ ପ୍ରବାସୀ ଭାରତୀୟ ହୋଇଥିବାରୁ ଆମ ଦେଶର ରପ୍ତାନି ସାମଗ୍ରୀ ଆମେରିକାର ଅର୍ଥନୀତି ଉପରେ ସେଭଳି କୌଣସି ଗୁରୁତ୍ୱ ରଖେନାହିଁ। ଅପରପକ୍ଷରେ ତାଇୱାନ ଭଳି କ୍ଷୁଦ୍ର ଦେଶରେ ପ୍ରସ୍ତୁତ ହେଉଥିବା ଚିପ୍ସର ଚାହିଦା ଆମେରିକା ବଜାରରେ ଅନେକ ଗୁରୁତ୍ୱ ରଖେ। ଏଭଳି ସ୍ଥଳେ ଭାରତ ଟ୍ରମ୍ପଙ୍କୁ ତୁଷ୍ଟ କରିବା ଲାଗି ଉପାୟ ଖୋଜୁଥିବା କୁହାଯାଉଛି। ବିଶେଷକରି ଭାରତୀୟ ଗଣମାଧ୍ୟମରେ ପ୍ରଚାର କରାଯାଉଛି ଯେ ଭାରତ ଓ ଆମେରିକା ସମ୍ପର୍କ ଭଲ ରହିଥିବାରୁ ଆଗକୁ ଟ୍ରମ୍ପ୍ କୋହଳ ମନୋଭାବ ପ୍ରଦର୍ଶନ କରିପାରନ୍ତି। କିନ୍ତୁ ସମସ୍ତେ ଜାଣିଛନ୍ତି ଯେ ଟ୍ରମ୍ପ୍ ଜଣେ ଏକଜିଦିଆ ମଣିଷ। ତାଙ୍କୁ ସହଜରେ ଝୁଙ୍କେଇ ହେବ ନାହିଁ ଏବଂ ବ୍ୟକ୍ତିଗତ ସମ୍ପର୍କ ତାଙ୍କ ସହିତ ସ୍ଥାପନ କରିବା ଏକପ୍ରକାର ଅସମ୍ଭବ। ଏହାର ପ୍ରମାଣ ମିଳିଥିଲା ଯେତେବେଳେ ଟ୍ରମ୍ପଙ୍କ ଶପଥଗ୍ରହଣ ଉତ୍ସବ ଲାଗି ଭାରତର କୌଣସି ମୁଖ୍ୟ ବ୍ୟକ୍ତିଙ୍କୁ ଡକାଯାଇ ନ ଥିଲା।

ଆମେରିକା ଯୋଗୁ ଭବିଷ୍ୟତରେ ବିଶ୍ୱ ମାନ୍ଦାବସ୍ଥା ସ୍ଥିତି ସୃଷ୍ଟି ହେଲେ ତାହାକୁ ପ୍ରତିହତ କରିବା ଲାଗି ଏବେଠୁ ଭାରତ ପ୍ରସ୍ତୁତ ହେବା ଦରକାର। ଇତିମଧ୍ୟରେ ଆମେରିକା ପ୍ରତି ଚାଇନା ତା'ର କଠୋର ମନୋଭାବ ପ୍ରଦର୍ଶନ କରି ପ୍ରାୟ ୩୪ ପ୍ରତିଶତ ପାଲଟା ଶୁଳ୍କ କଷି ଦେଲାଣି। ବିଶ୍ୱ ବଜାରକୁ ଦେଖିଲେ ଚାଇନାର ସାମଗ୍ରୀ ଛାଇ ହୋଇ ରହିଛି। କେଉଁ ଦେଶର ବଜାରକୁ କିଭଳି ଦ୍ରବ୍ୟ ଯୋଗାଇ ଲାଭ ଉଠାଇ ହେବ ତାହାର କୌଶଳ ଚାଇନାକୁ ଭଲ ଭାବେ ଜଣା। ସେଠାକାର ଘରେ ଘରେ ଲୋକେ ସାମଗ୍ରୀ ପ୍ରସ୍ତୁତ କରିବାକୁ ନିଜର ପ୍ରାରମ୍ଭିକ କର୍ତ୍ତବ୍ୟ ଭାବେ ଧରି ନେଇଛନ୍ତି। ହେଲେ ଭାରତରେ ସେହି ବାତାବରଣ ସୃଷ୍ଟି କରାଯାଇପାରୁ ନାହିଁ। ସ୍ୱାଧୀନତା ସମୟରେ ମହାତ୍ମା ଗାନ୍ଧୀ କୁଟୀର ଶିଳ୍ପ ଓ ଗ୍ରାମୋଦ୍ୟୋଗ ଉପରେ ଗୁରୁତ୍ୱ ଦେଇଥିଲେ। ତାହାକୁ ଭାରତ କୌଣସି ଭାବେ ଅନୁସରଣ କଲାନାହିଁ। ଅପରପକ୍ଷରେ ସାଂସ୍କୃତିକ ବିପ୍ଳବ ମାଧ୍ୟମରେ ଚାଇନାର ମାଓ ସେ-ତୁଙ୍ଗ୍ ତାହାକୁ ଅବିକଳ ନକଲ କରି ଆଜିର ଚାଇନା ଗଢ଼ିଥିବା ବେଳେ ଆମ ଦେଶରେ ଏବେ ମଧ୍ୟ ବୃହତ୍ ଶିଳ୍ପପତିମାନେ ଶାସକଙ୍କ କୋଳରେ ବସୁଛନ୍ତି। ସେଥିପାଇଁ ଫିତା କାଟିବା ଲାଗି ବ୍ୟବହୃତ କଇଁଚି, ପର୍ବପର୍ବାଣିରେ ବ୍ୟବହୃତ ଲିଟୁ ଲାଇଟ୍, ରାମଙ୍କ ମୂର୍ତ୍ତି ପାଇଁ ଚାଇନା ଉପରେ ନିର୍ଭର କରିବାକୁ ପଡୁଛି। ଭାରତର ନୀତି କେବଳ ବଡ଼ ଶିଳ୍ପପତିଙ୍କୁ ସୁହାଇଲା ଭଳି ହେଉଛି। ସାଧାରଣ ଲୋକଟିଏ ସହଜରେ ବ୍ୟବସାୟିକ ଦୁନିଆକୁ ପ୍ରବେଶ କରିପାରୁ ନାହିଁ। ଆମେରିକାରେ ମସ୍କଙ୍କ ଭଳି ବ୍ୟକ୍ତିଙ୍କୁ ସୁହାଇଲା ଭଳି ଟ୍ରମ୍ପ୍ ପ୍ରଶାସନ ନିଷ୍ପତ୍ତି ନେଉଥିବାରୁ ସେଠାରେ ଅରାଜକତା ସୃଷ୍ଟି ହେଲାଣି। ସେଥିରୁ ଶିକ୍ଷା ପାଇ ଭାରତ ଭାବିବା ଦରକାର ଯେ ଅର୍ଥନୈତିକ ବିକାଶ ଆଣିବାକୁ ହେଲେ ଯେଉଁ ବର୍ଗ ବ୍ୟବସାୟିକ ଦୁନିଆକୁ ପ୍ରବେଶ କରିବାକୁ ଚାହୁଁଛନ୍ତି, ସେମାନଙ୍କୁ ବଡ଼ ଶିଳ୍ପପତିଙ୍କ ତୁଳନାରେ ଅପେକ୍ଷାକୃତ ଅଧିକ ସୁବିଧା ଦିଆଯିବା ଦରକାର। ୨୦୧୬ ବିମୁଦ୍ରୀକରଣ ବେଳୁ ଭାରତରେ ଅନେକ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (ଏମ୍ଏସ୍ଏମ୍ଇ) ଓ ଛୋଟିଆ ବ୍ୟବସାୟୀଙ୍କ ଅନ୍ତ ଘଟି ଯାଇଛି। ସେଥିପାଇଁ ଆଜି ବେକାରି ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଆଗକୁ ମାନ୍ଦାବସ୍ଥା ଆସିବା ଥୟ ଭାବି ଭାରତର ନେତୃତ୍ୱ ଏବେଠାରୁ ଆର୍ଥିକ ନୀତିରେ ପରିବର୍ତ୍ତନ ଆଣିବା ଦରକାର। ସ୍ଥିତି ଦେଖି ପଦକ୍ଷେପ ନେବା ହେଉଛି ସମୟର ଆହ୍ୱାନ। ଥରେ ଯଦି ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଲଗାମବିହୀନ ହୋଇଯାଏ, ତାହାକୁ ପୁନର୍ଜୀବିତ କରିବା କଷ୍ଟକର। ସାମାନ୍ୟ ଲାଭ ହେଲେ ଭାରତୀୟ ଅଧିକ କଷ୍ଟ କରିବାକୁ ଚାହିଁ ନ ଥାଆନ୍ତି। ଏଭଳି ମାନସିକତାରେ ବଞ୍ଚୁଥିବା ଜାତିକୁ ଚିଆଁଇ ଦେବା ଲାଗି ସେମାନଙ୍କ ମନରେ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ବାତାବରଣ ସୃଷ୍ଟି କରାଯିବା ଦରକାର। ସରକାର ରାଜନୈତିକ ଫାଇଦାକୁ ଆଖିଆଗରେ ରଖି କାର୍ଯ୍ୟ କରୁଥିବା ବେଳେ ଦେଶର ଆର୍ଥିକ ଦିଗକୁ ମଧ୍ୟ ସମାନ ଗୁରୁତ୍ୱ ଦେବା ଆବଶ୍ୟକ ହୋଇପଡ଼ିଲାଣି।

# ମାଟି, ବିହନ ଓ ପରିବେଶ




ଲୋକନାଥ ପଣ୍ଡା

ବର୍ତ୍ତମାନ ସାରା ଦେଶରେ କୃଷି ସମ୍ବନ୍ଧରେ ତିନୋଟି ବିଷୟରେ ଆଲୋଚନା କରିବା ବେଶ୍ ଗୁରୁତ୍ୱପୂର୍ଣ୍ଣ। ପ୍ରଥମ କଥା ହେଲା ମାଟି। ମାଟି ଦିନକୁ ଦିନ ଅଧିକ ପ୍ରଦୂଷିତ ହେବା ସହିତ ଏହାର ଗୁଣବତ୍ତା ନଷ୍ଟ ହେବାରେ ଲାଗିଛି। ସେହିଭଳି ବିହନକୁ ନେଇ ମଧ୍ୟ ସାରା ବିଶ୍ୱରେ ଉଦ୍‌ବେଗ ପ୍ରକାଶ ପାଉଛି। ଦେଶୀ ବିହନଗୁଡ଼ିକ ତଥା ପରମ୍ପରାଗତ ବିହନ ଓ ପରିବେଶ ସହନଶୀଳ ବିହନ ଲୋପ ପାଇଯାଉଛି। ବିହନକୁ ନେଇ ବ୍ୟବସାୟ ହେବା ସହିତ ବିହନର ଅଧିକାର ଚାଷୀ ବଦଳରେ ବ୍ୟବସାୟୀଙ୍କ ନିକଟରେ ରହୁଛି ଏବଂ ଅନେକ ଆଞ୍ଚଳିକ ଅନୁକୂଳ ବିହନ ଲୋପ ପାଇବାରେ ଲାଗିଛି! କିଛି ମହତ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ସ୍ଥାନୀୟ ବିହନକୁ ସଂରକ୍ଷଣ କରି ରଖିବା ପାଇଁ ପ୍ରୟାସ କରି ଚାଲିଛନ୍ତି, କିନ୍ତୁ ତାହା ଯଥେଷ୍ଟ ହୋଇପାରୁନାହିଁ। କାରଣ ସରକାର କି ସମାଜ ହେଉ କିମ୍ବା ବ୍ୟବସାୟୀ ହୁଅନ୍ତୁ ବା ବିଜ୍ଞାପନଦାତା ନିଜର ସ୍ୱାର୍ଥନିମନ୍ତେ ସମସ୍ତେ ହାଇବ୍ରିଡ ବିହନକୁ ଉତ୍ସାହିତ କରୁଛନ୍ତି ! ଅନ୍ୟ ଏକ ବିଶେଷ ଚିନ୍ତାର ବିଷୟ ହେଲା ପରିବେଶ ଅସନ୍ତୁଳିତ ହେବାରୁ ଏହାର ପ୍ରଭାବ ସାରା ବିଶ୍ୱରେ ପଡୁଛି।

ମିଳିତ ଜାତିସଂଘ ୨୦୧୯ରୁ ୨୦୨୮ ପର୍ଯ୍ୟନ୍ତ ଦଶନ୍ଧି ଧରି ଫ୍ୟାମିଲ ଫାର୍ମିଂକୁ ଗୁରୁତ୍ୱ ଦେଇଛି। ଏହି ପ୍ରେରଣାଯୁକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ସହିତ ଅନେକ ସାମାଜିକ ଅନୁଷ୍ଠାନ ମଧ୍ୟ ଫ୍ୟାମିଲି ଫାର୍ମିଂକୁ ଗୁରୁତ୍ୱ ଦେଉଛନ୍ତି। ଫ୍ୟାମିଲ ଫାର୍ମିଂର ମୂଳ ଲକ୍ଷ୍ୟ ହେଉଛି ଚିରସ୍ଥାୟୀ କୃଷି ଓ ପରିବେଶ ଅନୁକୂଳ ଚାଷକୁ ପ୍ରୋତ୍ସାହନ ଦେବା। ଏହା ଦ୍ୱାରା ଜଙ୍ଗଲ, ଗଛ, ଚାଷୀ ଓ ପରିବେଶ ବଞ୍ଚିବ। ଏହି କାର୍ଯ୍ୟକ୍ରମରେ ଯୁବ ବର୍ଗ, ମହିଳା ଚାଷୀଙ୍କୁ ମଧ୍ୟ ଅଧିକ ସାମିଲ କରିବା ପାଇଁ ପ୍ରୋତ୍ସାହିତ କରାଯାଉଛି। କିନ୍ତୁ କଥା ଉଠୁଛି, ବର୍ତ୍ତମାନ ବିକାଶମୂଳକ କାର୍ଯ୍ୟକ୍ରମରେ ଓ ବୃହତ୍ କମ୍ପାନୀଗୁଡ଼ିକୁ ପ୍ରୋତ୍ସାହନ ଦିଆଯାଉଥିବା ବେଳେ ତଥାକଥିତ ବିକାଶକୁ ଆଧାର କରି ବିଜ୍ଞାପନମୂଳକ ସମାଜରେ ଏଗୁଡ଼ିକ ସାଧାରଣ ଜନତାଙ୍କ ଦୃଷ୍ଟିକୋଣରେ ଗୌଣ ହୋଇଯାଉଛି!

ଗତ କିଛିବର୍ଷ ଧରି ମାଟିକୁ ସୁରକ୍ଷିତ ରଖିବା, ମାଟିକୁ ନେଇ ପରୀକ୍ଷା କରିବା, ମାଟିରେ କେଉଁ ସାର ଆବଶ୍ୟକ, କେଉଁ ମାଟିରେ କେଉଁ ଚାଷ ଭଲ ହୋଇପାରିବ, ତାହା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ମାଟିରେ ପ୍ରୟୋଗ ହେଉଥିବା ରାସାୟନିକ ବିପଦ ସୃଷ୍ଟି କରୁଛି। ଅନେକ ସମୟରେ ମାଟି ଲାଞ୍ଜୁଆ ହୋଇଯାଉଛି ବୋଲି କୃଷକମାନେ କୁହନ୍ତି। ନିକଟରେ ମୁଁ ରାୟଗଡ଼ା, କନ୍ଧମାଳ ଜିଲାର କୋଟଗଡ଼, ବିଷମକଟକ, ମୁନିଗୁଡ଼ା ଆଦି ଅଞ୍ଚଳରେ ଦେଖୁଥିଲି ସନ୍ଧ୍ୟା ହୋଇଗଲେ ଜଙ୍ଗଲ, ପାହାଡ଼ରେ ନିଆଁ। ପ୍ରକୃତରେ ଏହା କେତେ ସମସ୍ୟା ସୃଷ୍ଟି କରୁଛି। ଲୋକଙ୍କ ମଧ୍ୟରେ ସଚେତନତା



ନାହିଁ କିମ୍ବା କ୍ଷଣିକ ଲାଭ ନିମନ୍ତେ ବାଡ଼, ଜଙ୍ଗଲ, ପତ୍ର ପୋଡ଼ି ସଫା କରିବା ପାଇଁ ନିଆ ଲଗାଇ ଦେଉଛନ୍ତି। ଏ ସମ୍ପର୍କରେ ସ୍କୁଲ କିମ୍ବା ଗୋଷ୍ଠୀ ସ୍ତରରେ ସକାରାତ୍ମକ ଭାବରେ ଏହାକୁ ଆଲୋଚନା କରିବା ଉଚିତ। ବଣଜଙ୍ଗଲ ନିଆଁ କିପରି ପ୍ରଦୂଷଣ ବଢ଼ାଇବା ସହିତ ତାପ ବୃଦ୍ଧିକରୁଛି, ସେ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ଆଲୋଚନା କରାଯାଉ।

ନିକଟରେ ମାଟି, ବିହନ ଓ ପରିବେଶକୁ ସୁରକ୍ଷିତ ରଖିବା ନେଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଗ୍ରଗାମୀ ତରଫରୁ ରାୟଗଡ଼ା ସହରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେଉଥିଲା। ଏହି ଦୁଇଦିନିଆ ଆଲୋଚନାଚକ୍ରରେ ମାଟିକୁ କିପରି ସୁରକ୍ଷିତ ରଖିବା, ସ୍ଥାୟୀ ଚାଷ ଜୀବିକା ନିମନ୍ତେ ପରିବେଶ ଅନୁକୂଳ ଚାଷ କରିବା, ବିହନ ସଂରକ୍ଷଣ କରିବା ଏବଂ ପରିବେଶକୁ ସନ୍ତୁଳିତ କରିବା, ବାଡ଼ିବଗିଚା କୃଷିକୁ ପ୍ରାଧାନ୍ୟ ଦେବା, ଯାହାକି ପରିବେଶ ଅନୁକୂଳ ହୋଇପାରିବ, ଏହିପରି ଜଳବାୟୁ ଉପଯୋଗୀ ନିରନ୍ତର ଜୀବିକା ଇତ୍ୟାଦି ସମ୍ପର୍କରେ ଆଲୋଚନା ହୋଇଥିଲା। ବଡ଼କଥା ହେଲା, ଏହି ଆଲୋଚନାଚକ୍ରକୁ ଅନେକ କୃଷକ ଆସିଥିଲେ, ଯେଉଁମାନେ ଜଳବାୟୁ ଉପଯୋଗୀ କୃଷିକୁ ଆପଣାଇଛନ୍ତି, ନିଜର ଫ୍ୟାମିଲି ଫାର୍ମ ମାଧ୍ୟମରେ ଜୀବିକାରେ ଉନ୍ନତି ଆଣିପାରିଛନ୍ତି। ଆୟ ବୃଦ୍ଧି ଦ୍ୱାରା ଜୀବିକାରେ ପରିବର୍ତ୍ତନ ଆସିବା ସହିତ ନିଜ ପିଲାଙ୍କ ପାଠପଢ଼ା ପ୍ରତି ଅଧିକ ଖର୍ଚ୍ଚ କରିପାରିଛନ୍ତି ଏବଂ ଏକ ସମ୍ମାନଜନକ ଜୀବିକା ଆପଣାଇଛନ୍ତି। ନିରନ୍ତର ସେମାନଙ୍କର ଆୟ ବୃଦ୍ଧି ହେବାରେ ଲାଗିଛି। ଏହି କାର୍ଯ୍ୟକ୍ରମରେ କିଛି ଚାଷୀ ନିଜର ଅନୁଭୂତିରୁ ପ୍ରକାଶ କରିଥିଲେ ଯେ ସେମାନେ ବିନା ହଳରେ ଚାଷ କରି ଜୀବିକା ଅର୍ଜନ କରିପାରିଛନ୍ତି। ମାଟିକୁ ସେମାନେ ଯତ୍ନ କରିଛନ୍ତି, କାରଣ ସେମାନେ ଅନୁଭବ କରିଛନ୍ତି ଯେ ମାଟି ହେଉଛି ମାଆ।

କିଛି ଯୁବ ବର୍ଗ ଆସିଥିଲେ, ଯେଉଁମାନେ ନିଜ ନିଜ ଗ୍ରାମରେ ଫ୍ୟାମିଲ ଫାର୍ମକୁ ଗୁରୁତ୍ୱ ଦେବା ସହିତ କୃଷି ବିଦ୍ୟାଳୟ ଭାବରେ ସନ୍ଧ୍ୟାରେ କେତେକ ଗାଁରେ ପ୍ରାକୃତିକ କୃଷି, ମାଟିକୁ ବିଷାକ୍ତ ସାରରୁ ଦୂରରେ ରଖିବା, ମାଟିର ସୁରକ୍ଷା, ପରିବେଶ ସୁରକ୍ଷା, ଫ୍ୟାମିଲି ଫାର୍ମ କିପରି ନିଜ ପରିବାରର ଆୟ ବୃଦ୍ଧି କରିବା ସହିତ ନିଜ ନିଜର ଗାଁ କିପରି ପରିବେଶ ଅନୁକୂଳ ଗାଁ ବା ଇକୋ-ଭିଲେଜ ହୋଇପାରିବ, ସେଥିନିମନ୍ତେ ପ୍ରୟାସ କରୁଛନ୍ତି। ସେମାନେ ନିଜର ଉନ୍ନତି କରିବା ସହିତ ନିଜ ଗାଁ, ଜିଲା, ରାଜ୍ୟ ତଥା ଦେଶର ପରିବେଶ ସନ୍ତୁଳିତ ରଖିବାରେ ଗୁଣ୍ଡୁଚିମୂଷା ସଦୃଶ ସାହାଯ୍ୟ କରୁଛନ୍ତି, ସେହି ଦୃଷ୍ଟିରୁ ସେମାନେ ବେଶ୍ ପ୍ରଶଂସାଯୋଗ୍ୟ।

ବର୍ତ୍ତମାନ ସବୁଠାରେ କଳକାରଖାନା ହେବ, ବିକାଶ ହେବ ଏହିଭଳି ଧାରଣା ଚାରିଆଡେ ପ୍ରସାର କରାଯାଉଛି। ଅନେକେ ଆଶା କରୁଛନ୍ତି, କଳକାରଖାନା, ଖଣିଖାଦାନ ହେଲେ ବିକାଶ ହେବ। କିନ୍ତୁ ଏହା ମଧ୍ୟ ହେଉଛି ଯେ ବର୍ତ୍ତମାନ ବିଦ୍ୟାଳୟରେ ପଢୁଥିବା ଶିଶୁଠାରୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ପରିବେଶରେ କ'ଣ ପରିବର୍ତ୍ତନ ହେଉଛି, ତାହାକୁ ଅନୁଭବ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ପରିବେଶ ଅନୁକୂଳ କୃଷିକୁ ପ୍ରୋତ୍ସାହନ ଦେବା ହେଉଛି ସମସ୍ତଙ୍କ କର୍ତ୍ତବ୍ୟ। ଏହି ପରିସ୍ଥିତିରେ ସରକାର ଓ ନାଗରିକ ସମାଜ ଏହିଭଳି କିଛି କାର୍ଯ୍ୟ ହାତକୁ ନେବାକୁ ପଡ଼ିବ, ଯାହାକି ବିହନ ବଞ୍ଚିବ, ମାଟି ବଞ୍ଚିବ ଓ ପରିବେଶ ମଧ୍ୟ ବଞ୍ଚିବ! ଏଥିରେ ଗଣମାଧ୍ୟମକୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବାକୁ ପଡ଼ିବ।

ବର୍ତ୍ତମାନ ସରକାରଙ୍କ ତରଫରୁ ବ୍ୟକ୍ତିଗତ ଭାବରେ କୃଷକର ଆୟବୃଦ୍ଧି ନିମନ୍ତେ ପରିବେଶଭିତ୍ତିକ କୃଷିକୁ ଆପଣାଇବା ସହିତ ତୃଣମୂଳ ସ୍ଥଳରେ ଛୋଟ ଚାଷୀଙ୍କୁ ସୁଯୋଗ ଦେବାକୁ ପଡ଼ିବ। ଏହା କେବଳ ସରକାରୀ ସ୍ତରରେ କାର୍ଯ୍ୟକାରୀ ହେବା ଭାରି କଷ୍ଟ। ସରକାର ଓ ବେସରକାରୀ ଅନୁଷ୍ଠାନ ମିଳିତ ଭାବରେ ଏହାକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ। ଯଦି ପରିବାରର କିଛି ଚାଷ ଜମିଥାଏ କିମ୍ବା ଜଙ୍ଗଲ ଜମି ଥାଏ କିମ୍ବା ଅନ୍ୟ କାହାର ଜମିରେ ଚାଷ କରୁଥାଏ, ଏହି ଦୃଷ୍ଟିରୁ ସରକାର, ସାମାଜିକ ଅନୁଷ୍ଠାନର ମିଳିତ ସହାୟତାରେ ଗ୍ରାମୀଣ ଅଞ୍ଚଳରେ ତଥା ଆଦିବାସୀ ଅଞ୍ଚଳରେ ଆଦିବାସୀ ଯୁବକଟିଏ ଆତ୍ମନିର୍ଭରଶୀଳ ହୋଇ ବଞ୍ଚିପାରିବ ଓ ପରିବେଶ ସନ୍ତୁଳିତ ରଖିବାରେ ନିଜର ଭାଗିଦାରିତା ରହିପାରିବ। ଅନେକ ଚାଷୀ ଅଛନ୍ତି, ଯେଉଁମାନେ ପରିବେଶ ଅନୁକୂଳ ଚାଷ କରୁଛନ୍ତି, କିନ୍ତୁ ସେମାନେ ଲୋକଲୋଚନକୁ ଆସିପାରୁନାହାନ୍ତି କିମ୍ବା ତାହା ଗଣମାଧ୍ୟମରେ ପ୍ରସାରଣ ହେଉନାହିଁ କିମ୍ବା ସେମାନଙ୍କ ପାଇଁ କେହି କରୁନାହାନ୍ତି। ଏହି ଦୃଷ୍ଟିରୁ ପରିବେଶ ଅନୁକୂଳ ଚାଷୀ, ଫ୍ୟାମିଲି ଫାର୍ମ କରୁଥିବା ଚାଷୀଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କର କାହାଣୀକୁ ଅନ୍ୟମାନଙ୍କ ଆଗରେ ଉପସ୍ଥାପନ କରିବାକୁ ପଡ଼ିବ, ଯାହା ଦ୍ୱାରା କି ସଫଳ ଚାଷୀ ନିଜର ଆତ୍ମବିଶ୍ୱାସ ବୃଦ୍ଧି ପାଇବା ସହିତ ଅନ୍ୟ କୃଷକମାନଙ୍କୁ ପ୍ରେରଣା ଯୋଗାଇବାରେ ସାହାଯ୍ୟ କରିବ।

**୪ର୍ଥ ଗଳି, ହାତୀପଥର ରାସ୍ତା, ରାଣୀଗୁଡ଼ା**
**ମୋ: ୯୪୩୮୦୮୧୪୩୦**


# ନୀରବ ଚିତ୍କାର



ଡ. ଅନ୍ତର୍ଜିତା ନାୟକ

ଭାରତୀୟ ଦର୍ଶନ, ପୌରାଣିକ କଥା ଏବଂ ସଂସ୍କୃତିର ବିଶାଳ, ପ୍ରାଚୀନ ପରିଦୃଶ୍ୟରେ 'ନାରୀ' ଶବ୍ଦଟି ଶ୍ରଦ୍ଧା, ଶକ୍ତି, ଧୈର୍ଯ୍ୟ, ସହନଶୀଳତା, ସହାନୁଭୂତି ଏବଂ ସୌନ୍ଦର୍ଯ୍ୟର ପ୍ରତୀକ। ନାରୀ ହେଉଛି ପ୍ରାଣଦାୟିନୀ ଦେବୀଙ୍କ ପ୍ରତିମୂର୍ତ୍ତି। ଜ୍ଞାନର ଦେବୀ ସରସ୍ୱତୀଙ୍କଠାରୁ ଆରମ୍ଭ କରି ଧନର ଦେବୀ ଲକ୍ଷ୍ମୀଙ୍କ ପର୍ଯ୍ୟନ୍ତ ଭାରତୀୟ ସଂସ୍କୃତିରେ ମହିଳାମାନେ ଜୀବନଦାନକାରୀ ଶକ୍ତିର ପ୍ରତୀକ। ଭାରତର ଇତିହାସ ଯେତେବେଳେ ରାଣୀ ଲକ୍ଷ୍ମୀବାଈ, ଆନି ବେଶାନ୍ତ, ସରୋଜିନୀ ନାଇଡୁ, କୁନ୍ତଳା କୁମାରୀ ସାବତ, ସତ୍ୟବତୀ ଦେବୀ, ରମାଦେବୀ ଚୌଧୁରୀଙ୍କ ଭଳି ମହୀୟସୀ ମହିଳାଙ୍କ ଅବଦାନ, ବଳିଦାନ ଓ ସାହସିକତାର ମୂକସାକ୍ଷୀ, ସେତେବେଳେ ଜଣେ ମହିଳାକୁ ଏକ ଭୟଙ୍କର ଓ କାଳ୍ପନିକ ରୂପର ଆଖ୍ୟା ଦେଇ ଡାହାଣୀ ବୋଲି ବିବେଚନା କରିବା, ତାକୁ ନିର୍ଯାତନା ଦେବା, ଅତ୍ୟାଚାର କରିବା, ନାରୀତ୍ୱ ଭଳି ଅଧିକାରକୁ ତା' ପାଖରୁ ଛଡ଼େଇ ନେବା, କେତେ ସମୀଚୀନ? ଏହା ମହିଳାମାନଙ୍କ ପ୍ରତି ସାମାଜିକ ମନୋବୃତ୍ତି ବିଷୟରେ ଏକ ବଡ଼ ପ୍ରଶ୍ନ ନୁହେଁ କି?

ଭାରତର ନ୍ୟାଶନାଲ କ୍ରାଇମ୍ ରେକର୍ଡ୍ସ ବ୍ୟୁରୋ ଦର୍ଶାଇଛି ଯେ, ୨୦୦୦ରୁ ୨୦୧୬ ମସିହା ମଧ୍ୟରେ ସାରା ଦେଶରେ ୨,୫୦୦ରୁ ଅଧିକ, ମୁଖ୍ୟତଃ ମହିଳାଙ୍କର କଳା ଯାଦୁକରି ବା ଡାହାଣୀ ଅଭିଯୋଗରେ ହତ୍ୟା କରାଯାଇଥିଲା। ଏହି ପ୍ରଥା ଭାରତର ୧୨ଟି ରାଜ୍ୟ ଯଥା ଆସାମ, ବିହାର, ଛତିଶଗଡ଼, ଗୁଜରାଟ, ହରିୟାଣା, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ରାଜସ୍ଥାନ, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗରେ ଅଧିକ ପ୍ରଚଳିତ। ବିଶେଷକରି ବିଧବା, ଏକୁଟିଆ ରହୁଥିବା ମହିଳା ବା ଅବିବାହିତା ମହିଳାଙ୍କୁ କଳା ଯାଦୁକରି ଅଭ୍ୟାସ କରୁଥିବା ଅଭିଯୋଗରେ ସେମାନଙ୍କ ଛବିକୁ କଳୁଷିତ କରାଯାଏ। ଏହି ଅଭିଯୋଗଗୁଡ଼ିକ ସାଧାରଣତଃ ଅନ୍ଧବିଶ୍ୱାସ, ଈର୍ଷା, ସମ୍ପତ୍ତି ବିବାଦ କିମ୍ବା ସ୍ୱାଧୀନ ମହିଳାମାନଙ୍କୁ ନିୟନ୍ତ୍ରଣ କରିବାର ଉଦ୍ଦେଶ୍ୟରୁ ଉତ୍ପନ୍ନ ହୋଇଥାଏ। ଡାହାଣୀ ଆଖ୍ୟା ଦେଇ ସେମାନଙ୍କୁ ନିଷ୍ଠୁର ନିର୍ଯାତନା ଦିଆଯାଇଥାଏ, ନ ହେଲେ ଗ୍ରାମରୁ ବାସନ୍ଦ ବା ବହିଷ୍କାର କରିଦିଆଯାଏ। ଚରମ ମାମଲାରେ ବହୁ ସମୟରେ ନାରୀମାନେ ଡାହାଣୀର ଆଖ୍ୟା ପାଇ ମୃତ୍ୟୁର ସମ୍ମୁଖୀନ ମଧ୍ୟ ହୋଇଥା'ନ୍ତି। ମହିଳାମାନଙ୍କୁ ଡାହାଣୀ ବୋଲି ଆଖ୍ୟା ଦେବା କେବଳ ଅନ୍ଧବିଶ୍ୱାସର ପ୍ରସଙ୍ଗ ନୁହେଁ, ବରଂ ମହିଳାଙ୍କ ପ୍ରତି ସମାଜର କୁସଂସ୍କାରକୁ ମଧ୍ୟ ପ୍ରତିଫଳିତ କରେ। ଯଦି ପିଲାଙ୍କୁ ଝାଡ଼ା-ବାନ୍ତି ହେଉଛି, ତେବେ ବୋଧହୁଏ ପିଶାଚୁଣୀର ନଜର ଲାଗିଯାଇଛି। ଯଦି ଲଗାତାର କମ୍ପ-ଜ୍ୱର ହେଉଛି ଓ ଜ୍ୱର ଛାଡୁନାହିଁ, ତେବେ ସେ ବ୍ୟକ୍ତିକୁ ଡାହାଣୀ ଲାଗିଛି। ଭଲ ଫସଲ ହେଉନାହିଁ, ସ୍ୱାମୀ-ସ୍ତ୍ରୀ ଭିତରେ ଭଲ ପଡୁନାହିଁ, ଜମି-ଜମା ବିବାଦ ମେଣ୍ଟୁନାହିଁ ଇତ୍ୟାଦି ଇତ୍ୟାଦି ପଛରେ ଡାହାଣୀ, ପିଶାଚୁଣୀ, ଚିରିଗୁଣୀମାନଙ୍କ ହାତ। ରାଜ୍ୟ ମହିଳା ଆୟୋଗ, ଓଡ଼ିଶା ଏବଂ ଏକ ବେସରକାରୀ ସଂଗଠନ ଆକ୍ସନଏଡ୍ ଆସୋସିଏଶନ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ୨୭% ୱିଚ୍ ବ୍ରାଣ୍ଡିଂ ମାମଲା ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ସହିତ ଜଡିତ ଥିବାବେଳେ ୪୩.୫% ମାମଲା ବୟସ୍କ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ସହିତ ଜଡ଼ିତ। ମହିଳାମାନଙ୍କୁ ଡାହାଣୀ ବା ପିଶାଚୁଣୀର ଆଖ୍ୟା ଦିଆଯାଇ ସେମାନଙ୍କ ନଖ ବାହାର କରିଦିଆଯାଏ, ମଳ ଖାଇବାକୁ ବାଧ୍ୟ କରାଯାଏ, ଉଲଗ୍ନ ହୋଇ



ପରିକ୍ରମା କରିବାକୁ କୁହାଯାଏ ନ ହେଲେ ମାରି ମାରି ପ୍ରାଣରୁ ମାରି ଦିଆଯାଏ, ନ ହେଲେ ଜିଅନ୍ତା ଜାଳି ଦିଆଯାଏ। ମହିଳାମାନଙ୍କୁ ଡାହାଣୀ ଭାବରେ ଚିତ୍ରଣ କରିବା, ଦ୍ୱୈତବାଦର ଏକ ସ୍ପଷ୍ଟ ସ୍ମାରକୀ। କାରଣ ଗୋଟିଏ ପଟେ ଆମେ ନାରୀକୁ ନାରାୟଣୀ କହିଲା ବେଳେ ଅନ୍ୟ ପାଖରେ ସେଇ ନାରୀ ଯେତେବେଳେ ସମାଜର ଆକାରହୀନ ଢାଞ୍ଚା ସହ ଖାପ ନ ଖୁଆଇ, ସେଇ ଆକାରହୀନ ସମାଜକୁ ଏକ ସୁନ୍ଦର ଆକାର ଦେବାର ପ୍ରୟାସ କରେ, ସେତେବେଳେ ଡାହାଣୀ ବୋଲି ପରିଚୟ ପାଇ ନିନ୍ଦିତ ହୁଏ। ଡାହାଣୀର ଆଖ୍ୟା କେବଳ ମହିଳାମାନଙ୍କ ମର୍ଯ୍ୟାଦା ହାନି ନୁହେଁ, ବରଂ ସମାଜରୁ ସେମାନଙ୍କର ସମ୍ଭାବ୍ୟ ଅବଦାନ ଉପରେ ମଧ୍ୟ ଏକ କଟକଣା, ଯେଉଁଥିରେ ମହିଳାମାନଙ୍କୁ କୁପରମ୍ପରା, ଅନ୍ଧବିଶ୍ୱାସ ଏବଂ ଲିଙ୍ଗଗତ ବେଆଇନ ବନ୍ଧନରୁ ମୁକ୍ତ ହେବାକୁ ଅନୁମତି ଦିଏନାହିଁ। ଆଇନଗତ ସଂସ୍କାର ଏବଂ ସଚେତନତା ବୃଦ୍ଧି ସତ୍ତ୍ୱେ ମହିଳାମାନେ ପକ୍ଷପାତିତା ଏବଂ ବ୍ୟବସ୍ଥିତ ଅସମାନତାର ବୋଝ ସହ ସଂଘର୍ଷ ଜାରି ରଖିଛନ୍ତି। ଡାହାଣୀ ଅଭିଯୋଗରେ ହେଉ କିମ୍ବା ଭେଦଭାବର ସୂକ୍ଷ୍ମ ରୂପ ହେଉ, ମହିଳାମାନେ ସମାଜରେ ବିଦ୍ୟମାନ କୁପ୍ରଥାର ଫାଶରେ ବନ୍ଧା।

ମହିଳାଙ୍କ ବିରୋଧରେ ଏହି ହିଂସାକୁ ସମାପ୍ତ କରିବାର ସବୁଠାରୁ ସ୍ପଷ୍ଟ ସମାଧାନ ହେଉଛି ଆଇନର ଆଶ୍ରୟ ନେବା। ହେଲେ ଭାରତରେ ୱିଚ୍ ବ୍ରାଣ୍ଡିଂ ବା ଡାହାଣୀର ଆଖ୍ୟା ଦେଇ ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାର ସମ୍ପର୍କିତ ଆଇନ ଏତେ ଦୃଢ଼ ନୁହଁ ଯେ ଏହା ସମ୍ଭାବ୍ୟ ପ୍ରତିବନ୍ଧକ ଭାବରେ କାର୍ଯ୍ୟ କରିପାରିବ। ନାରୀମାନଙ୍କ ବିରୋଧରେ ଏହି ଅନ୍ୟାୟରେ ସଂଶ୍ଳିଷ୍ଟ ସାକ୍ଷୀମାନେ ଭୟରେ ପ୍ରାୟତଃ ସାକ୍ଷ୍ୟ ଦେବାକୁ ଆଗକୁ ଆସନ୍ତି ନାହିଁ। ଆଇନ କାର୍ଯ୍ୟକାରୀ କରିବା ଏବଂ ବିପଦରେ ଥିବା ମହିଳାଙ୍କୁ ସୁରକ୍ଷା ପ୍ରଦାନ କରିବା ପୋଲିସ ଏବଂ ପ୍ରଶାସନର କାର୍ଯ୍ୟ ହୋଇଥିଲେ ମଧ୍ୟ ପୋଲିସ ସେତେବେଳେ ହସ୍ତକ୍ଷେପ କରେ, ଯଦି କୌଣସି ହତ୍ୟା ଜଡ଼ିତ ଥାଏ। ଅନ୍ୟଥା ଏକ ଆପୋସ ବୁଝାମଣା ପାଇଁ ପରାମର୍ଶ ଦେଇ ମାମଲାକୁ ଏଡ଼ାଇ ଦିଆଯାଏ। ୧୮୬୦ର ଭାରତୀୟ ଦଣ୍ଡ ସଂହିତା ତଥା ନିର୍ଦ୍ଦିଷ୍ଟ ରାଜ୍ୟ ଆଇନରେ ଡାହାଣୀ ଶିକାର ଏବଂ ସେଗୁଡ଼ିକର କାର୍ଯ୍ୟକାରିତାକୁ ଅପରାଧ ବୋଲି ଦର୍ଶାଇବାର ବ୍ୟବସ୍ଥା ରହିଛି, କିନ୍ତୁ ଏହାକୁ ଦେଶରୁ ନିଶ୍ଚିହ୍ନ ନ କରିବା ପର୍ଯ୍ୟନ୍ତ ସରକାର ଏବଂ ସମାଜ ଏହି ଅଭ୍ୟାସ ବିରୋଧରେ ନିରନ୍ତର ଅଭିଯାନ ପାଇଁ ପ୍ରସ୍ତୁତ ହେବା ଆବଶ୍ୟକ। ଯେଉଁ ଜିଲାଗୁଡ଼ିକରେ ମହିଳାଙ୍କ ଉପରେ ଡାହାଣୀ ହେବାର ଅତ୍ୟାଚାର ଅଧିକ, ସେସବୁ ଜିଲା ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ଏହି କ୍ଷେତ୍ରରେ ସ୍ଥାନୀୟ ନେତା, ମହିଳା ଗୋଷ୍ଠୀ, ପଞ୍ଚାୟତିରାଜ ଅନୁଷ୍ଠାନ, ସ୍ୱୀକୃତିପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟକର୍ମୀ ଏବଂ ଆଗଧାଡ଼ିର କର୍ମୀଙ୍କୁ ନିୟୋଜିତ କରି ଉଭୟ ଆଇନ ପ୍ରବର୍ତ୍ତନ ଏବଂ ସଚେତନତା ଅଭିଯାନ ସୁନିଶ୍ଚିତ କରାଯିବା ଆବଶ୍ୟକ। ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ ତଥା ସେମାନଙ୍କ ପରିବାରର ଉପଯୁକ୍ତ ପୁନର୍ବାସ ଭଳି ଆଦର୍ଶ କାର୍ଯ୍ୟାନୁଷ୍ଠାନ ଉପରେ ବିଚାର କରାଯିବା ଉଚିତ, ଯଦ୍ୱାରା ବିଭିନ୍ନ ଅଂଶୀଦାରଙ୍କ ପାଇଁ ଉଦାହରଣ ସୃଷ୍ଟି କରାଯାଇପାରିବ। ୱିଚ୍-ହଣ୍ଟିଂ ଅଭ୍ୟାସକାରୀଙ୍କୁ ଅପରାଧୀକରଣ କରିବା ପାଇଁ ଆମକୁ ଏକ ଜାତୀୟ ଆଇନ ପ୍ରଣୟନ କରିବାକୁ ପଡ଼ିବ। ବର୍ତ୍ତମାନର ରାଜ୍ୟ ଆଇନ ଏବଂ ସନ୍ଦିଗ୍ଧମାନଙ୍କୁ ବିଚାର କରୁଥିବା ଭାରତୀୟ ଦଣ୍ଡ ସଂହିତା ମଧ୍ୟରେ ଉନ୍ନତ ସମନ୍ୱୟ ପାଇଁ କର୍ତ୍ତୃପକ୍ଷମାନେ ନିର୍ଦ୍ଦେଶାବଳୀ ବିକଶିତ କରିବା ଆବଶ୍ୟକ। କଳା ଯାଦୁକରି ବା ଡାହାଣୀ ଶିକାର ଅନ୍ତର୍ନିହିତ ସମସ୍ୟାଗୁଡ଼ିକର ସମାଧାନ ପାଇଁ ରାଜ୍ୟଗୁଡ଼ିକୁ ବିଭିନ୍ନ ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ।

**ମୋ: ୬୩୭୦୯୦୫୯୪୭**

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 8 | | 1 | 3 | |
| | | | 4 | | | | | |
| | 3 | 8 | | | 5 | | | |
| 4 | | | | | 3 | | | |
| 5 | | | 1 | 9 | | | 4 | |
| | 6 | | | | | 7 | | |
| | 2 | | 6 | | | 4 | 8 | |
| | | | | 5 | | | | |
| 3 | | 4 | 8 | | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 1 | 6 | 5 | 2 | 3 | 8 | 4 |
| 2 | 5 | 8 | 9 | 3 | 4 | 6 | 7 | 1 |
| 6 | 3 | 4 | 7 | 8 | 1 | 2 | 9 | 5 |
| 1 | 6 | 7 | 4 | 9 | 3 | 8 | 5 | 2 |
| 8 | 4 | 5 | 2 | 7 | 6 | 9 | 1 | 3 |
| 3 | 2 | 9 | 8 | 1 | 5 | 4 | 6 | 7 |
| 5 | 7 | 6 | 3 | 4 | 9 | 1 | 2 | 8 |
| 4 | 1 | 2 | 5 | 6 | 8 | 7 | 3 | 9 |
| 9 | 8 | 3 | 1 | 2 | 7 | 5 | 4 | 6 |

ଗତକାଲିର ଉତ୍ତର

## ଏଇ ଭାରତରେ

ଗଛ ଗୋଟିଏ, କିନ୍ତୁ ଫଳ ୫୨ପ୍ରକାରର। ଏକଥା ଶୁଣି ଯେକେହି ବି ଆଶ୍ଚର୍ଯ୍ୟ ହୋଇଯିବ। କିନ୍ତୁ ଏଭଳି ଏକ ସଫଳତା ହାସଲ କରିଛନ୍ତି ବିହାର ଭାଗଲପୁରର ଅଶୋକ ଚୌଧୁରୀ। ସ୍ଥାନୀୟ ଅଞ୍ଚଳରେ ଥିବା ମଧୁବନ ନର୍ସରିରେ ସେ ଏଭଳି ଏକ ଆମ୍ବଗଛ ପ୍ରସ୍ତୁତ କରିଛନ୍ତି, ଯେଉଁଥିରେ ଏକ ସମୟରେ ୫୨ କିସମର ସ୍ୱାଦିଷ୍ଟ ଆମ୍ବ ଫଳିବା ସମ୍ଭବ ହୋଇପାରିବ। ଗୋଟିଏ ଗଛରେ ଏକ ସମୟରେ ବିଭିନ୍ନ ଭେରାଇଟିର ରଙ୍ଗିନ ଆମ୍ବଫଳ ଧରିବ। ତେଣୁ ଏହା ଦେଖିବାକୁ ଯେମିତି ଆକର୍ଷଣୀୟ ହୋଇପାରିବ ଖାଇବାକୁ ସେମିତି ସ୍ୱାଦିଷ୍ଟ ମଧ୍ୟ। ତେବେ ବିଭିନ୍ନ କିସମର ଆମ୍ବକୁ ନେଇ ମଧୁବନ ନର୍ସରିରେ ବହୁଦିନ ଧରି ରିସର୍ଚ୍ଚ ହେଉଛି। ଆଉ ଆମ୍ବଗଛକୁ ନେଇ ବିଭିନ୍ନ ପ୍ରକାର ରିସର୍ଚ୍ଚ କରିବା କ୍ଷେତ୍ରରେ ସଫଳତା ହାସଲ କରି ଅଶୋକ ମଧ୍ୟ ବିହାରର ମ୍ୟାଙ୍ଗୋ ମ୍ୟାନ୍ ପରିଚିତ ହୋଇଛନ୍ତି। ତେବେ ତାଙ୍କ କହିବା ଅନୁସାରେ ଲୋକଙ୍କୁ ଅଧିକ ଭେରାଇଟିର ଆମ୍ବ ଖାଇବା ପାଇଁ ଇଚ୍ଛା ଥିଲେ ଏହି କଲମି ଗଛ ଅଧିକ ଫଳପ୍ରଦ ହୋଇପାରିବ। ଯେଉଁମାନଙ୍କ ପାଖରେ ଗଛ ଲଗାଇବା ପାଇଁ ସ୍ଥାନ କମ୍ ଥିବ ସେମାନଙ୍କ ପାଇଁ ମଧ୍ୟ ଏହି ପ୍ରକାରର କଲମି ଗଛ ଅଧିକ ଉପଯୋଗୀ ହୋଇପାରିବ। ତେବେ ଏଭଳି ଗଛ ଲଗାଇବାକୁ ଚାହୁଁଥିଲେ ଏହାର ବିଶେଷ ଭାବରେ ଯତ୍ନ ନେବାକୁ ହେବ ବୋଲି ଜାଣିରଖିବା ଦରକାର।

## ୫୦ ବର୍ଷ ତଳର ଧରିତ୍ରୀ

୭ ଏପ୍ରିଲ ୧୯୭୬

- ସମ୍ବାଦପତ୍ରରେ ମାଦକ ଦ୍ରବ୍ୟର ପ୍ରଚାରକୁ କର୍ନାଟକ ସରକାର ନିଷେଧ କରିଛନ୍ତି।
- ଥାଇଲାଣ୍ଡରେ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ କୁକ୍ରିଟ ପ୍ରମୋଜ ପରାଜିତ।
- ୬୪ ବର୍ଷ ବୟସ୍କ ଜେମ୍ସ କାଲାଘାନ ବ୍ରିଟେନ୍‌ର ନୂତନ ପ୍ରଧାନମନ୍ତ୍ରୀ ରୂପେ ନିର୍ବାଚିତ।

## ଚିରନ୍ତନୀ

ସରଳ ମତି ସହଜ ଗତି
ଯା'ନ୍ତି ଚଳି ବାଳୀ
ନ ବୁଝି ଏ ନିଦାଘ ପଥେ
କି ରୂପରାଶି ଢାଳି।

–(କୁହୁ ପ୍ରାସ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଡାକ୍ତରମାନେ ଜନୌଷଧି ଲେଖନ୍ତୁ

ମହାଶୟ,

ପ୍ରଧାନମନ୍ତ୍ରୀ ଜନୌଷଧି ଦୋକାନରେ ଉପଲବ୍ଧ ଜନୌଷଧିର ଗୁଣବତ୍ତା ନାମୀଦାମୀ କମ୍ପାନୀର ଏଲୋପାଥିକ ଔଷଧ ସହ ସମାନ ଥିବାବେଳେ ଏଗୁଡ଼ିକ ଅତି ଶସ୍ତାରେ ମିଳୁଛି। ଅନେକଗୁଡ଼ିଏ ଜନୌଷଧି ୮୦ରୁ ୯୦ ପ୍ରତିଶତ କମ୍ ମୂଲ୍ୟରେ ମିଳୁଛି। ଏଥିପାଇଁ କେନ୍ଦ୍ର ସରକାର ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହି ଜନୌଷଧିଗୁଡ଼ିକ ସାଧାରଣ ଲୋକଙ୍କ ପାଇଁ ଆଶୀର୍ବାଦ ପାଲଟିଛି। ମାତ୍ର ସରକାରୀ ଓ ଘରୋଇ ଡାକ୍ତରଖାନାଗୁଡ଼ିକରେ କାର୍ଯ୍ୟରତ ଡାକ୍ତରମାନେ ଠିଠାରେ ଜନୌଷଧି ଔଷଧ ଲେଖୁନାହାନ୍ତି। ରୋଗୀମାନେ ଡାକ୍ତରମାନଙ୍କ ପରାମର୍ଶରେ ଔଷଧ ଖାଇବେ। କେନ୍ଦ୍ର ସରକାର କେବଳ ଜନୌଷଧି ସେବନ କରିବାକୁ ବଡ଼ ବଡ଼ ବିଜ୍ଞାପନ ଦେଇଦେଲେ ଯଥେଷ୍ଟ ହେବ ନାହିଁ। ଡାକ୍ତରମାନେ ଯେପରି ନିଶ୍ଚିତଭାବେ ରୋଗୀଙ୍କୁ ଜନୌଷଧି ସେବନ କରିବାକୁ ପରାମର୍ଶ ଦେବେ ସେଥିପ୍ରତି ଦୃଷ୍ଟି ଦେବା ଦରକାର।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଭାଜପା @ ୪୬**

# ସବୁ ପ୍ରତିଶ୍ରୁତି ପୂରଣ କରିବୁ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୬।୪(ରବିନାରାୟଣ ଜେନା)



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ପ୍ରତିଷ୍ଠା ଦିବସ ଅବସରରେ ଦଳୀୟ ପତାକା ଉତ୍ତୋଳନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିକଟରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟ ଦଳୀୟ ନେତୃବୃନ୍ଦ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ରାଜ୍ୟରେ ପ୍ରଥମଥର ପାଇଁ ଭାଜପା ଏକାକୀ ସରକାର ଗଠନ କରିବାରେ ସକ୍ଷମ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଦଳର ୪୬ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ନିର୍ବାଚନ ସମୟରେ ସଂକଳ୍ପପତ୍ରରେ ଯାହାସବୁ ପ୍ରତିଶ୍ରୁତି ଦିଆଯାଇଥିଲା, ସରକାର ଗଠନର ମାତ୍ର ୧୦ମାସ ଅବଧି ମଧ୍ୟରେ ଅଧିକାଂଶ ପୂରଣ କରିପାରିଛି। ୨୦୩୬ରେ 'ବିକଶିତ ଓଡ଼ିଶା' ଗଠନ କରିବାକୁ ଭାଜପା ଲକ୍ଷ୍ୟ ରଖିଛି। ସମସ୍ତଙ୍କ ଅଖଣ୍ଡ ପରିଶ୍ରମ ବଳରେ ଏବଂ ସରକାର ଓ ଦଳର ସମନ୍ୱୟରେ ଆମେ ଏହି ଲକ୍ଷ୍ୟ ହାସଲ କରିପାରିବା। ଏଥିପାଇଁ ବ୍ୟକ୍ତିଗତ ସ୍ୱାର୍ଥରୁ ଉପରକୁ ଉଠି ସାମୂହିକ ସ୍ୱାର୍ଥ ହାସଲ ପାଇଁ କାର୍ଯ୍ୟ କରିବାକୁ ପଡ଼ିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ପଣ୍ଡିତ ଦୀନ୍‌ଦୟାଲଜୀଙ୍କ ଅନ୍ତ୍ୟୋଦୟ ଆଦର୍ଶରେ ଅନୁପ୍ରାଣିତ ହୋଇ ସାଧାରଣ ଲୋକଙ୍କୁ ସମାଜର ମୁଖ୍ୟସ୍ରୋତରେ ପହଞ୍ଚାଇବାର ବଜ୍ର ଶପଥ ନେଇ ଗଢ଼ି ଉଠିଥିଲା ଭାରତୀୟ ଜନତା ପାର୍ଟି। ଲକ୍ଷ୍ୟ ଥିଲା, ସମାଜର ତଳସ୍ତରରେ ରହୁଥିବା ଲୋକଙ୍କ ପାଖରେ ବିକାଶ ପହଞ୍ଚାଇବା। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର କାର୍ଯ୍ୟ କରୁଛି। ଆମର ଲକ୍ଷ୍ୟ ହେଉଛି ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୪୭ରେ ବିକଶିତ ଭାରତ ଗଠନ କରିବା ପାଇଁ ଯେଉଁ ଲକ୍ଷ୍ୟ ରଖିଛନ୍ତି, ସେଥିରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିବ। ସେଥିପାଇଁ ଓଡ଼ିଶା ସରକାର ନିରନ୍ତର ଭାବେ କାର୍ଯ୍ୟ କରିଚାଲିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ରାଷ୍ଟ୍ରବାଦୀ ବିଚାରକୁ ଆଧାର କରି ୧୯୮୦ରେ ଗଠନ ହୋଇଥିବା ଭାଜପା ତା'ର ୪୬ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ସେତେବେଳେ ଦେଶର ରାଜନୈତିକ ବିକଳ୍ପ ଭାବେ ଭାରତୀୟ ଜନସଂଘର ନୀତି, ଆଦର୍ଶ, ବିଚାରଧାରା ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ତ୍ୟାଗ, ତପସ୍ୟା ଓ ସାଧନାରୁ ଭାରତୀୟ ଜନତା ପାର୍ଟି ଆରମ୍ଭ ହୋଇଥିଲା। ଦୀର୍ଘ ବର୍ଷର ସଂଘର୍ଷ ପରେ ଭାଜପା ଏବେ ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ ଭାବେ ଉଭା ହୋଇଛି। ୨୧ଟି ରାଜ୍ୟରେ ଦଳ ଏବେ ଶାସନ କ୍ଷମତାରେ ରହିଛି ବୋଲି ମନମୋହନ କହିଛନ୍ତି।

ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି, ଭାଜପା ସରକାର ଚାଷୀ, ଶ୍ରମିକ, ମହିଳା, ଯୁବକ, ଗରିବ, ପଛୁଆବର୍ଗର ଲୋକଙ୍କ କାମ କରୁଛି। ବହୁ ସଂଘର୍ଷ ପରେ ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ବିଚାରଧାରାରେ ଭାରତୀୟ ଜନତା ପାର୍ଟି ଗଠନ କରାଯାଇଥିଲା। ତୃଣମୂଳରୁ ଜାତୀୟସ୍ତର ପର୍ଯ୍ୟନ୍ତ ଦଳର ସବୁସ୍ତରରେ ଯେପରି ନିରପେକ୍ଷତା ବଜାୟ ରହିବ ସେ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଭାଜପା ସବୁବେଳେ ସମାଜର ଶେଷ ପାହାଚରେ ଥିବା ବ୍ୟକ୍ତିର ବିକାଶ ପାଇଁ ଗୁରୁତ୍ୱ ଦେଇଛି ବୋଲି ତୋମାର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ ମହାନ୍ତି, ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସଭା ସଦସ୍ୟ ସୁଜିତ୍ କୁମାର, ସାଂସଦ ବଳଭଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ସସ୍ମିତ, ପାଣ୍ଡିଆନଙ୍କ ଉପରେ ବର୍ଷିଲେ ବରିଷ୍ଠ ନେତା ପ୍ରଭାତ ତ୍ରିପାଠୀ

କଟକ,୬।୪(ଶିଳ୍ପା ପ୍ରିୟଦର୍ଶିନୀ)

■ଏଭଳି କହିବା ପାଇଁ ସସ୍ମିତଙ୍କର କ'ଣ ଔକାତ୍ ଅଛି
■ପାଣ୍ଡିଆନ୍ ବିଜେଡି ପାଇଁ ବୋଝ

ୱକ୍‌ଫ ବିଲ୍‌ରେ ବିଜେଡି ଭୋଟିଂ ଓ ସସ୍ମିତ ପାତ୍ରଙ୍କ ଟୁଇଟ୍‌କୁ ନେଇ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ବର୍ଷିଛନ୍ତି। କଟକ ହାଇକୋର୍ଟ ଛକ ନିକଟ ବାସଭବନରେ ରବିବାର ପ୍ରଭାତ ଗଣମାଧ୍ୟମକୁ କହିଛନ୍ତି, ସସ୍ମିତ ପାତ୍ର କାହା ଅନୁମତି ବିନା ଏଭଳି କହିପାରିବେ ନାହିଁ। ସସ୍ମିତଙ୍କର କ'ଣ ଔକାତ ଅଛି ଏଭଳି କହିବା ପାଇଁ, ଏପରି ବୟାନକୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି। ଏଥିସହ ସେ ଭି.କେ. ପାଣ୍ଡିଆନ୍‌ଙ୍କୁ ଟାର୍ଗେଟ୍ କରି କହିଛନ୍ତି, ପାଣ୍ଡିଆନ୍ ସନ୍ୟାସ ନେବେ ବୋଲି କହୁଥିଲେ, ହେଲେ ଏବେ ବି ନବୀନ ନିବାସରେ ନିଷ୍ପତ୍ତି ନେଉଛନ୍ତି। ବିଜେଡି ପାଇଁ ପାଣ୍ଡିଆନ୍ ଏବେ ବୋଝ। ବିଜେଡି ବୁଡ଼ିବାରେ ପାଣ୍ଡିଆନ ହେଉଛନ୍ତି ପ୍ରମୁଖ କାରଣ। ତାଙ୍କର କାର୍ଯ୍ୟକଳାପ ପାଇଁ ନିର୍ବାଚନରେ ଫଳ ଭୋଗିଲୁ। ବ୍ୟକ୍ତିଗତ ସଚିବ ବୋଲି କହୁଥିଲେ, ହେଲେ ଦଳ ପାଇଁ କ'ଣ କରିଛନ୍ତି ପାଣ୍ଡିଆନ୍। ଦଳରେ ନେତାମାନେ ପାଣ୍ଡିଆନଙ୍କୁ ବିରୋଧ କରନ୍ତି ଏବଂ ମୁଷ୍ଟିମେୟ ସମର୍ଥନ କରନ୍ତି। ନବୀନଙ୍କ ବଦଳରେ ପାଣ୍ଡିଆନକୁ ଲୋକ ଗ୍ରହଣ କରିବେ ନାହିଁ ବୋଲି ଲୋକେ ଜଣାଇଦେଲେ। ସେହିପରି ସୁଜାତା କାର୍ତ୍ତିକେୟନଙ୍କ ଇସ୍ତଫା ଦେବା ଉପରେ ପ୍ରଭାତ କହିଛନ୍ତି, ୨ଜଣ ପୂର୍ବତନ ମନ୍ତ୍ରୀ ତାଙ୍କୁ ନେଇ ଏବେ ବିଳି ବିଳଉଛନ୍ତି। ବର୍ତ୍ତମାନ ଘଟଣା ପରେ ପାଣ୍ଡିଆନ୍‌ଙ୍କ ଆସିବା ବାଟ ବନ୍ଦ ହୋଇଗଲା। ନବୀନ ଏବେ ପାଣ୍ଡିଆନ୍‌ଙ୍କ କଥାରେ ଯାଉଥିବା ଧାରଣା ହେଉଛି। ନବୀନ ଆଗକୁ ଆସି ସବୁ ହ୍ୟାଣ୍ଡେଲ କଲେ ଠିକ୍ ହୋଇଯିବ ବୋଲି ତ୍ରିପାଠୀ କହିଛନ୍ତି।


ପ୍ରଭାତ ତ୍ରିପାଠୀ

## ଏମ୍.ଏ. ବେବି ସିପିଏମ୍ ସାଧାରଣ ସମ୍ପାଦକ

ମଦୁରାଇ,୬।୪

**ପଲିଟବ୍ୟୁରୋରୁ ପ୍ରକାଶ, ବ୍ରିନ୍ଦା କରାଟ ଓହରିଲେ**


ଏମ୍.ଏ. ବେବି

କେରଳର ବରିଷ୍ଠ ନେତା ତଥା ପୂର୍ବତନ ଶିକ୍ଷାମନ୍ତ୍ରୀ ଏମ୍.ଏ. ବେବିଙ୍କୁ ସିପିଆଇ(ଏମ୍)ର ଷଷ୍ଠ ସାଧାରଣ ସମ୍ପାଦକ ନିର୍ବାଚିତ କରାଯାଇଛି। ଇଏମ୍‌ଏସ୍ ନମ୍ବୁଦ୍ରିପଦଙ୍କ ପରେ ଦଳର ସାଧାରଣ ସମ୍ପାଦକ ହେବାରେ ବେବି କେରଳ ସିପିଏମ୍‌ର ଦ୍ୱିତୀୟ ନେତା। ମହାରାଷ୍ଟ୍ର ନେତା ଡି.ଏଲ୍. କରଦ ଦଳର ଏହି ଶୀର୍ଷ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହିଁବାରୁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ପଶ୍ଚିମବଙ୍ଗ ସମ୍ପାଦକ ମହମ୍ମଦ ସଲିମ୍ ସାଧାରଣ ସମ୍ପାଦକ ପଦବୀ ପାଇଁ ବେବିଙ୍କ ନାମ ପ୍ରସ୍ତାବ ରଖିଥିବାବେଳେ ଡ. ଅଶୋକ ଧାୱଲେ ତାଙ୍କୁ ସମର୍ଥନ ଜଣାଇଥିଲେ। କରଦ ମାତ୍ର ୩୧ ଭୋଟ ପାଇ ହାରିଯାଇଛନ୍ତି।

ପାର୍ଟି କଂଗ୍ରେସ ୮୪ ଜଣିଆ ସେଣ୍ଟ୍ରାଲ କମିଟି ନିର୍ବାଚିତ କରିଥିବାବେଳେ ଗୋଟିଏ ସଦସ୍ୟ ପଦ ଖାଲି ରହିଛି। ପଲିଟବ୍ୟୁରୋ ସଦସ୍ୟ ସଂଖ୍ୟା ବର୍ତ୍ତମାନ ୧୭ ରହିଥିବାବେଳେ ଏହାକୁ ୧୮କୁ ବଢ଼ାଇବା ପାଇଁ ୨୪ତମ ପାର୍ଟି କଂଗ୍ରେସରେ ନିଷ୍ପତ୍ତି ନିଆଯାଇଥିଲା। କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ ପଲିଟବ୍ୟୁରୋ ସଦସ୍ୟତାକୁ ପୁଣିଥରେ ବଢ଼ାଇଦିଆଯାଇଛି। ପ୍ରକାଶ କରାଟ, ବ୍ରିନ୍ଦା କରାଟ ବୟସାଧିକ୍ୟ କାରଣରୁ ପଲିଟବ୍ୟୁରୋରୁ ଓହରିଯାଇଥିବାବେଳେ ସେମାନଙ୍କୁ ନିମନ୍ତ୍ରିତ ସଦସ୍ୟ ଭାବେ ରଖାଯାଇଛି।

## ନବୀନ ଏବେ ଗୃହବନ୍ଦୀ: ନରସିଂହ

ଭୁବନେଶ୍ୱର,୬।୪(ରବିନାରାୟଣ ଜେନା)

ରାଜ୍ୟ ସଭାରେ କେନ୍ଦ୍ରର ୱକ୍‌ଫ ବିଲ୍ ସପକ୍ଷରେ ବିଜେଡିର ସସ୍ମିତ ପାତ୍ର ଓ ଅନ୍ୟ କେତେଜଣ ସଦସ୍ୟ ଭୋଟ ଦେବା ପରେ ଦଳ ୨ ଭାଗ ହୋଇଯାଇଥିବା ରାଜନୈତିକ ମହଲରେ ଚର୍ଚ୍ଚା ହୋଇଛି। ତେବେ ବିଜେଡି ୨ ଫାଳ ନୁହେଁ, ଫାଳଫାଳ ହୋଇଯାଇଛି ବୋଲି ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର କଟାକ୍ଷ କରିଛନ୍ତି। ପୂର୍ବତନ ବିଧାୟକ ନରସିଂହ କହିଛନ୍ତି, ତଥାକଥିତ ସନ୍ୟାସୀ ପ୍ରଚ୍ଛଦରେ ରହି ସବୁ ରାଜନୀତିକୁ ନିୟନ୍ତ୍ରଣ କରୁଛନ୍ତି। ପୂରା ପ୍ରକରଣକୁ ଦେଖିଲେ ମନେ ହେଉଛି ନବୀନ ପଟ୍ଟନାୟକ ଏବେ ଗୃହବନ୍ଦୀ।

ଗତ ବିଧାନସଭା ଅଧିବେଶନର ଅଚଳାବସ୍ଥାକୁ ଦେଖି ନରସିଂହ ଆହୁରି କହିଛନ୍ତି, ବଜେଟ ଅଧିବେଶନ କାଳରେ ୨ ତାରିଖରେ ରାତିସାରା ବିତର୍କ କରି ଶାସକ ଓ ବିଜେଡି ଯେଉଁ ବିଲ୍ ପାରିତ କରିଛନ୍ତି ବୋଲି ବାହାସ୍ଫୋଟ ମାରୁଛନ୍ତି, ତାହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ। ସଂପ୍ରତି ରୁଲ୍ସ ଅଫ୍ ବିଜ୍‌ନେସ୍ ଅନୁଯାୟୀ ବିଧାନସଭା ଗୃହ ପରିଚାଳନା ହେଉନାହିଁ। ସମ୍ବିଧାନ ହେଲା ସବୁଠୁ ଉର୍ଦ୍ଧ୍ୱରେ। ତାହାକୁ ସମସ୍ତଙ୍କୁ ମାନିବାକୁ ପଡ଼ିବ। ମାତ୍ର ରାଜ୍ୟରେ ଭାଜପା ସରକାର ଓ ବିଜେଡି ସମ୍ପୂର୍ଣ୍ଣ ଭାବେ ଏହାକୁ ଉଲ୍ଲଂଘନ କରି ଚାଲିଛନ୍ତି। ଗୃହର ବିଜ୍‌ନେସ୍ କିଭଳି ଚାଲିବ ତାହା ସମ୍ବିଧାନରେ ସ୍ପଷ୍ଟ ଉଲ୍ଲେଖ ରହିଛି। ୨୦୦୫ର ସଂଶୋଧିତ ନିୟମ ଅନୁଯାୟୀ ଗୃହ ଅଧିବେଶନରେ ରାତି ୭ଟା ପର୍ଯ୍ୟନ୍ତ ଚାଲିପାରିବ। ଯଦି ସେଭଳି କିଛି ଅତି ଆବଶ୍ୟକ ବୋଲି ବାଚସ୍ପତି ମନେକରନ୍ତି, ତେବେ ଆଉ ୨ଘଣ୍ଟା ଅର୍ଥାତ୍ ରାତି ୯ଟା ପର୍ଯ୍ୟନ୍ତ ଅବଧି ବଢ଼ାଇଯାଇପାରେ। ହେଲେ ଏଥର ଗୃହର ନୀତି ନିୟମକୁ ଭାଜପା ସରକାର ଓ ବିଜେଡି ଅବମାନନା କରିଛନ୍ତି। ଉଭୟେ ମିଳିମିଶି ସମ୍ବିଧାନର ଅମର୍ଯ୍ୟାଦା କରିଛନ୍ତି। କାଳେ କଂଗ୍ରେସ ସଦସ୍ୟ ଗୃହରେ ପୁନର୍ବାର ମହିଳା ପ୍ରସଙ୍ଗ ଉଠାଇ ସରକାରଙ୍କୁ ଅଡୁଆରେ ପକାଇବେ ସେଥିପାଇଁ ୨ଦଳ ଏଭଳି ନାଟକ ରଚିଛନ୍ତି।

ନରସିଂହ ୱକ୍‌ଫ ବିଲ୍‌କୁ ନେଇ ଆହୁରି କହିଛନ୍ତି, ବିଜେଡିରୁ ଯେଉଁମାନେ ସନ୍ୟାସ ନେଇଛନ୍ତି ବୋଲି କହୁଛନ୍ତି ବାସ୍ତବରେ କଥା ତାହା ନୁହେଁ, ସେମାନେ ରାଜ୍ୟବାସୀଙ୍କ ସହିତ ଛଳନା କରୁଛନ୍ତି। ଭାଜପା ସହିତ ତାଙ୍କର କ'ଣ ଡିଲ୍ ହେଲା ଯେ କଥା ପଲଟି ଗଲା। ସନ୍ୟାସୀ ପ୍ରଚ୍ଛଦପଟରେ ରହି ବିଜେଡି ଚଳାଉଛନ୍ତି, ଏମିତି କି ନବୀନଙ୍କୁ ଗୃହବନ୍ଦୀ ଭଳି ରଖିଛନ୍ତି; ଯେଉଁଥିପାଇଁ ବିଜେଡିରେ ଏବେ ବିଭ୍ରାଟ ଦେଖାଦେଇଛି।

**ଅପରାଧ**

**ପୋଲିସ ଏନ୍‌କାଉଣ୍ଟର**

# ମୋଷ୍ଟ ୱାଣ୍ଟେଡ୍ କ୍ଷୀରୋଦ ଗୁରୁତର

ଅନୁଗୋଳ, ୬।୪ (ଜ୍ୟୋତିରଞ୍ଜନ ସାହୁ)



ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ କ୍ଷୀରୋଦ।

ଅନୁଗୋଳରେ ଅପରାଧକୁ ରୋକିବା ପାଇଁ ପୋଲିସ ଏବେ ଆକ୍ସନ ମୋଡ୍‌କୁ ଆସିଛି। ଗୋଟିଏ ସପ୍ତାହରେ ଦୁଇଟି ଏନ୍‌କାଉଣ୍ଟର କରିଛି ଅନୁଗୋଳ ପୋଲିସ। ବହୁ ଅପରାଧ ସହ ଜଡ଼ିତ ରହି ପୋଲିସର ମୋଷ୍ଟ ୱାଣ୍ଟେଡ୍ ସାଜିଥିବା ତାଳଚେରର ସୁଶାନ୍ତ ନାୟକଙ୍କୁ ଗତ ୨ତାରିଖ ରାତିରେ ଏନ୍‌କାଉଣ୍ଟର କରିବାର ୩ ଦିନ ପରେ ତାଙ୍କ ଘନିଷ୍ଠ ସହଯୋଗୀ କ୍ଷୀରୋଦ ନାୟକଙ୍କୁ ପୋଲିସ ଶନିବାର ରାତିରେ ଏନ୍‌କାଉଣ୍ଟର କରିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତେବେ କ୍ଷୀରୋଦ ୩ ରାଉଣ୍ଡ ଗୁଳି ଚଳାଇଥିଲେ ମଧ୍ୟ ପୋଲିସ କର୍ମଚାରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି।

ପୋଲିସ ସୂଚନା ଅନୁସାରେ, କ୍ଷୀରୋଦ ତାଳଚେରରୁ ଅନୁଗୋଳ ଆସୁଥିବା ଛେଣ୍ଡିପଦା ପୋଲିସକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଛେଣ୍ଡିପଦା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ ଅନୁଗୋଳ ଟାଉନ ଥାନା ଅଧିକାରୀ ଧୀରେଶ ଦାସଙ୍କୁ ଜଣାଇବା ପରେ ଛେଣ୍ଡିପଦା ପୋଲିସ, ଅନୁଗୋଳ ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ମିଳିତ ଭାବେ ରାତି ପ୍ରାୟ ୨ଟା ୩୦ ମିନିଟ୍ ସମୟରେ କୁକୁଡ଼ାଙ୍ଗ ଗ୍ରାମଠାରେ କ୍ଷୀରୋଦ ନାୟକଙ୍କୁ ଧରିବା ପାଇଁ ଜଗି ରହିଥିଲେ। କ୍ଷୀରୋଦ ଏକ ପଲସର ବାଇକ୍ (ଓଡି ୩୩ ଏଏଚ୍ ୧୨୮୦) ଯୋଗେ ଆସୁଥିବା ଦେଖି ପୋଲିସ ତାଙ୍କୁ ଆତ୍ମସମର୍ପଣ କରିବାକୁ କହିବାରୁ ସେ ନିଜ ପାଖରେ ରଖିଥିବା ବନ୍ଧୁକରୁ ପୋଲିସ ଉପରକୁ ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ। ଟାଉନ ଥାନା ଅଧିକାରୀ ରକ୍ଷଣାତ୍ମକ ଭାବେ ଗୋଟିଏ ରାଉଣ୍ଡ ଗୁଳି ଚଳାଇ ପୁନର୍ବାର ଆତ୍ମସମର୍ପଣ କରିବାକୁ କହିଥିଲେ। କିନ୍ତୁ କ୍ଷୀରୋଦ ଆଉ ଗୋଟିଏ ରାଉଣ୍ଡ ଗୁଳି ଚଳାଇ ହନୁମାନ ବାଟିକା ଆମ୍ବ ବଗିଚା ଭିତରକୁ ଖସି ପଳାଇଯିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ପୋଲିସ ଆଉ ଗୋଟିଏ ରାଉଣ୍ଡ ଗୁଳି ଚଳାଇଥିଲା। ଗୁଳିଟି ସିଧା କ୍ଷୀରୋଦଙ୍କ ଡାହାଣ ଗୋଡ଼ରେ ବାଜିଥିଲା। ଫଳରେ ସେ ଗୁରୁତର ହୋଇ ବାଇକ୍‌ରୁ ପଡ଼ିଯାଇଥିଲେ। ପୋଲିସ କ୍ଷୀରୋଦଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। କ୍ଷୀରୋଦଙ୍କ ଘର ଛେଣ୍ଡିପଦା ଅଞ୍ଚଳ ଗୋଲାଗାଡ଼ିଆ ବୋଲି ଜଣାପଡ଼ିଛି। ତାଙ୍କ ନାମରେ ଅନୁଗୋଳ, ଦେବଗଡ଼, ଢେଙ୍କାନାଳ ଜିଲାରେ ଅନେକ ଲୁଟ୍, ରାହାଜାନି ଓ ଡକାୟତି ଭଳି ସଙ୍ଗିନ ଆପରାଧିକ ମାମଲା ରହିଛି, ଯାହାକୁ ନେଇ ବିଭିନ୍ନ ଥାନା ପକ୍ଷରୁ କ୍ଷୀରୋଦଙ୍କୁ ଧରିବା ଉଦ୍ୟମ ଜାରି ରହିଥିଲା ବୋଲି ଅନୁଗୋଳ ଏସ୍‌ପି ରାହୁଲ ଜୈନ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସେହିପରି ତାଙ୍କ ସହଯୋଗୀ ସୁଶାନ୍ତଙ୍କ ନାମରେ ମଧ୍ୟ ୩ ଜିଲାର ଅଧିକାଂଶ ଥାନାରେ ୩୦ରୁ ଅଧିକ ମାମଲା ସହ ୭ରୁ ଅଧିକ ଜାମିନବିହୀନ ପରୱାନା ରହିଥିବା ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଆଡିଶିନାଲ ଏସ୍‌ପି ରାଜୀବ ଲୋଚନ ପଣ୍ଡା, ଅନିଲ ବେଉରିଆ ଓ ସ୍ପେଶାଲ ସ୍କ୍ୱାଡ୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ।

### ତାଳଚେର ହାଟ ଗୁଳିକାଣ୍ଡରେ ସମ୍ପୃକ୍ତ

ତାଳଚେର ହାଟରେ ଗତ ଜାନୁଆରୀ ୨୨ରେ ସହଯୋଗୀ ସୁଶାନ୍ତ ନାୟକଙ୍କ ସହ ମିଶି କ୍ଷୀରୋଦ ଗୁଳିକାଣ୍ଡ କରି ଖସି ପଳାଇଥିଲେ। ସୁଶାନ୍ତ ନାୟକଙ୍କୁ ପୋଲିସ ପୂର୍ବରୁ ଏନ୍‌କାଉଣ୍ଟର କରିସାରିଛି।

### ୩ ଜିଲାରେ ଅପରାଧ

ଅଭିଯୋଗ ଅନୁଯାୟୀ, ଅନୁଗୋଳ, ଦେବଗଡ଼, ଢେଙ୍କାନାଳ ଜିଲାରେ କ୍ଷୀରୋଦ ଓ ସୁଶାନ୍ତ ଆପରାଧିକ ନେଟୱର୍କ ବିସ୍ତାର କରିଥିଲେ। ସେମାନଙ୍କ ବିଭିନ୍ନ ଥାନାରେ ୩୦ରୁ ଅଧିକ ମାମଲା ରହିଛି। ସର୍ବାଧିକ ମାମଲା ଛେଣ୍ଡିପଦା ଥାନାରେ ରହିଛି। ଅକ୍ଟୋବର ୯ରେ ଦେବଗଡ଼ ଜିଲା ଖଇରପାଲି ଥାନା ଛକରୁ ଏକ ଗ୍ଲାମର ବାଇକ୍ ଚୋରି, ଏନ୍‌ଟିପିସି ଥାନା ତେଲିସିଂହା ଗ୍ରାମର ଜଣେ ଦୋକାନୀଠାରୁ କ୍ଷୀରୋଦ ଓ ତାଙ୍କ ଗ୍ୟାଙ୍ଗ ୨୫ ହଜାର ଟଙ୍କା ଲୁଟ୍, ସେପ୍ଟେମ୍ବର ୫ରେ ଖମାର ଥାନା କଣ୍ଡିଆପଶି ଗ୍ରାମ ନିକଟରେ ଏକ ବୋଲେରୋରେ ଯାଉଥିବା ଜଣେ ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲୁଟ୍ କରିଥିଲେ। ସେପ୍ଟେମ୍ବର ୨ରେ ଏକଘରିଆ ବିକିସର ଛକରୁ ଗୋଟିଏ କାର୍‌ରୁ କ୍ଷୀରୋଦ ଓ ତାଙ୍କ ଗ୍ୟାଙ୍ଗ ୨ ଲକ୍ଷ ୩୩ ହଜାର ଟଙ୍କା ଲୁଟି ନେଇଥିଲେ।

### ୨୦୧୧ରୁ ଆପରାଧିକ ମାମଲାରେ ଜଡ଼ିତ

୨୦୧୧ରୁ କ୍ଷୀରୋଦ ଆପରାଧିକ କାର୍ଯ୍ୟକଳାପରେ ଜଡ଼ିତ ରହିଛନ୍ତି। ୨୦୧୬ରୁ ଆଜି ପର୍ଯ୍ୟନ୍ତ ଅପରାଧ କାର୍ଯ୍ୟରେ ଲିପ୍ତ ରହି ପୋଲିସକୁ ସବୁ ସମୟରେ ଚକ୍‌ମା ଦେଇ ଫେରାର ହୋଇଯାଉଥିଲେ। ପୋଲିସ କ୍ଷୀରୋଦଙ୍କୁ ଧରିବାରେ ବିଫଳ ହୋଇଥିଲା।

## ରାମ ନବମୀ ଶୋଭାଯାତ୍ରାରେ ଯୁବକଙ୍କୁ ଛୁରାମାଡ଼

ସୋର,୬।୪(ଜନ୍ମେଜୟ ମିଶ୍ର)


ଗୁରୁତର ସନ୍ତୋଷ କୁମାର ସାହୁ

ବାଲେଶ୍ୱର ଜିଲା ସୋର ସହରରେ ରବିବାର ରାମ ନବମୀ ଉପଲକ୍ଷେ ଶୋଭାଯାତ୍ରା ଚାଲିଥିବା ବେଳେ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି। ଗୁରୁତର ଯୁବକ ଜଣକ ହେଲେ ଚିଉଳ ଗ୍ରାମର ସନ୍ତୋଷ କୁମାର ସାହୁ। ଅପରାହ୍ନରେ କୋର୍ଟ ଛକ ନିକଟରେ ସେ ଛିଡ଼ା ହୋଇଥିବା ବେଳେ ୫ଜଣ ଯୁବକ ୨ଟି ବାଇକ୍ ଓ ଗୋଟିଏ ସ୍କୁଟିରେ ଆସି ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ସନ୍ତୋଷଙ୍କ ହାତ, ମୁଣ୍ଡ ଓ ପିଠିରେ ଗୁରୁତର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣର କାରଣ ସ୍ପଷ୍ଟ ହୋଇନାହିଁ। ପୋଲିସ ତଦନ୍ତ ଜାରି ରଖିଛି।

## ଆଦିବାସୀଙ୍କୁ ଠକେଇ, ଜଣେ ଗିରଫ

କୋରୁକୋଣ୍ଡା, ୬।୪(ଶିବଦତ୍ତ ସାହୁ)


ଗିରଫ ସୁରେନ୍ଦ୍ର ପରିଡ଼ା

ମାଲକାନଗିରି ଜିଲା ଓର୍କେଲ ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମର ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ ଓର୍କେଲ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଶନିବାର ଗିରଫ ପରେ କୋର୍ଟ ଚାଲାଣ କରିଛି। ସେ ହେଲେ ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳର ସୁରେନ୍ଦ୍ର ପରଡ଼ା । ଏ ନେଇ ନଂ. ୯୨/୨୫ରେ ଏକ ମାମଲା ରୁଜୁ କରାଯାଇଛି।

ସୂଚନା ଅନୁଯାୟୀ, ଖଇରପୁଟ ବ୍ଲକ ରାସବେଡ଼ା ପଞ୍ଚାୟତ ଅଧୀନ ଚେରୀଗୁଡ଼ା, ବନୁଗୁଡ଼ା ଓ ବୁଟିଗୁଡ଼ା ଗ୍ରାମର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଆଦିବାସୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଇ ସୁରେନ୍ଦ୍ର ପଳାଇଥିଲେ। ସେ ଲୋକଙ୍କୁ କହିଥିଲେ, ତମେମାନେ ଯେତିକି ଟଙ୍କା ବାନ୍ଧିବ, ଉକ୍ତ ଟଙ୍କା ୩ ବର୍ଷ ପରେ ତିନିଗୁଣ ହୋଇଯିବ। ମାସକୁ ମାସ କିଛି କିଛି ସୁଧ ଆକାରରେ ମିଳିବ ବୋଲି ସେମାନଙ୍କୁ ପ୍ରଲୋଭନ ଦେଖାଇ ୨୦୨୨ରୁ ଲୋକଙ୍କଠାରୁ ଟଙ୍କା ନେବା ଆରମ୍ଭ କରିଥିଲେ। ଲୋକମାନେ ବିଭିନ୍ନ ସ୍ଥାନରୁ ଋଣ ଆଣି ସୁରେନ୍ଦ୍ରଙ୍କ ପାଖରେ ଜମା କରିଥିଲେ। ଏହାର କିଛି ମାସ ପର୍ଯ୍ୟନ୍ତ କେତେକ ଲୋକଙ୍କୁ ସୁଧ ଟଙ୍କା ମିଳିବାରୁ ସେମାନେ ଅଧିକ ଟଙ୍କା ପାଇବା ଆଶାରେ ସୁରେନ୍ଦ୍ରଙ୍କ ପାଖରେ ଅଧିକ ଟଙ୍କା ବାନ୍ଧିଥିଲେ। ଗତ ଅକ୍ଟୋବରରୁ ସୁଧ ଟଙ୍କା ମିଳିବା ବନ୍ଦ ହୋଇଯିବା ପରେ ଲୋକମାନେ ତାଙ୍କୁ ବାରମ୍ବାର ଫୋନ୍ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସୁରେନ୍ଦ୍ରଙ୍କ ଫୋନ ବନ୍ଦ ରହିଥିଲା। ଲୋକମାନେ ବାଧ୍ୟ ହୋଇ ଓର୍କେଲ ଥାନାରେ ମାର୍ଚ୍ଚ ୧୬ରେ ସୁରେନ୍ଦ୍ରଙ୍କ ବିରୋଧରେ ଲିଖିତ ଏତଲା ଦେଇଥିଲେ। ପୁନର୍ବାର ତାଙ୍କ ବିରୋଧରେ ମାର୍ଚ୍ଚ ଓ ଏପ୍ରିଲରେ ଲୋକମାନେ ଆଉ ଦୁଇଟି ଏତଲା ଦେଇଥିଲେ। ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଥାନା ଅଧିକାରୀ ପଟ୍ଟନାୟକଙ୍କ କହିବା ଅନୁଯାୟୀ, ସୁରେନ୍ଦ୍ର ଲୋକମାନଙ୍କ ପାଖରୁ ପ୍ରାୟ ୩୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରିଛନ୍ତି। ତାଙ୍କ ନାଁରେ ମାଲକାନଗିରି ଜିଲାର ବିଭିନ୍ନ ଥାନାରେ ଆହୁରି ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

## ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର

ଦେବଗଡ଼,୬।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ଥାନା ଅଞ୍ଚଳର ଜଣେ ୪ ବର୍ଷିଆ ଶିଶୁକନ୍ୟାଙ୍କୁ ଜଣେ ନାବାଳକ(୧୭) ବଳାତ୍କାର କରିଛନ୍ତି। ଏ ନେଇ ପୀଡ଼ିତା ଶିଶୁକନ୍ୟାଙ୍କ ମା' ରିଆମାଳ ଥାନାରେ ଶନିବାର ରାତିରେ ଅଭିଯୋଗ କରିଛନ୍ତି। ଶନିବାର ପୂର୍ବାହ୍ନରେ ଘରବାହାରେ ଶିଶୁକନ୍ୟା ଖେଳୁଥିଲେ। ଏହି ସମୟରେ ମୋବାଇଲ ଦେଖାଇବା ବାହାନାରେ ଶିଶୁକନ୍ୟାଙ୍କୁ ନାବାଳକ ନିଜ ଘରକୁ ଟେକି ନେଇ ବଳାତ୍କାର କରିଥିଲେ। ଘରକୁ ଆସି ଶିଶୁକନ୍ୟା କାନ୍ଦିଥିଲେ। ମା' କ'ଣ ପାଇଁ କାନ୍ଦୁଛୁ ବୋଲି ପଚାରିବାରୁ ସେ ଘଟଣା ସମ୍ପର୍କରେ କହିଥିଲେ। ପୀଡ଼ିତାଙ୍କ ଗୁପ୍ତାଙ୍ଗରେ କ୍ଷତ ଓ ରକ୍ତସ୍ରାବ ଦେଖି ତାଙ୍କ ମା' ରାତିରେ ରିଆମାଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ନାବାଳକଙ୍କୁ ପଚରାଉଚରା କରିଛି। ସୋମବାର ଉଭୟଙ୍କ ଡାକ୍ତରମାଇନା ହେବ ବୋଲି ପୋଲିସ ସୂଚନା ଦେଇଛି।

## ଲୁଟ୍ ପାଇଁ ଆସି ବୃଦ୍ଧାଙ୍କୁ ହତ୍ୟା ଘଟଣା, ୨ କୋର୍ଟ ଚାଲାଣ

ଚଣ୍ଡିଖୋଲ,୬।୪(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ତିଗିରିଆ ଗ୍ରାମରେ ଶୁକ୍ରବାର ରାତିରେ ଲୁଟ କରିବାକୁ ଆସି ଜଣେ ବୃଦ୍ଧାଙ୍କୁ ହତ୍ୟା କରିବା ଘଟଣାରେ ରବିବାର ବାଲିଚନ୍ଦ୍ରପୁର ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ତିଗିରିଆ ଗ୍ରାମର ମଙ୍ଗୁଲି ଦାସ ଓ ବିକାଶ ଦାସ। ଉଭୟଙ୍କୁ କେସନଂ .୯୬/୨୫ରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ତିଗିରିଆ ଗ୍ରାମର କୌଶଲ୍ୟା ପତିଙ୍କ ଘରେ ସେହି ଗ୍ରାମର ମଙ୍ଗୁଲି ଓ ବିକାଶ ଲୁଟ୍ କରିବାକୁ ପଶିଥିଲେ। ଘରେ କେବଳ କୌଶଲ୍ୟା ଓ ତାଙ୍କ ଝିଅ ମମତା ରହୁଥିଲେ। ସେମାନେ ରାତି ୨ଟାରେ ବାହାରକୁ ଉଠିଥିଲେ। ଏହି ସୁଯୋଗରେ ଲୁଟେରାଦ୍ୱୟ ତାଙ୍କ ଘରେ ପଶି ଯାଇଥିଲେ। ଏହା ଦେଖି କୌଶଲ୍ୟା ପାଟି କରିବାରୁ ସେମାନେ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ କୌଶଲ୍ୟାଙ୍କ ମୃତ୍ୟୁ ଘଟିଥିଲା ବେଳେ ଝିଅ ମମତା ଗୁରୁତର ହୋଇଥିଲେ। ଏ ବିଷୟରେ ଝିଅ ମମତା ସେମାନଙ୍କୁ ଚିହ୍ନି ପୋଲିସକୁ ସୂଚନା ଦେଇଥିଲେ। ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସମରଜିତ୍ ନାୟକ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ ସହ ଘଟଣାର ତଦନ୍ତ ଜାରି ରଖିଛନ୍ତି। ଉଭୟଙ୍କୁ ପୋଲିସ ଶନିବାର ଥାନାକୁ ଧରି ଆଣି ତଦନ୍ତ କରିଥିଲା। ଘଟଣା ସମ୍ପର୍କରେ ଉଭୟ ସ୍ୱୀକାର କରିବା ପରେ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ପୋଲିସ କହିଛି।

## ପୁଅର ଶାବଳ ମାଡ଼ରେ ବାପା ମୃତ, ମା' ଗୁରୁତର

ସମ୍ବଲପୁର,୬।୪(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଅନ୍ତର୍ଗତ ତୁରିପଡ଼ା ଗ୍ରାମରେ ରବିବାର ପୁଅର ଶାବଳ ମାଡ଼ରେ ବାପାଙ୍କ ମୃତ୍ୟୁ ଘଟିଥିବା ବେଳେ ମା' ଗୁରୁତର ହୋଇଛନ୍ତି। ମୃତକ ହେଲେ ଗୟା ମଲ୍ଲିକ(୮୦)। ଗୁରୁତର ଆହତ ଉକିଆ ମଲ୍ଲିକ(୭୨)ଙ୍କୁ ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତ ପୁଅ ବାଳକୃଷ୍ଣ ମଲ୍ଲିକ(୪୫)ଙ୍କୁ ପୋଲିସ ଥାନାକୁ ନେଇ ପଚରାଉଚରା କରୁଛି। ମିଳିଥିବା ସୂଚନା ଅନୁସାରେ ରବିବାର ଅପରାହ୍ନରେ କୌଣସି କଥାକୁ ନେଇ ଗୟା ଓ ବାଳକୃଷ୍ଣଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବାଳକୃଷ୍ଣ ଏକ ଶାବଳରେ ବାପାଙ୍କୁ ଆକ୍ରମଣ କରିଥିଲେ। ତାଙ୍କୁ ସୁରକ୍ଷା ଦେବାକୁ ଆସିଥିବା ମା' ଉକିଆ ମଧ୍ୟ ଏଥିରୁ ବର୍ତ୍ତି ନ ଥିଲେ। ଆକ୍ରମଣରେ ଗୟା ଓ ଉକିଆ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଯୁଯୁମୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ଡାକ୍ତର ଗୟାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଯୁଯୁମୁରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ବାଳକୃଷ୍ଣଙ୍କୁ ହେପାଜତକୁ ନେଇଛି।

**ହାଇଦ୍ରାବାଦରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ**

ପାତ୍ରପୁର,(ଉମା ଚରଣ ନେପାକ): ଜରଡ଼ାଥାନା ବାଦପୁର ପଞ୍ଚାୟତ ଅନ୍ତର୍ଗତ ଦେସାରୀ ଗ୍ରାମର ଯୋଗେନ୍ଦ୍ର ପ୍ରଧାନ(୫୮) ଗତ କିଛି ଦିନ ଧରି ହାଇଦ୍ରାବାଦଠାରେ ଏକ ଘରୋଇ କାରଖାନାରେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ। ଗୁରୁବାର ମଧ୍ୟାହ୍ନରେ ସେ ରହୁଥିବା ଭଡ଼ା ଘରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ହାଇଦ୍ରାବାଦ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମକୁ ପଠାଇଥିଲା।ଦେସାରୀ ଗ୍ରାମରେ ଯୋଗେନ୍ଦ୍ରଙ୍କ ମୃତଦେହ ପହଞ୍ଚିଛି।

## ସଂକ୍ଷେପରେ

### ରାଜୁ ରେଡ୍ଡୀ ହତ୍ୟା ଘଟଣା: ଫେରାର ଅଭିଯୁକ୍ତ ଗିରଫ

ହିଞ୍ଜିଳିକାଟୁ, ୬।୪(ଦ୍ୱିତୀକୃଷ୍ଣ ପଣ୍ଡା)

ଗଞ୍ଜାମ ଜିଲା ହିଞ୍ଜିଳି ଥାନା ବଡଖଣ୍ଡି ଜଗନ୍ନାଥ ମନ୍ଦିର ନିକଟରେ ଗତ ଅକ୍ଟୋବର ୬ ବିଳମ୍ବିତ ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବ୍ରହ୍ମପୁର ସଦର ଥାନା ସାତପହଣ୍ଡିଆ ଗ୍ରାମର ରାଜୁ ରେଡ୍ଡୀ (୩୨)ଙ୍କୁ ଛୁରୀ ଭୁଷି ହତ୍ୟା କରାଯାଇଥିଲା। ଉକ୍ତ ଘଟଣାରେ ହିଞ୍ଜିଳି ପୋଲିସ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଶନିବାର ରାତିରେ ସମରଝୋଳ ଗ୍ରାମରୁ ଗିରଫ କରିଛି। ସେ ହେଲେ ବ୍ରହ୍ମପୁର ସଦର ଥାନା ସାତପହଣ୍ଡିଆ ଗ୍ରାମର ବି. ଅଭି ରେଡ୍ଡୀ (୨୮) । ଏ ନେଇ ହିଞ୍ଜିଳି ଥାନାର ନଂ. ୮୩୬/୨୪ରେ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତ ଅଭିଙ୍କୁ ରବିବାର କୋର୍ଟ ଚାଲାଣ କରିଛି। ଏହି ମାମଲାରେ ପୂର୍ବରୁ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

### ଟ୍ରେନ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

ବ୍ରହ୍ମପୁର ୬।୪(ସୁବାସ ଚନ୍ଦ୍ର ପାଢ଼ୀ)

ସରକାରୀ ରେଳବାଇ ପୋଲିସ ରବିବାର ଆଙ୍କୁଲି ଓଭରବ୍ରିଜ ରେଳଧାରଣରୁ ଜଣେ ବୃଦ୍ଧାଙ୍କ ମୃତଦେହ ଜବତ କରିଛି। ତାଙ୍କ ପରିଚୟନ ମିଳନାହିଁ। କିନ୍ତୁ ବୟସ ୭୦ ବର୍ଷ ହେବ ବୋଲି ପୋଲିସ କହିଛି। ନଂ. ୩୨/୫୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ କଠାଇଛି। ପ୍ରାଥମିକ ତଦନ୍ତରୁ ବୃଦ୍ଧା ଜଣଙ୍କ ରେଳଧାରଣା ପାର ହେଉଥିବା ବେଳେ ଟ୍ରେନ ଧକ୍କାରେ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ପୋଲିସ ମୃତକଙ୍କ ପରିଚୟ ଜାଣିବା ପାଇଁ ଏନେଇ ବିଭିନ୍ନ ଥାନାକୁ ମେସେଜ ପଠାଇଛି।

### ଭାଜପା ପାଳିଲା ପ୍ରତିଷ୍ଠା ଦିବସ

ବ୍ରହ୍ମପୁର,୬।୪(ନରସିଂହ ସାହୁ)

ବ୍ରହ୍ମପୁରରେ ଭାଜପାର ୪୬ତମ ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। ତେବେ ଏମ୍‌ପି ଓ ବିଧାୟକଙ୍କ ଅନୁପସ୍ଥିତି ଚର୍ଚ୍ଚାର ବିଷୟ ପାଲଟିଛି। ଅନ୍ୟପକ୍ଷରେ ପବିତ୍ର ଶ୍ରୀରାମ ନବମୀ ଅବସରରେ ଦଳୀୟ କର୍ମୀ ଓ ନେତାଙ୍କ ସମେତ ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ପକ୍ଷରୁ ଖୋଡ଼ାସିଙ୍ଗିରୁ ବିଶାଳ ଶୋଭାଯାତ୍ରା ବାହାରି ରାମଲିଙ୍ଗମ ୱାଟର ପାର୍କ ପର୍ଯ୍ୟନ୍ତ ଆସିଥିଲା। ସେଠାରେ ସ୍ଥାପିତ ବାଜପାୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେହିପରି ମହାନଗରର ସବୁ ମଣ୍ଡଳ ସ୍ତରରେ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବିଧାୟକଙ୍କ କାର୍ଯ୍ୟାଳୟରେ ଦଳର ପତାକା ଉତ୍ତୋଳନ କରାଯାଇ ସାଙ୍ଗଠନିକ ଆଲୋଚନା ହୋଇଥିଲା। ଗଞ୍ଜାମ ଜିଲା ସଭାପତି ସରୋଜ ସାବତ ପତାକା ଉତ୍ତୋଳନ କରିଥିଲେ। ଅସୁସ୍ଥତା ଯୋଗୁଁ ଏମପି ଓ ବିଧାୟକ ଭୁବନେଶ୍ୱରରୁ ଆସିପାରି ନ ଥିବା ଦଳ ପକ୍ଷରୁ କୁହାଯାଇଛି।

### ମା' ସାତଭଉଣୀଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା

ଚିକିଟି,୬।୪(ପ୍ରକାଶ ଚନ୍ଦ୍ର ସାହୁ)– ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମର କୈବର୍ତ୍ତ ସମାଜର ମା' ସାତଭଉଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁଭାରମ୍ଭ ହୋଇଛି। ଏହି ଉତ୍ସବ ତିନିଦିନ ଧରି ଚାଲିବ। ଏହି ଅବସରରେ ରବିବାର ନୂଆପଡା ଗ୍ରାମ ସମେତ ଆଖପାଖ ଅଞ୍ଚଳର ଶତାଧିକ ମହିଳାପୁରୁଷ ଶୋଭାଯାତ୍ରାରେ ଧାନ୍ୟରାଶି ଗ୍ରାମ ନିକଟସ୍ଥ ବାହୁଦା ନଦୀରୁ କଳସରେ ଜଳ ଧରି ବିଭିନ୍ନ ଗ୍ରାମ ପରିକ୍ରମା କରି ମା'ଙ୍କ ମନ୍ଦିର ନିକଟରେ ପହଞ୍ଚିଥିଲେ। ସୋମବାରଠାରୁ ନାମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ ଆରମ୍ଭ ହେବ । ପଣ୍ଡିତ ଯଜ୍ଞ ନାରାୟଣ ପାତ୍ରଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ଚାଲିଛି।

### ଧାର ଟଙ୍କା ନ ଫେରାଇ ଯୁବକ ଗିରଫ

ଗୋପାଳପୁର,୬।୪(ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଗିରିସୋଲା ଗ୍ରାମରେ ଜଣେ ଯୁବକ ବ୍ୟବସାୟ କରିବା ପାଇଁ ଟଙ୍କା ଧାର ଆଣିଥିଲେ। ସେ ଟଙ୍କା ନ ଫେରାଇବାରୁ ଟଙ୍କା ଦେଇଥିବା ବ୍ୟକ୍ତି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ରବିବାର ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସେ ହେଲେ ଗିରିସୋଲାର ଜି.ଗୋପାଳ। ୨୦୨୨ରେ ଡି. ଲିଙ୍ଗରାଜଙ୍କଠାରୁ ଗୋପାଳ ବ୍ୟବସାୟ କରିବାକୁ ୫ ଲକ୍ଷ ଟଙ୍କା ଧାରା ନେଇଥିଲେ। ଉକ୍ତ ଟଙ୍କା ୩ ମାସରେ ଫେରସ୍ତ କରିଦେବେ ବୋଲି ଲିଙ୍ଗରାଜଙ୍କ ସହ ସେ ଚୁକ୍ତି କରିଥିଲେ। ୩ମାସ ଭିତରେ ଟଙ୍କା ନ ଫେରାଇବାରୁ ଲିଙ୍ଗରାଜ ଟଙ୍କା ମାଗିଥିଲେ। ମାତ୍ର ଗୋପାଳ ଟଙ୍କା ଦେଇ ନ ଥିଲେ। ଗତ ଜାନୁଆରୀ ୨୦୨୩ରେ ସେ ୧ ଲକ୍ଷ ଟଙ୍କା ଫେରସ୍ତ ଦେଇଥିବା ବେଳେ ବଳକା ଟଙ୍କା ଦେବାକୁ ସମୟ ଗଡ଼ାଇ ଚାଲିଥିଲେ।

# ଠାକୁରାଣୀଙ୍କ ସାହି ପରିକ୍ରମା, ଧର୍ମଝଣ୍ଡାକୁ ନିମନ୍ତ୍ରଣ

ବ୍ରହ୍ମପୁର,୬।୪(ସ୍ମୃତି ରଞ୍ଜନ ମହାଲିକ)– ଠାକୁରାଣୀ ଯାତ୍ରାର ୪ର୍ଥ ଦିନରେ ରବିବାର ମା' ଠାକୁରାଣୀଙ୍କ ଘଟ ଓ ପାର୍ଶ୍ୱ ଘଟ ରାତି ୯ଟାରେ ଅସ୍ଥାୟୀ ମଣ୍ଡପରୁ ବାହାରି ବିଭିନ୍ନ ସାହି ପରିକ୍ରମା କରିଥିଲେ। ହୁଳହୁଳି, ଘଣ୍ଟ ଓ ଚାଙ୍ଗୁ ବାଦ୍ୟରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ମାଙ୍କ ଘଟ ସମ୍ମୁଖରେ ବିଭିନ୍ନ ଦେବୀଙ୍କ ମୁଖା ନାଚ ଦେଖିବାକୁ ମିଳିଥିଲା। ଘଟ ପ୍ରଥମେ ମହୁରୀ ରାଜବାଟୀରେ ରଜାଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ବଡ ବଜାର ଅଞ୍ଚଳରେ ପହଞ୍ଚିଥିଲେ। ପରେ କମଳାବାରୀ ସାହିରେ ପହଞ୍ଚି ମା' ଧର୍ମଝଣ୍ଡା ପାଇଁ ନିମନ୍ତ୍ରଣ ଦେଇଥିଲେ। ପରେ ମା ସାଆନ୍ତାଣୀ ସାହି ଓ ମାର୍ଥାପେଟା ସାହିକୁ ଯାତ୍ରା କରିଥିଲେ। ପରିକ୍ରମା ସମୟରେ ମା'ଙ୍କ ପାଇଁ ନୂଆ ଶାଢ଼ି ପକାଯାଇଥିଲା। ସେଥିରେ ମା' ଚାଲି ଚାଲି ଆସିଥିଲେ। ପ୍ରତି ସାହିରେ ଶହ ଶହ ମହିଳା ହଳଦୀ ପାଣିରେ ମା'ଙ୍କ ପଦଧୌତ କରିଥିଲେ। ମୁଖ୍ୟ ଘଟକୁ ଆଳତୀ କରିବା ସହ ମହିଳାମାନେ ଭୋଗରାଗ କରିଥିଲେ। ଘଟ ସମସ୍ତ ସାହି ପରିକ୍ରମା କରିବା ପରେ ମାର୍ଥାପେଟା ସାହି ଦେଇ ଦେଶୀ ବେହେରା ସାହି ସ୍ଥିତ ଅସ୍ଥାୟୀ ମଣ୍ଡପକୁ ଫେରିଥିଲେ। ଅସ୍ଥାୟୀ ମଣ୍ଡପରେ ଆଳତୀ ପରେ ଅନ୍ନ ଭୋଗ କରାଯାଇଥିଲା। ଏହି ସମୟରେ ମା'ଙ୍କ ଦର୍ଶନ ପାଇଁ ଅସ୍ଥାୟୀ ମଣ୍ଡପ ବାହାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।



ଅସ୍ଥାୟୀ ମଣ୍ଡପରୁ ମା'ଙ୍କ ଘଟ ସାହି ପରିକ୍ରମା ପାଇଁ ବାହାରୁଛନ୍ତି।

## ଆଜି ସ୍ଥାପନ ହେବ ଧର୍ମର ସୂଚକ ଧର୍ମଝଣ୍ଡା

ଧର୍ମର ସୂଚକ କୁହାଯାଉଥିବା ଧର୍ମଝଣ୍ଡା ସୋମବାର ସ୍ଥାପନ ହେବ। ଠାକୁରାଣୀ ଯାତ୍ରାରେ ଧର୍ମ ଝଣ୍ଡାର ବିଶେଷତ୍ୱ ରହିଛି। ନିମନ୍ତ୍ରଣର ଦିନକ ପରେ ଅସ୍ଥାୟୀ ମନ୍ଦିର ସମ୍ମୁଖରେ ଏହି ଝଣ୍ଡା ବନ୍ଧାଯାଇଥାଏ। ଏହା ଏକ ବାଉଁଶ ନିର୍ମିତ। ଏହାର ଉଚ୍ଚତା ୨୦ ଫୁଟରୁ ଅଧିକ। ଏଥିରେ କଳା ଓ ନାଲି ରଙ୍ଗ ଭଳି ୨ଟି ପତାକା ଲାଗିଥାଏ। ବାଉଁଶର ଅଗ୍ର ଭାଗରେ ନାଲି ଓ କଳା ପତାକା ସହ ନିମ୍ବ ଡାଳ ବନ୍ଧା ଯାଇଥାଏ। ନାଲି ପତାକା ଠାକୁରାଣୀ ଓ କଳା ପତାକା ମା'ଙ୍କ ଗ୍ରାମ ଦେବତୀ ବୋଲି କୁହାଯାଇଥାଏ। କମଳାବାରୀ ସାହିରେ ପ୍ରଥମେ ଧର୍ମ ଝଣ୍ଡାକୁ ପୂଜାର୍ଚ୍ଚନା ପରେ ପଟୁଆରରେ ଅସ୍ଥାୟୀ ମଣ୍ଡପକୁ ଅଣାଯାଏ। ପଟୁଆରରେ ରାଜା, ମନ୍ତ୍ରୀ, ସେନାପତି, ଦାଣ୍ଡୁ ଓ ପୋଲିସ ବେଶଧାରୀମାନେ ରହିବା ପରମ୍ପରା ରହିଛି। କମଳାବାରୀ ସାହିର ଡି.ଶ୍ରୀନିବାସ ଓ ଡି. ରାବଣାଙ୍କ ପରିବାର ପକ୍ଷରୁ ଝଣ୍ଡାକୁ ପୂଜାର୍ଚ୍ଚନା କରାଯିବ।

## ଯାତ୍ରାରେ ଭୋଗ

ଅସ୍ଥାୟୀ ମଣ୍ଡପରେ ଠାକୁରାଣୀଙ୍କୁ ନଡିଆ, କଦଳୀ ସହ ଗଜା ମୂଆଁ ଶ୍ରଦ୍ଧାଳୁ ଭୋଗ କରିଥାନ୍ତି। ମାନସିକଧାରୀ ଗଜା ମୂଆ ପୂଜା କରନ୍ତି। ଯାତ୍ରା ପରିଚାଳନା କମିଟି ପକ୍ଷରୁ ପ୍ରତ୍ୟହ ୧୪ ଭୋଗର ବ୍ୟବସ୍ଥା କରାଯାଇଛି। ସକାଳ ୫ରୁ ୬ ମଧ୍ୟରେ କୁଙ୍କୁମାର୍ଚ୍ଚନା, ୮ଟାରେ ରାଜ ଭୋଗ, ଅପରାହ୍ନ ୧.୩୦ ଓ ରାତି ୧୦ଟାରେ ରାଜଭୋଗ, ସନ୍ଧ୍ୟା ୪ରୁ ରାତି ୮ଟାରେ ୩ ପର୍ଯ୍ୟାୟରେ ଅନ୍ନ ପ୍ରସାଦ ଭୋଗ ହୋଇଥାଏ। ଏଥିସହ ସକାଳ ୭ରୁ ଅପରାହ୍ନ ୨ଟା ମଧ୍ୟରେ ଜଳ ଦାନ ଓ ନବାତ ପଣା ଭୋଗ ହୋଇଥାଏ।

# ବିଭିନ୍ନ ସ୍ଥାନରେ ଶ୍ରୀରାମ ନବମୀ ପାଳିତ

ବ୍ରହ୍ମପୁର,୬।୪(ସ୍ମୃତି ରଞ୍ଜନ ମହାଲିକ)

ଗଜପତି ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ଶ୍ରୀରାମ ନବମୀ ପାଳିତ ହୋଇଛି। ସ୍କୁଲ ସଭାପତି ସୂର୍ଯ୍ୟକାନ୍ତ ମହାନ୍ତିଙ୍କ ପ୍ରେରଣାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍କୁଲର ପୂର୍ବତନ ସଭାପତି ରାମ ପ୍ରସାଦ ପଟ୍ଟନାୟକ ଯୋଗ ଦେଇ ମାର୍ଗ ଦର୍ଶନ କରିଥିଲେ। ଗୁରୁଜୀ ଗୌରୀ ନାହାକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ କହିଥିଲେ। ମୁଖ୍ୟବକ୍ତା ସଂସ୍କୃତ ପଣ୍ଡିତ ଗୋକୁଳ ଚନ୍ଦ୍ର ପ୍ରହରାଜ ରାମକଥା ଉପରେ ଆଲୋକପାତ କରିଥିଲେ। ଉପସଭାପତି ନରେଶ ଚନ୍ଦ୍ର ପଟ୍ଟନାୟକ, କୋଷାଧ୍ୟକ୍ଷ କବିରାଜ ସାହୁ, ଶିବ ରାମ କର, କେଦାର ପଟ୍ଟନାୟକ, ପ୍ରଣିତା ମିଶ୍ର, ମମତା ମହାପାତ୍ର, ଦୀପକ ସାହୁ, ମନୋଜ ରଥ ଓ ରାମା ରାଓ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସହରର ରାମଲିଙ୍ଗେଶ୍ୱର, ସାନବଜାର, ଷ୍ଟେଶନ ରୋଡ ରାମଲିଙ୍ଗେଶ୍ୱର, ନିମଖଣ୍ଡି ରଘୁନାଥ ମଠରେ ଶ୍ରୀରାମ ନବମୀ ପାଳିତ ହୋଇଛି। ମନ୍ଦିର କମିଟି ପକ୍ଷରୁ ପଣା ଓ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା।



ନିମଖଣ୍ଡି ମନ୍ଦିରରେ ଶ୍ରୀରାମ ନବମୀ।

# ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟରେ ଆନ୍ତର୍ଜାତିକ ସମ୍ମିଳନୀ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ବ୍ରହ୍ମପୁର,୬।୪(ସୁବାସ ଚନ୍ଦ୍ର ପାଢ଼ୀ)

ଶୀତଳାପଲ୍ଲୀ ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟର କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ୩ ଦିନ ଧରି ଚାଲିଥିବା ଆନ୍ତର୍ଜାତିକ ସମ୍ମିଳନୀ ରବିବାର ସରିଛି। ମୁଖ୍ୟ ଅତିଥି ଭାବେ ରାଉରକେଲା ବିପିୟୁଟି କୁଳପତି ପ୍ରଫେସର ଅମିୟ କୁମାର ରଥ ଯୋଗ ଦେଇ ଉକ୍ତ କଲେଜର ସୁନାମ କହିବା ସହିତ ଏହା ରାଜ୍ୟର ଶ୍ରେଷ୍ଠ ଯାନ୍ତ୍ରିକ ମହାଦ୍ୟାଳୟ ହେବା ଆଶା ରହିଛି ବୋଲି କହିଥିଲେ। ଆଇଆଇଏସସି ବାଙ୍ଗାଲୋରର ପ୍ରଫେସର ଲଳିତ ମୋହନ ପଟ୍ଟନାୟକ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ବ୍ୟବହାର ଭାରତକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିବା କହିଥଲେ। କଲେଜର ଅଧ୍ୟକ୍ଷ ପ୍ରଫେସର ଚିତ୍ତ ରଞ୍ଜନ ମହାନ୍ତି ଦୈନନ୍ଦିନ ଜୀବନରେ ବିଜ୍ଞାନକୁ ପ୍ରୟୋଗ କରି କିଭଳି ଆଗକୁ ବଢ଼ିବେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ପ୍ରଫେସର ଶିବ କୁମାର ଉଦଗାତା ଉପସ୍ଥିତ ଥିଲେ। ସମ୍ମିଳନୀର ସଂଯୋଜକ ଆଇଜିଆଇଟି ସରାଙ୍ଗର ପ୍ରଫେସର୍ ଶ୍ରୀନିବାସ ସେଠୀ ସହଯୋଗ କରିଥିଲେ । କମ୍ପ୍ୟୁଟର ସାଇନସ ଆଣ୍ଡ ଇଞ୍ଜିୟରିଂ ବିଭାଗ ମୁଖ୍ୟ ପ୍ରଫେସର ରାନୁମୟୀ ସିଂ ସମ୍ମିଳନୀର ଆଭିମୁଖ୍ୟ କହିଥିଲେ । ସହ ସଂଯୋଜକ ପ୍ରଫେସର ସୌରଭ କୁମାର୍ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମ୍ମିଳନୀର ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା । ସମ୍ମିଳନୀରେ ଦେଶ ବିଦେଶର ବହୁ ପ୍ରଫେସର ଯୋଗଦେଇଥିଲେ। ପ୍ରଫେସର ଦେବାଶିଷ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ପ୍ଲାଷ୍ଟିକମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ




ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନ କରାଯାଉଛି।

ବ୍ରହ୍ମପୁର,୬।୪(ସୁବାସ ଚନ୍ଦ୍ର ପାଢ଼ୀ)

ଡୁରା ସ୍ଥିତ ନ୍ୟାସନାଲ ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପ୍ଲାଷ୍ଟିକମୁକ୍ତ ପରିବେଶ ଉପରେ ଆଲୋଚନା ହୋଇଥିଲା। ରାମନାରାୟଣ କଲେଜ ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟକ୍ଷପିକା ଡଃ ଉଷା ରାଣୀ ବ୍ରହ୍ମା ମୁଖ୍ୟ ଅତିଥି ରହି ପ୍ଲାଷ୍ଟିକମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ସ୍କୁଲ ପରିଚାଳନା କମିଟିର ସଭାପତି ଗାୟତ୍ରୀ ପାତ୍ର ଯୋଗଦେଇ ପ୍ଲାଷ୍ଟିକ ବ୍ୟବହାରର ଅପକାରିତା ଉପରେ କହିଥିଲେ। ପ୍ଲାଷ୍ଟିକ ବ୍ୟବହାର କୁ ନାଁ ବିଷୟ ଉପରେ ଚିତ୍ରାଙ୍କନ ଏବଂ ବର୍ଜ୍ୟବସ୍ତୁରୁ ବିଭିନ୍ନ ଉପକରଣ ବ୍ୟବହାର କରି ସାମଗ୍ରୀ ପ୍ରସ୍ତୁତି ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ପରେ ଏକ ସଚେତନତା ପଦଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଇକୋ କ୍ଲବର ବିଜ୍ଞାନ ଶିକ୍ଷୟିତ୍ରୀ ଅମିତା ରାଣୀ ସାହୁ ଏହାକୁ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ଗୀତାଞ୍ଜଳି ପଣ୍ଡା ସଭା ପରିଚାଳନା କରିଥିବା ବେଳେ ପ୍ରଣତୀ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ଛତ୍ରପୁର ହସ୍ପିଟାଲ ହେବନି ଜିଲା ମୁଖ୍ୟ ଚିକିତ୍ସାଳୟ

ଛତ୍ରପୁର,୬।୪(ସନ୍ତୋଷ ପାଢ଼ୀ):ଗଞ୍ଜାମ ଜିଲା ସଦର ମହକୁମାରେ ଥିବା ଛତ୍ରପୁର ହସ୍ପିଟାଲକୁ ଜିଲା ମୁଖ୍ୟ ଚିକିତ୍ସାଳୟର ମାନ୍ୟତା ମିଳିବା ଯୋଜନା ନାହିଁ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ବିଧାନସଭାରେ ଜଣାଉଛନ୍ତି। ବିଗତ ଦିନରେ ତତ୍କାଳୀନ ବିଜେଡି ସରକାର ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ଜିଲା ମୁଖ୍ୟ ଚିକିତ୍ସାଳୟ ଭାବେ ଘୋଷଣା କରିଥିଲେ। ଏହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ, କେବେ ସୁଦ୍ଧା ଏହା ହେବ ବୋଲି ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ବିଧାନସଭାରେ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ଇଣ୍ଡିଆନ ପବ୍ଲିକ ହେଲଥ ଷ୍ଟାଣ୍ଡାର୍ଡ ନିୟମାବଳୀକୁ ଅନୁସରଣ କରାଯାଇ ରାଜ୍ୟରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ସ୍ଥାପନ କରାଯାଇଥାଏ। ପ୍ରଚଳିତ ନିୟମାବଳୀକୁ ରାଜ୍ୟ ସରକାର ନୀତିଗତ ଭାବରେ ଗ୍ରହଣ କରିଛନ୍ତି । ଏହି ଅନୁଯାୟୀ କରାଯାଇଥିବା ଆକଳନ ଅନୁସାରେ ଜିଲାରେ ଗୋଟିଏ ଜିଲା ମୁଖ୍ୟ ଚିକିତ୍ସାଳୟ କାର୍ଯ୍ୟକାରୀ କରିବାର ବ୍ୟବସ୍ଥା ଅଛି। ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଳୟ ବ୍ରହ୍ମପୁରଠାରେ ରହିଛି ବୋଲି ମନ୍ତ୍ରୀ ଉତ୍ତର ରଖିଥିଲେ।

## ବ୍ୟାଘ୍ରମ୍ବର କ୍ରିକେଟ ଟୁର୍ନାମେଣ୍ଟ

ଧରାକୋଟ,୬।୪(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକର ସାବାଠାରେ ବ୍ୟାଘ୍ରମ୍ବର କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳୀ ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ରୂପେ ଜିଲା ପରିଷଦ ସଦସ୍ୟ ଟୁକୁନା ଗୌଡ଼, ବନପାଳ ସୁଧୀର ପଟ୍ଟନାୟକ, ପୂର୍ବତନ ସରପଞ୍ଚ ଦିଲୀପ ସ୍ୱାଇଁ, ପୂର୍ବତନ ସରପଞ୍ଚ ଶାନ୍ତନୁ ବିଷୋୟୀ, ସମାଜିକ କର୍ମୀ ମନୋଜ ପାତ୍ର ଉପସ୍ଥିତ ଥିଲେ । ପ୍ରଥମ ଦିନର ଉଦ୍‌ଘାଟନୀ ମ୍ୟାଚ ରଘୁନାଥପୁର ଓ ତାକରଡ଼ା ମଧ୍ୟରେ ହୋଇଥିଲା। ଏଥିରେ ରଘୁନାଥପୁର ବିଜୟୀ ହୋଇଥିଲା। ଏସବିସିସି ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଚାକିରି ନିୟମିତ ଦାବିରେ ସମୂହ ଛୁଟି ପାଇଁ ଯୋଗାଣ ସହାୟକଙ୍କ ସ୍ମାରକପତ୍ର

ବେଲଗୁଣ୍ଠା,୬।୪(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଦୀର୍ଘ ବର୍ଷ ବର୍ଷ ଧରି ରାଜ୍ୟରେ କାର୍ଯ୍ୟ କରି ଆସୁଥିବା ଯୋଗାଣ ସହାୟକମାନେ ସରକାରଙ୍କ ନିୟମିତ ସରକାରୀ କର୍ମଚାରୀର ମାନ୍ୟତା ଦାବି କରିଆସୁଥିଲେ ମଧ୍ୟ ରାଜ୍ୟ ସରକାର ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ରାଜ୍ୟ ଯୋଗାଣ ସହାୟକ ସଂଘ ରବିବାର ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ସମୂହ ଛୁଟି ଡ଼ାକରା ଦେଇଛି। ରାଜ୍ୟ ସଂଘର ଏହି ଡାକରାରେ ସାମିଲ୍ ହୋଇଛି ବେଲଗୁଣ୍ଠା ବ୍ଲକ୍‌ର ଯୋଗାଣ ସହାୟକ ସଂଘ। ବ୍ଲକ୍‌ର ୧୮ଟି ପଞ୍ଚାୟତର ୧୮ ଜଣ ଯୋଗାଣ ସହାୟକ ରବିବାର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ ପ୍ରଧାନଙ୍କୁ ସାକ୍ଷାତ କରି ସେମାନଙ୍କର ସମୂହ ଛୁଟି ସମ୍ପର୍କିତ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଯଦି ଯୋଗାଣ ସହାୟକଙ୍କ ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଧାରଣା ଦିଆଯିବ ବୋଲି ବେଲଗୁଣ୍ଠା ଯୋଗାଣ ସହାୟକ ନେତୃତ୍ୱ ପ୍ରକାଶ କରିଛନ୍ତି।

# ମରାଇପଲ୍ଲୀ ସ୍କୁଲରେ ବାର୍ଷିକୋତ୍ସବ

ବୁଗୁଡ଼ା,୬।୪(କାଳିଚରଣ ଦାଶ)

ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଗୋଲିଆ କ୍ଲଷ୍ଟର ଅନ୍ତର୍ଗତ ମରାଇପଲ୍ଲୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ଚିନ୍ମୟ ମହାପାତ୍ର, ମୁଖ୍ୟବକ୍ତା ଭାବେ ସିଆରସିସି ସୁନିତା ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଚିରିକିପଡା ସ୍କୁଲ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ଗନ୍ତାୟତ, ଭାମଶ୍ୟାଳି ସ୍କୁଲ ପ୍ରଧାନ ଶିକ୍ଷକ ଜି.ନାଗେଶ୍ୱର ରାଓ, କୁଶପଲ୍ଲୀ ସ୍କୁଲ ପ୍ରଧାନ ଶିକ୍ଷକ ସୁଧିର ପାତ୍ର, ବାଦୁଆ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଦିପିକା ସେଠୀ, ଗୋଲିଆ ନୂଆସାହି ସ୍କୁଲ ଶିକ୍ଷୟିତ୍ରୀ ପ୍ରତିମା ସେଠୀ, ଚଢିଆପଲ୍ଲୀ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ବେହେରା ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଶିକ୍ଷା ସଚେତନତା ରଥ ପରିକ୍ରମା



ସଚେତନତା ରଥକୁ ସ୍ୱାଗତ କରାଯାଉଛି।

ବ୍ରହ୍ମପୁର,୬।୪(ସୁବାସ ଚନ୍ଦ୍ର ପାଢ଼ୀ)

ଶିଶୁମାନଙ୍କୁ ସ୍କୁଲ ମୁହାଁ କରିବା ପାଇଁ ସ୍କୁଲ ଓ ଗଣ ଶିକ୍ଷା ବିଭାଗ ତରଫରୁ ଶିକ୍ଷା ସଚେତନତା ରଥ ଆଜକୁ ୪ଦିନ ହେଲା ବୁଲୁଛି। ଶନିବାର ଅନ୍ତିମ ଦିବସରେ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା କେନ୍ଦ୍ର ତରଫରୁ ଆସିକାରୋଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରୁ ସଚେତନତା ରଥ ବାହାରିଛି। ବ୍ରହ୍ମପୁର ମହାନଗର ନିଗମର ପ୍ରାୟ ୨୧ ସ୍କୁଲ ଏହି ରଥ ପରିକ୍ରମା କରିଛି। କାର୍ଯ୍ୟକ୍ରମରେ ଚାଚାନେହରୁ କ୍ଲଷ୍ଟରର ସିଆରସିସି ବାଙ୍କ ପ୍ରଧାନ, ସୁବୁଦ୍ଧି ଦେବୀ କ୍ଲଷ୍ଟରର ସିଆରସିସି ୟୁ. ଭାରତୀ, ଗୋଇଲୁଣ୍ଡି ସିଆରସିସି ଭଗବାନ ବିଶ୍ୱାଳ ଏବିଇଓ ସୁକାନ୍ତ କୁମାର ଜେନା, ପ୍ରଧାନ ଶିକ୍ଷକ ରାଜେଶ କୁମାର ତାରିଣୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା। ପରିକ୍ରମା ବେଳେ ଛାତ୍ରୀଛାତ୍ର, ସାଧାରଣ ଜନତା, ଶିକ୍ଷକ ବୁଦ୍ଧିଜୀବୀଙ୍କୁ ଲିଫଲେଟ ଓ ପ୍ଲାକାର୍ଡ ସହ ନାଚ ଗୀତ ଜରିଆରେ ସଚେତନତା କରାଯାଇଛି। ୫ବର୍ଷରୁ ଅଧିକ ପିଲାଙ୍କୁ ଶିଶୁ ବାଟିକା ଓ ୬ବର୍ଷରୁ ଅଧିକ ପିଲାଙ୍କୁ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାର ବାର୍ତ୍ତା ଦିଆଯାଇଛି। ଏହି କାର୍ଯ୍ୟକ୍ରମକୁ ଲୋକଙ୍କ ଅକୁଣ୍ଠ ସମର୍ଥନ ମିଳିଥିବା ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା କହିଛନ୍ତି।

# ଲାଠି ପଞ୍ଚାୟତରେ ୭ଦିନ ହେଲା ପାନୀୟ ଜଳାଭାବ

ବ୍ରହ୍ମପୁର,୬।୪(ସୁବାସ ଚନ୍ଦ୍ର ପାଢ଼ୀ)

କୁକୁଡାଖଣ୍ଡି ବ୍ଲକ ଲାଠି ପଞ୍ଚାୟତରେ ସପ୍ତାହେ ହେଲା ପାନୀୟ ଜଳାଭାବ ଦେଖାଦେଇଛି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଅଧୀନରେ ଏହି ଗାଁକୁ ପାଣି ଯୋଗାଣ ହେଉଛି। ଏଥିପାଇଁ ଏକ ଟ୍ୟାଙ୍କ ବି ନିର୍ମାଣ ହୋଇଛି। ଏନେଇ କୁକୁଡାଖଣ୍ଡି ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ନିକଟରେ ଗ୍ରାମବାସୀ ଅଭିଯୋଗ କରିଥିବା କହିଛନ୍ତି। ବର୍ତ୍ତମାନ ଗ୍ରୀଷ୍ମର ପ୍ରକୋପରେ କୂଅ ପୋଖରୀ ସବୁ ଶୁଖିଯାଇଥିବାବେଳେ ପାନୀୟ ଜଳ ପାଇଁ ଲାଠିରେ ଏକମାତ୍ର ଭରସା ସାଜିଛି ଗ୍ରାମ୍ୟ ଜଳ ଯୋଗାର ପ୍ରକଳ୍ପରୁ ମିଳୁଥିବା ପାଣି। ପାନୀୟ ଜଳ ନ ପାଇବାରୁ ଗ୍ରାମରେ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଅନୁଧ୍ୟାନରୁ ଜଣାପଡିଛି ଯେ, ଗ୍ରାମ୍ୟ ପାନୀୟ ଜଳ ପ୍ରକଳ୍ପ ଦାୟିତ୍ୱରେ ଥିବା କର୍ମଚାରୀମାନେ ଅନୁପସ୍ଥିତି ଥିବାରୁ ଲୋକଙ୍କୁ ପାଣି ଯୋଗାଣ ହୋଇପାରୁନାହିଁ। ଗ୍ରାମବାସୀଙ୍କ କହିଛନ୍ତି ଯେ, ସେମାନେ ଅନ୍ୟ କାହାକୁ ଦାୟିତ୍ୱ ନ ଦେଇ, କିଛି ନ ଜଣାଇ ଚାଲିଯିବାରୁ ଏଭଳି ଅସୁବିଧା ଭୋଗିବାକୁ ପଡୁଛି। ଏ ସଂକ୍ରାନ୍ତରେ ବ୍ରହ୍ମପୁର ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ବିକାଶ ପତିଙ୍କୁ ପଚାରିବାରୁ ସେ କହିଲେ ଯେ, ଅନୁଧ୍ୟାନ କରାଯାଇ ଉକ୍ତ ଗ୍ରାମକୁ ତୁରନ୍ତ ପାଣି ଯୋଗାଣ କରାଯିବ।



ଲାଠି ଗ୍ରାମରେ ଥିବା ପାଣି ଟାଙ୍କି

# ଥାନା ଦ୍ୱନ୍ଦ୍ୱରୁ ବ୍ୟବସାୟୀଙ୍କ ଦଖଲରେ ରାସ୍ତା

ବ୍ରହ୍ମପୁର,୬।୪(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଟାଉନ ଥାନାର ପୁରୁଣା ବସଷ୍ଟାଣ୍ଡ ଭଳି ଏକ ସମ୍ବେଦନଶୀଳ ଅଞ୍ଚଳର ରାସ୍ତାଘାଟ ଏବେ ବ୍ୟବସାୟୀଙ୍କ ଦଖଲକୁ ଚାଲିଯାଇଛି। ଟ୍ରାଫିକ ଏବଂ ଟାଉନ ଥାନାର ଅଞ୍ଚଳକୁ ନେଇ ଦ୍ୱନ୍ଦ୍ୱ ହିଁ ଏହାର କାରଣ ହୋଇଥିବାବେଳେ ନୋ ପାର୍କିଂ ଅଞ୍ଚଳରେ ଲୋକେ କଳବଳ ହେଉଛନ୍ତି। ଗୁହାରି କଲେ କେହି ଶୁଣୁନଥିବାରୁ ପୋଲିସ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପ ସନ୍ଦେହ ଘେରକୁ ଆସିଯାଇଛି।

ବର୍ତ୍ତମାନ ବ୍ରହ୍ମପୁରର ପ୍ରସିଦ୍ଧ ବୁଢ଼ି ଠାକୁରାଣୀ ଯାତ୍ରା ଆରମ୍ଭ ହୋଇଛି। ଗହଳିକୁ ନିୟନ୍ତ୍ରଣ କରିବା ପାଇଁ ପୁରୁଣା ବସଷ୍ଟାଣ୍ଡରେ ରହିଛି ଟ୍ରାଫିକ ଥାନା। ଏହି ଥାନା ନିକଟରୁ ୫ ଦିଗକୁ ରାସ୍ତା ରହିଛି। ପ୍ରତ୍ୟେକ ରାସ୍ତାରେ ଠେଲାଗାଡି ବେପାରୀମାନଙ୍କ ରାଜ ଚାଲିଛି। ଦୁଇ ଥାନା ପକ୍ଷରୁ ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଟ୍ରାଫିକ ଥାନାର ଚାରିପଟ ନୋ ପାର୍କିଂ ଜୋନ ବୋଲି ଘୋଷଣା ହୋଇଥିଲେ ହେଁ ଠେଲା ଦୋକାନୀମାନେ ବେପାର କରୁଛନ୍ତି। ଫଳରେ ଯାତାୟାତ ବେଳେ ରାସ୍ତା ଜାମ ହେଉଛି। ବିଶେଷ କରି ଥାନା ସମ୍ମୁଖରେ ବିଏମସିର ପାର୍କିଂ ଜୋନ ପାଇଁ କୋଠା ନିର୍ମାଣ ଚାଲିଛି। ସେଠାରେ ଟାଉନ ବସଗୁଡିକ ରହୁଛି। ତେଣୁ ରାସ୍ତା ସଂକୀର୍ଣ୍ଣ ହେବା ସ୍ୱାଭାବିକ। ଏଭଳି ସଂକୀର୍ଣ୍ଣ ରାସ୍ତାରେ ଉଠା ଦୋକାନୀଙ୍କ ମନମୁଖୀରୁ ଲୋକେ କଳବଳ ହେଉଛନ୍ତି। ସବୁଠୁ ବଡ଼ କଥା ହେଲା ଗହଳିକୁ ସମାଧାନ କରିବା ଆଳରେ ଯଦି ଠେଲା ଦୋକାନୀ ପାଖରେ ଜଣେ ଗ୍ରାହକ କିଣାକିଣି କରୁଥିବେ ରାସ୍ତା ଉପରେ ଗାଡି କାହିଁକି ରଖିଛ ବୋଲି ସାଧାରଣ ଲୋକଙ୍କ ଗାଡ଼ିର ଫଟୋ ଉଠାଇ ଚାଲାଣ କାଟିବାକୁ ପୋଲିସ ପଛଘୁଞ୍ଚା ଦେଉନାହିଁ। ପୋଲିସ ଲୋକଙ୍କୁ ଏଭଳି ନ୍ୟାୟ ଦେଉଥିବାବେଳେ ବେପାରୀଙ୍କ ପ୍ରତି ଅନୁକମ୍ପାକୁ ନେଇ ସାଧାରଣରେ ଅସନ୍ତୋଷ କହ୍ଲୁଛି। ଲୋକେ ଅଭିଯୋଗ କଲେ ସେମାନଙ୍କୁ ଗିରଫ କରି ଆଣିବା ପରେ କେଉଁଠି ରଖାଯିବ, ଥାନାରେ ତ ସ୍ଥାନାଭାବ, ଏହା ଆମ ଅଞ୍ଚଳ ନୁହେଁ ବୋଲି ଟ୍ରାଫିକ ପୋଲିସର ଜବାବ ମିଳୁଛି। ଅଭିଯୋଗ ଶୁଣି ପୋଲିସର ଏଭଳି ଉତ୍ତର ହାସ୍ୟାସ୍ପଦ ବୋଲି ସେଠାକାର କିଛି ଲୋକ ନିଜ ନାମ ଗୋପନ ରଖି କହିଛନ୍ତି। ଟ୍ରାଫିକ ଥାନାଠାରୁ ୧୦୦ ମିଟର ଦୂରରେ ଥିବା ଅନ୍ନପୂର୍ଣ୍ଣା ମାର୍କେଟ ଓ ୱାନୱେ ଟ୍ରାଫିକ ତଥା ଚର୍ଚ୍ଚ ରୋଡ, ଗିରି ମାର୍କେଟ ରୋଡର ଅବସ୍ଥା ସାଂଘାତିକ ହୋଇପଡିଛି। ଏ ସମ୍ପର୍କରେ ବ୍ରହ୍ମପୁର ଅତିରିକ୍ତ ଏସପି ସୀମା ସ୍ୱାଇଁ କୁହନ୍ତି, ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରାଯିବ। ଯଦି ଲୋକଙ୍କ ଅସୁବିଧା ହେଉଥିବ ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।



ପୁରୁଣା ବସଷ୍ଟାଣ୍ଡ ଟ୍ରାଫିକ ଥାନା ସମ୍ମୁଖରେ ବାଇକ ପାର୍କିଂ କରାଯାଇଛି।

**ଯୁବକଙ୍କ ଆତ୍ମହତ୍ୟା**

ବେଲଗୁଣ୍ଠା, ( କୃଷ୍ଣ ଚନ୍ଦ୍ର ନାୟକ): ଗାଙ୍ଗାପୁର ଥାନା ଅନ୍ତର୍ଗତ ବଡବୋର୍ଗି ଗ୍ରାମର ଭୁଲୁ ଭୋଲଙ୍କ ପୁଅ ଦୀପକ ଭୋଲ (୨୨) ରବିବାର ଜଙ୍ଗଲରେ ଗଛରେ ରଶି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଦୀପକ ଚେନ୍ନାଇଠାରେ ରହି କାମ କରୁଥିଲେ। ବର୍ତ୍ତମାନ ଦଣ୍ଡଯାତ୍ରା ଚାଲିଥିବାରୁ ଛିଡ଼ିଦିନ ତଳେ ସେ ଗାଁକୁ ଆସିଥିଲେ। ରବିବାର ସେ ମଧ୍ୟାହ୍ନ ଗୋଟାଏବେଳେ ଘରୁ ବେଳିଯାଇ ବାହାରି ଯାଇଥିଲେ। ଅପରାହ୍ନରେ ସେ ବିଷଣା ରାସ୍ତାରେ ଥିବା ଏକ କାଜୁ ଜଙ୍ଗଲରେ ଗଛରେ ରଶି ଲଗାଇ ଝୁଲି ପଡ଼ିଥିବା ଖବର ଗାଁରେ ପହଞ୍ଚିଥିଲା। ତାଙ୍କ ଆତ୍ମହତ୍ୟାର କାରଣ ଜଣାପଡିନାହିଁ।

## ସଂକ୍ଷେପରେ

### ହୁମାରେ ଖୋଲିଲା ଜଳଛତ୍ର

ଗଞ୍ଜାମ,୬।୪(ବିଦ୍ୟାଧର ସାହୁ): ଗ୍ରୀଷ୍ମ ପ୍ରବାହ ଦିନକୁ ଦିନ ବୃଦ୍ଧି ପାଉଥିବାରେ ଲାଗିଛି। ପାଣି ମୁନ୍ଦାଏ ପାଇଁ ଲୋକେ ତହଳ ବିକଳ ହେଉଛନ୍ତି। ଏଭଳି ପରିପ୍ରେକ୍ଷୀରେ ହୁମା ସମିତି ସଭ୍ୟ ଧ୍ରୁବ ଚରଣ ପଲାଇ ବିଡ଼ିଓ ଅଶ୍ୱୀତ ଜାନିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଡ଼ିଓଙ୍କ ପରାମର୍ଶ ଓ ସମିତସଭ୍ୟଙ୍କ ଉଦ୍ୟମରେ ହୁମା ଅଞ୍ଚଳରେ ଜଳଛତ୍ର ଖୋଲିଛି। ବିଭିନ୍ନ ଅଫିସ କିମ୍ବା କୌଣସି କାମରେ ବ୍ଲକକୁ ଆସୁଥିବା ଲୋକେ ଆବଶ୍ୟକ ସମୟରେ ପାଣି ପିଇବା ପାଇଁ ହଇରାଣ ହେଉଥିଲେ।

### ଭାଜପା ଗ୍ରାମୀଣ ମଣ୍ଡଳ ସଭାପତି ହେଲେ ଗୋଲକ

ଫୁଲବାଣୀ,୬।୪ (ରାକେଶ କୁମାର ରାଉତ): ଫୁଲବାଣୀ ବ୍ଲକ ଗଞ୍ଜୁଗୁଡ଼ା ପଞ୍ଚାୟତ ବଇଡ଼ା ଗ୍ରାମର ଗୋଲକ ବିହାରୀ କର୍ଣ୍ଣଙ୍କୁ ଭାଜପା ପକ୍ଷରୁ ଗ୍ରାମୀଣ ମଣ୍ଡଳ ସଭାପତି ଭାବେ ଚୟନ କରାଯାଇଛି। ଗୋଲକ ଜଣେ ସାମାଜିକ କର୍ମୀ, ଖବରଦାତା ଓ ସୁସଙ୍ଗଠକ ଅଟନ୍ତି । ୨୦୦୯ରେ ସେ ଭାଜପାରେ ଯୋଗ ଦେଇଥିଲେ।

### ଦୁର୍ଯ୍ୟୋଧନ ପାଇକ ନୂଆଗଡ଼ ମଣ୍ଡଳ ଭାଜପା ସଭାପତି

ନୂଆଗଡ଼,୬।୪ (ଯୋଗୀବନ୍ତ ପରିଡ଼ା): ଗଜପତି ଜିଲା ଖଜୁରିପଦା ମହାବୀର ହନୁମାନ ମନ୍ଦିର ନିକଟ କଲ୍ୟାଣ ମଣ୍ଡପରେ ପୂର୍ବତନ ମଣ୍ଡଳ ସଭାପତି ନକୁଳ ଶବରଙ୍କ ସଭାପତିତ୍ୱରେ ମୋହନା ନିର୍ବାଚନ ମଣ୍ଡଳୀ ନୂଆଗଡ଼ ମଣ୍ଡଳର ନୂତନ ମଣ୍ଡଳ ସଭାପତି ପାଇଁ ବୈଠକ ହୋଇଥିଲା। ସର୍ବସମ୍ମତିକ୍ରମେ ଯୁବ ନେତା ଦୁର୍ଯ୍ୟୋଧନ ପାଇକଙ୍କୁ ନୂତନ ମଣ୍ଡଳ ସଭାପତି ରୂପେ ଚୟନ କରାଯାଇ ଥିଲା। ସଭାପତି ଚୟନ ବୈଠକରେ ଗଜପତି ଜିଲା ଭାଜପା ଜିଲା ସଭାପତି ନବକିଶୋର ଶବର, ପ୍ରଶାନ୍ତ ମଲ୍ଲିକ, ରାୟଗଡ଼ ବ୍ଲକ ଏମ୍ପି ପ୍ରତିନିଧି ପ୍ରଦୀପ ବିଷୋୟୀ, ବରିଷ୍ଠ ଭାଜପା ନେତା ଚିରଞ୍ଜନ ମହାନ୍ତି, ଭଞ୍ଜନଗର ବିଧାନସଭା କ୍ଷେତ୍ରର ରାଜ୍ୟ କାର୍ଯ୍ୟକର୍ତ୍ତା ହରେକୃଷ୍ଣ ପଣ୍ଡା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରବିନ୍ଦ୍ର ଭୁକ୍ତି, ସୁବାସ ପାଇକ, ପୂର୍ବତନ ମଣ୍ଡଳ ସଭାପତି ସୁଦର୍ଶନ ମଣ୍ଡଳ, ପୂର୍ବତନ ମଣ୍ଡଳ ସାଧାରଣ ସମ୍ପାଦକ ମନୋଜ ପାଇକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜନଜାତି ହାଟ କାମରେ ଆସୁନି

ଦାରିଙ୍ଗବାଡ଼ି,୬।୪ (ଅରୁଣ ସାହୁ)

**କାମକରି ଠିକାଦାର ଘାଲାଘାଲ, ଜନଜାତି ସମ୍ପ୍ରଦାୟ ନିରାଶ**




ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ପଞ୍ଚାୟତ ଅଞ୍ଚଳରେ ଜନଜାତିଙ୍କ ଉଦ୍ଦେଶ୍ୟରେ କରାଯାଇଥିବା ଜନଜାତି ହାଟକୁ ଏକ ଦଶନ୍ଧିରୁ ଅଧିକା ଦିନ ବିତିଥିଲେ ବି ଆଜି ପର୍ଯ୍ୟନ୍ତ କାର୍ଯ୍ୟରେ ଲାଗିପାରୁ ନାହିଁ। ଦାରିଙ୍ଗବାଡ଼ି ପରେ ସିମନବାଡ଼ି ବଜାର ଉପରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଲକ୍ଷାଧିକ ଲୋକ ନିର୍ଭର କରୁଥିବା ବେଳେ ଜନଜାତି ଅଧ୍ୟୁଷିତ ଅଞ୍ଚଳଭାବେ ରହିଥିବା ଏହି ଅଞ୍ଚଳରେ ଜନଜାତି ସମ୍ପ୍ରଦାୟର ବ୍ୟବସାୟୀ ମଧ୍ୟ ରହି ବ୍ୟବସାୟ କରୁଛନ୍ତି। ସେମାନେ ରାସ୍ତା କଡ଼ରେ ଉଠାଦୋକାନ କରି ପନିପରିବା ବ୍ୟବସାୟ କରୁଛନ୍ତି। କିନ୍ତୁ ତାଙ୍କୁ ଏହି ହାଟରେ ଯୋଗାଇ ଦିଆଯାଉ ନାହିଁ। ଏହି ହାଟ ଖୋଲା ଯାଇଥାନ୍ତା ତେବେ ଅଞ୍ଚଳରେ ଅମଳ ହେଉଥିବା ପାରମ୍ପରିକ ପନିପରିବା ଓ ଅନ୍ୟ ସାମଗ୍ରୀ ସ୍ଥାନୀୟ ଲୋକେ କିଣିପାରନ୍ତେ। ଏହି ହାଟ ଖୋଲିଥିଲେ ଉଠା ଦୋକାନୀମାନେ ଦୋକାନ କରିବାକୁ ସୁଯୋଗ ପାଇଥାନ୍ତେ। ଫଳରେ ଜାତୀୟ ରାଜପଥରେ ଟ୍ରାଫିକ ନିୟନ୍ତ୍ରଣ ହୋଇପାରିଥାନ୍ତା ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି। ଉକ୍ତ ହାଟ ପ୍ରଥମେ ବାଲିଗୁଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ପକ୍ଷରୁ ନିର୍ମାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ଆଇଟିଡିଏ ପଞ୍ଚାୟତକୁ ହସ୍ତାନ୍ତର କରିବା ପରେ ପଞ୍ଚାୟତ ପୁଣି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ତାର ରୂପାନ୍ତର କାର୍ଯ୍ୟ ସହ ହାଟ ଭିତରେ ଜଣେ ଦୋକାନ ଖୋଲିବା ପାଇଁ ଆବଶ୍ୟକ ବ୍ୟବସ୍ଥା କଲେ। ଏଥିରେ ସରକାରଙ୍କ ଅର୍ଥ ଖର୍ଚ୍ଚ ହେଲା ଠିକାଦାର ମାଲାମାଲ ହେଲେ କିନ୍ତୁ ଜନଜାତିଙ୍କ କୌଣସି କାର୍ଯ୍ୟରେ ଆସିଲା ନାହିଁ। ଏହାକୁ ନେଇ ଅଞ୍ଚଳରେ ବସବାସ କରୁଥିବା ଜନଜାତି ସମ୍ପ୍ରଦାୟଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ବାରମ୍ବାର ଅଞ୍ଚଳବାସୀ ଏହି ହାଟକୁ କାର୍ଯ୍ୟରେ ଲଗାଇବାକୁ ଦାବି କରିଆସୁଥିଲେ ସୁଦ୍ଧା ତାହା କାର୍ଯ୍ୟରେ ଆସୁ ନ ଥିବା ଅଭିଯୋଗ ହୋଇଛି। ଏନେଇ ସରପଞ୍ଚ ଅମିତା ପ୍ରଧାନ କହିଛନ୍ତି ଯେ ଲୋକଙ୍କ ଦାବିକୁ ସେ ସ୍ୱୀକାର କରିବା ସହ ହାଟ ଖୋଲାଗଲେ ଲୋକମାନେ ଶସ୍ତାରେ ସାମଗ୍ରୀ କିଣିପାରିବେ। ତେଣୁ ପଞ୍ଚାୟତ ପକ୍ଷରୁ ଖର୍ଚ୍ଚ କରାଯାଇ ୧୧ଟି ଦୋକାନ ଗୃହ ଖୋଲାଯିବ। ଉକ୍ତ ହାଟରେ ଆସୁରି ରୂପାନ୍ତର କରାଯିବାକୁ ବାକି ରହିଛି ବୋଲି ସେ କହିଛନ୍ତି।

# କାର୍ଯ୍ୟାଦେଶ ମିଳିଲା, ଜାଗା ନାହିଁ, ଚିନ୍ତାରେ ହିତାଧିକାରୀ

ଜି.ଉଦୟଗିରି,୬।୪(ଚିନ୍ମୟ କୁମାର ସେଠୀ)

**ପ୍ରଧାନମନ୍ତ୍ରୀ ଆବାସ ଯୋଜନା**

■ପୂର୍ବରୁ ଅନେକ ଥର ପ୍ରଶାସନକୁ ଜଣାଇ ଜାଗା ଖଣ୍ଡେ ମିଳିନି ତାଙ୍କୁ



ଲକ୍ଷ୍ମୀ ଓ ତାଙ୍କ ପରିବାର।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର କରିବା ନିମନ୍ତେ କାର୍ଯ୍ୟାଦେଶ ମିଳିଛି ଜଣେ ହିତାଧିକାରୀଙ୍କୁ। ମାତ୍ର ଘର ତିଆରି କରିବା ପାଇଁ ତାଙ୍କର ଜାଗା ନାହିଁ। ତାଙ୍କୁ ଜାଗା ଖଣ୍ଡେ ନ ମିଳିବାରୁ କାର୍ଯ୍ୟାଦେଶ ଅନୁସାରେ ଘର କେଉଁଠି କରିବେ ଏବେ ଚିନ୍ତାରେ ରହିଛନ୍ତି ହିତାଧିକାରୀ ଲକ୍ଷ୍ମୀ ପ୍ରଧାନ। କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକ କଳିଙ୍ଗା ଗ୍ରାମ ପଞ୍ଚାୟତର କୁମ୍ଭିରିଆ ଗ୍ରାମର ଲକ୍ଷ୍ମୀଙ୍କ ପରିବାର ନିକଟରେ ଖଣ୍ଡେ ଜାଗା ନ ଥିବାରୁ ନିଜର ୪ ଛୁଆ ଏବଂ ସ୍ୱାମୀଙ୍କୁ ନେଇ ଗ୍ରାମରେ ଯା' ତା' ଦୁଆର ହୋଇ ଚଳୁଛନ୍ତି। ଏ ନେଇ ଜଣାଇବା ପରେ ପ୍ରଶାସନ ତାଙ୍କ ସମସ୍ୟାକୁ ବିଚାର କରି ପ୍ରଧାନମନ୍ତ୍ରୀ ଅନ୍ତ୍ୟୋଦୟ ଯୋଜନାରେ ଘର କରିବାକୁ ଗତ ୩୦ ତାରିଖରେ କାର୍ଯ୍ୟାଦେଶ ଦେଇଛନ୍ତି। ମାତ୍ର ଘର କରିବାକୁ ଜାଗା ଖଣ୍ଡେ ନ ଥିବାରୁ କେଉଁଠି ଘର ତିଆରି କରିବେ ସେ ଚିନ୍ତାରେ ଅଛନ୍ତି ଲକ୍ଷ୍ମୀ ଓ ତାଙ୍କ ପରିବାର। ସରକାରଙ୍କ ତରଫରୁ ଖଣ୍ଡେ ଜାଗା ଦେବା ପାଇଁ ବାରମ୍ବାର ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କେହି ତାଙ୍କ କଥା ଶୁଣି ନ ଥିବା ଲକ୍ଷ୍ମୀ ଅଭିଯୋଗ କରିଛନ୍ତି ।

# ରାମ ନବମୀ ପାଇଁ ଗଜପତି ଜିଲା ଉତ୍ସବ ମୁଖର

ପାରଳାଖେମୁଣ୍ଡି,୬।୪(ଗିରିଧାରୀ ପରିଡ଼ା)

**ଶୋଭାଯାତ୍ରାରେ ସାମିଲ ହେଲେ ସାଧୁସନ୍ଥ**



ରାମନବମୀ ଅବସରରେ ବାହାରିଥିବା ଶୋଭାଯାତ୍ରା।

ଆଜି ପବିତ୍ର ରାମନବମୀ। ଏହି ଅବସରରେ ଗଜପତି ଜିଲା ଉତ୍ସବମୁଖର ହୋଇଉଠିଛି। ମର୍ଯ୍ୟାଦା ପୁରୁଷ ସହରର ସମସ୍ତ ରାମ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ପ୍ରବଳ ଭିଡ ଦେଖିବାକୁ ମିଳିଛି। ଜିଲାର ୭ଟିଯାକ ବ୍ଲକରେ ଥିବା ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ହୋଇଛି। ପାରଳାଖେମୁଣ୍ଡିରେ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗୀ ଦଳ ଓ ଆଦିତ୍ୟ ବାହିନୀ ମିଳିତ ଭାବେ ସନ୍ଧ୍ୟାରେ ଏକ ବିଶାଳ ଶୋଭାଯାତ୍ରାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରୁ ବାହାରି ସହର ପରିକ୍ରମା କରିଥିଲା। ଏହି ଅବସରରେ ଜିଲାର କୋଣକୁଣରୁ ବହୁ ସାଧୁସନ୍ଥ ଓ ବିଭିନ୍ନ ସଙ୍ଗଠନରୁ ବହୁ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶୋଭାଯାତ୍ରା ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

### ଦିନିକିଆ ଯୋଗ ଶିବିର

ଜି.ଉଦୟଗିରି,୬।୪(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ନିକଟସ୍ଥ ଲିଙ୍ଗାଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଦିନିକିଆ ଯୋଗ ଶିବିର ଅନୁଷ୍ଠିତ ହୋଇଛି। ଏହାକୁ ପ୍ରଧାନ ଶିକ୍ଷୟିତ୍ରୀ ଶୈଳବାଳା ପ୍ରଧାନ ଉଦ୍‌ଘାଟନ କରିଥିଲେ। ପତଞ୍ଜଳି ଯୋଗ ସମିତି ଜିଲା ଯୋଗ ପ୍ରଭାରୀ ବଦ୍ରକୃଷ୍ଣ ଦାଶ ଯୋଗବେଳେ ଆସନ ପ୍ରାଣାୟାମର ଶିକ୍ଷା ପ୍ରଦାନ କରିଥିଲେ। ସମିତି ମାର୍ଗଦର୍ଶକ ଡା. ସତ୍ୟ ନାରାୟଣ ପଟ୍ଟନାୟକ ଯୋଗ ପ୍ରାଣାୟାମ ସମ୍ପର୍କରେ ଛାତ୍ରୀଙ୍କୁ ବୁଝାଇଥିଲେ।

### ଚକ୍ଷୁ ଚିକିତ୍ସା ଶିବିର

ଗୁରୁଡିବନ୍ଧ,୬।୪ (ଦିପକ ପରାସେଠ)

ଗୁରୁଡିବନ୍ଧ ବ୍ଲକ ମୁଣ୍ଡିଗଡ଼ ପଞ୍ଚାୟତ ଠାରେ ଶନିବାର ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ମୁଣ୍ଡିଗଡ଼ସ୍ଥିତ ସେବା ଭାରତୀ ଓ ସେବା ଜଗତର ମିଳିତ ଆୟୋଜନରେ ହୋଇଥିବା ଶିବିରରେ ଲେପ୍ରା ଇଣ୍ଡିଆ ଚକ୍ଷୁର ଏହି ଉପାନ ଅଞ୍ଚଳର ଲୋକଙ୍କ ଚକ୍ଷୁ ମାଗଣାରେ ପରୀକ୍ଷା କରିବା ସହିତ ଚକ୍ଷୁର ଯତ୍ନ ନେଇ ସଚେତନ କରାଯାଇଥିଲା। ୫୭ ଜଣଙ୍କ ଚକ୍ଷୁ ପରୀକ୍ଷା ହୋଇ ୧୬ଜଣଙ୍କୁ ଚଷମା, ୮ଜଣ ଚକ୍ଷୁ ଅସ୍ତ୍ରୋପଚାର ପାଇଁ କୁନାଗଡ଼ ଯିବେ ବୋଲି ଲେପ୍ରା ଇଣ୍ଡିଆର ଚକ୍ଷୁ ସହାୟକ ମାନସ ନାୟକ କହିଛନ୍ତି।

# ରାଜମ୍ମା ଠାକୁରାଣୀଙ୍କ ଯାତ୍ରା ଉଦ୍‌ଯାପିତ

ଆସିକା,୬।୪(ସୁରେନ୍ଦ୍ର ନାଥ ସାହୁ)

ଆସିକା ସହର ଉପକଣ୍ଠ ଧୋବାପଲ୍ଲୀ ଗ୍ରାମରେ ଶନିବାର ଓ ରବିବାର ଦୁଇଦିନ ଧରି ରେଲ୍ଲୁ ସମ୍ପ୍ରଦାୟର ଆରାଧ୍ୟ ଦେବୀ ମା' ରାଜମ୍ମା ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶନିବାର ଭୋରରୁ ମା'ଙ୍କ ମନ୍ଦିରରେ ଅବକାଶ, ମଇଲମ, ପୂଜାର୍ଚ୍ଚନା, ହଳଦୀ ଓ ପଣା ଭୋଗ କରାଯାଇଥିଲା । ଏହାପରେ ବାଦ୍ୟବାଜଣା ପଟୁଆରରେ ମା'ଙ୍କ ଗ୍ରାମ ପରିକ୍ରମା କରାଯାଇଥିଲା । ଅପରାହ୍ନରେ ଅନୁଷ୍ଠିତ ରାଣମ୍ମ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଏତଦ ଅବସରରେ ବିଭିନ୍ନ ମାନସିକଧାରୀ ସେମାନଙ୍କ ଶକ୍ତି ମୁତାବକ ଦକ୍ଷିଣା ଏକ ଚିତ୍ରିତ ମାଟି ହାଣ୍ଡିରେ ଦକ୍ଷିଣା(ରାଣମ୍ମ ) ଅର୍ପଣ କରିଥିଲେ। ସେହିଭଳି ରବିବାର ଦିନ ପୂର୍ବ ପରମ୍ପରା ମୁତାବକ ଠାକୁରାଣୀଙ୍କ ଆଜ୍ଞାମାଳ ନେଇ ଗ୍ରାମବାସୀ ବାଦ୍ୟ ବାଜଣା ଓ କାଳିସୀଙ୍କ ସହ ମୁକୁନ୍ଦପୁର, କାଳାବଡ଼ପୁର, ରେଡିଡାମୋଦରପଲ୍ଲୀ, ବରଗାଁ ଓ ଆସିକା ସହର ପରିକ୍ରମା କରିବା ପରେ ମାନସିକଧାରୀ ସେମାନଙ୍କ ମୁଣ୍ଡନ କରିଥିଲେ। ଯାତ୍ରାରେ ଓଡ଼ିଶା, ଆନ୍ଧ୍ର, ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ମଧ୍ୟ ଶ୍ରଦ୍ଧାଳୁ ଆସିଥିବା ଜଣାପଡ଼ିଛି।

# ସଫା ହେଲା ଦେବାଳୟ, ଐତିହ୍ୟ ସ୍ଥଳୀ

ଫୁଲବାଣୀ/ଛତ୍ରପୁର, ୬।୪ (ରାକେଶ ରାଉତ/ସରୋଜ ପାଢୀ )

ଓଡ଼ିଆ ପକ୍ଷ ପାଳନ ଅବସରରେ ରବିବାର ଦେବାଳୟ ଓ ଐତିହ୍ୟ ସ୍ଥଳୀଗୁଡ଼ିକରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ହୋଇଛି। ଅତିରିକ୍ତ ଜିଲାପାଳ କୁଶଳ ଚନ୍ଦ୍ର ନାଏକ, ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନା ଓ ଉପ ଜିଲାପାଳ ଭିକାରୀ ସାହୁଙ୍କ ନେତୃତ୍ୱରେ ଜଗନ୍ନାଥ ମନ୍ଦିର ଓ ମଧୁ ଉଦ୍ୟାନ ପରିସର ସଫେଇ କରାଯାଇଥିଲା। ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅକ୍ଷୟ ସେଠୀ, ବିଡ଼ିଓ ସୌମ୍ୟରଞ୍ଜନ ପାତ୍ର ଓ ଅନ୍ୟମାନେ ସାମିଲ ହୋଇଥିଲେ। **ରାଇକିଆ,(ପ୍ରଦୀପ ବେହେରା):** ରାଇକିଆ ପଞ୍ଚାୟତ ପକ୍ଷରୁ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଛି। ସରପଞ୍ଚ ଗୀତାଞ୍ଜଳି ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଛେଡିପଦି ଗଞ୍ଜାମ ଜିଲାର ସମସ୍ତ ସହରାଞ୍ଚଳ ଓ ବ୍ଲକର ବିଭିନ୍ନ ଗାଁରେ ଥିବା ବିଭିନ୍ନ ଦେବାଳୟ ଓ ଐତିହ୍ୟ ସ୍ଥଳୀଗୁଡିକରେ ସାମୂହିକ ସଫେଇ କରାଯାଇଛି। ଜିଲା ସଦର ମହକୁମା ଛତ୍ରପୁର ଅଞ୍ଚଳର ବିଭିନ୍ନ ଦେବାଳୟ ଓ ଐତିହ୍ୟ ସ୍ଥଳୀଗୁଡିକରେ ଜିଲା ପ୍ରଶାସନ ଦ୍ୱାରା ସାମୂହିକ ସଫେଇ କରାଯାଇଛି ।

# ଭାଜପାର ପ୍ରତିଷ୍ଠା ଦିବସ ପାଳିତ

ଖଇରିକୋଟ/କ. ନୂଆଗାଁ/ ରାଇକିଆ, ୬।୪ (ପ୍ରଶାନ୍ତ କୁମାର ମିଶ୍ର/ କାଳିପ୍ରସାଦ ତ୍ରିପାଠୀ/ପ୍ରଦୀପ ବେହେରା)

ଖଇରିକୋଟ ବ୍ଲକ ଅନ୍ତର୍ଗତ କହେଇପୁର ଛକରେ ରବିବାର ଭାଜପାର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। କହେଇପୁର ମଣ୍ଡଳ ସଭାପତି ମିଟୁ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଇରିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ,ସମ୍ମାନିତ ଅତିଥି ଭାବେ ଗୁରୁଚରଣ ଜିଲା ସାଧାରଣ ସମ୍ପାଦକ ଅନିଲ ପାଣି, ଆସ୍କା ଏମ୍ପି ପ୍ରତିନିଧି ଯଜ୍ଞ ନାରାୟଣ ଦାଶ, ଖଇରିକୋଟ ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିନିଧି ଅରୁଣ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଭାଜପା ନେତା ପଦ୍ମ ଚରଣ ଦୁର୍ବୁଢ଼ି, ନିରଞ୍ଜନ ନାୟକ, ଜଗନ୍ନାଥ ଭୁଆଁ, ବିଜ୍ଞାନ ନାୟକ ଓ କାର୍ଯ୍ୟକର୍ତ୍ତା ପ୍ରତିଷ୍ଠା ଉତ୍ସବରେ ସାମିଲ ହୋଇଥିଲେ। କନ୍ଧମାଳ ଜିଲା କ. ନୂଆଗାଁଠାରେ ଭାଜପା ପକ୍ଷରୁ ପ୍ରତିଷ୍ଠା ଦିବସ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପାଳିତ ହୋଇଛି। ମଣ୍ଡଳ ସଭାପତି ନିଗମାନନ୍ଦ ପୂଜାରୀଙ୍କ ଅଧ୍ୟକ୍ଷତାରେ ଜିଲା ଭାଜପା ସଭାପତି ପଣ୍ଡିତ ବିଶି ମାଝୀ, କୋଟଗଡ଼ ଆଶାରାମ ବାପୁ ଆଶ୍ରମ ମୁଖ୍ୟ ଯୋଗୀ ରାଜ, ବରିଷ୍ଠ କାର୍ଯ୍ୟକର୍ତ୍ତା ଗୁରୁରାମ ପାତ୍ର, ପୂର୍ବତନ ମଣ୍ଡଳ ସଭାପତି ଲେମ୍ବୁର ପ୍ରଧାନ, ଏସି ମୋର୍ଚ୍ଚା ଜିଲା ଉପସଭାପତି ଗୋପୀନାଥ ଦଳବେହେରା, ଜୟକୃଷ୍ଣ ପୂଜାରୀ, ଉଦ୍ଧବ ଦିଗଲ, ଗୁରୁବନ୍ଧୁ ସରଗଞ୍ଚ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇ ଭାଜପା ଗଠନଠାରୁ ଏପର୍ଯ୍ୟନ୍ତ ଅଭିଜ୍ଞମ୍ୟ ଦଳର ସମ୍ପର୍କରେ ଆଲୋକପାତ କରିଥିଲେ। ରାଇକିଆ ବନଦୁର୍ଗା କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସରେ ମଣ୍ଡଳ ସଭାପତି ସନ୍ତୋଷ ପାତ୍ରଙ୍କ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ କାର୍ଯ୍ୟକର୍ତ୍ତା ମାନେ ଯୋଗଦେଇ ଏହି ଦିବସର ପାଳନ, ଦଳର ଦୀର୍ଘ ବର୍ଷର ଆଦର୍ଶମୟ ଯାତ୍ରା ସମ୍ପର୍କରେ କହି ଶୃଙ୍ଖଳିତ ଭାବେ କାର୍ଯ୍ୟକରି ଦଳକୁ ଆଗକୁ ବଢ଼ାଇବାରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଘରେଘରେ ପତାକା କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ ନାରାୟଣ ମହାନ୍ତି, ଗଦାଧର ସାହୁ, ଅରୁଣ ପଣ୍ଡା, ବିପିନ ପଣ୍ଡା, ଦିପୁ ମହାରଣାଙ୍କ ସମେତ ଦଳୀୟ କର୍ମୀମାନେ ସାମିଲ ହୋଇଥିଲେ। **ପାତ୍ରପୁର,(ଜମା ଚରଣ ନେପାକ):** ଭାଜପାର ପ୍ରତିଷ୍ଠା ଦିବସ ଚିକିଟି ପାତ୍ରପୁର କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଏହି ଦିବସ ପାଳନ କରାଯାଇଥିଲା। ବରିଷ୍ଠ ଭାଜପା ନେତା ୱାଇ.ମୋହନ ରାଓ, ବ୍ଲକ ଉପାଧ୍ୟକ୍ଷ ଅନାଦି ଚରଣ ପଣ୍ଡିତ, ଚିକିଟି ପୂର୍ବତନ ଅଧ୍ୟକ୍ଷ କେ.ନରସିଂହ ରେଡ୍ଡୀ, ବିଧାନସଭା ସଂଯୋଜକ ଅପର୍ଣ୍ଣା ପ୍ରଧାନ ଉପସ୍ଥିତ ଥିଲେ। **ମୋହନା, (ମନ୍ମଥ ମିଶ୍ର):** ଭାଜପା ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ ସହିତ ମଣ୍ଡଳ କମିଟି ଗଠନ ହୋଇଯାଇଛି । ନବ ନିର୍ବାଚିତମଣ୍ଡଳ ସଭାପତି ନୀଳାଞ୍ଚଳ ସାହୁଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଓବିସି ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ଜିଲା କାର୍ଯ୍ୟକାରୀ ସଭାପତି ଶିବରାମ ପୁଆର, ଜିଲା ଯୁବ ମୋର୍ଚ୍ଚା ସମ୍ପାଦକ ସତ୍ୟଜିତ ବିଶୋୟୀ, ପ୍ରଶାନ୍ତ ମଲ୍ଲିକ, ଉପସ୍ଥିତ ରହି ଜନ ସଂଘରୁ ଭାଜପାର ପ୍ରତିଷ୍ଠା କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ। ଉପ ସଭାପତି ଭାବେ ପତି ଶବର, ଘନଶ୍ୟାମ ଗୌଡ଼, ଶତ୍ରୁଘ୍ନ ନାୟକ, ସନ୍ତୋଷ ପାତ୍ର, ଗୌରୀ ଗମାଙ୍ଗ, ଚକାମନ ଦଳାଇ, ମାନ୍ୟ ମଲ୍ଲିକ, ପିଣ୍ଟୁ ପ୍ରଧାନ, ପୂର୍ଣ୍ଣ ଚନ୍ଦ୍ର ମଲ୍ଲିକ, ମନୋଜ ଦଳାଇ, ସୁନିତା ମଲ୍ଲିକ କୋଷାଧ୍ୟକ୍ଷ ଭାବେ ସୁରେଶ ମାଝୀଙ୍କୁ ଚୟନ କରାଯାଇଛି। ଏଥିସହିତ ମହିଳା ମୋର୍ଚ୍ଚା ସଭାପତି ସଞ୍ଜିତା ମିଶ୍ର, ଅଦିବାସୀ ସଭାପତି କେଶବ ମଲ୍ଲିକ, କୃଷକ ସଭାପତି ପ୍ରଭାକର ମଲ୍ଲିକ, ଏସସି ସଭାପତି ବୁଦ୍ଧାଦନ ବିଶୋୟୀ, କରମ ଚାନ୍ଦ ନାୟକ, ଅଶ୍ୱିନ ପାତ୍ର ମନୋନୀତ ହୋଇଛନ୍ତି।

### ତେର ଦଣ୍ଡ ମିଳନ ସମାରୋହ ଉଦ୍‌ଯାପିତ

ବାଲିଗୁଡ଼ା, ୬।୪ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ସ୍ଥିତ ପଞ୍ଚୁଦଣ୍ଡ ପରିଚାଳନା ସମିତି ଅନୁକୂଳ୍ୟରେ ୩୭ ତମ ବାର୍ଷିକ ତେର ଦଣ୍ଡ ମିଳନ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହାକୁ ଦେଖିବା ଲାଗି ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଗୁରୁଙ୍ଗିଆ, କଲସକୁମ୍ଭା, ମେଲାସିକିଆ, ରେବିଙ୍ଗିଆ, ରାଇକିଆ, ବାଲିଗୁଡ଼ା, ପୋଖରୀବନ୍ଧ, ଲେଡିଙ୍ଗିଆ, ଡ଼ାକା, ବାଟାଗୁଡ଼ା, ସିରୁପଡ଼ି, କଟେରାଭଜା, ଓ ଗ୍ରାମବାସୀ ଗ୍ରାମର ଦଣ୍ଡଳ ଯୋଗ ଦେଇ ନିଜ ନିଜର ନାଚ ପରିବେଷଣ କରିଥିଲେ। ରବିବାର ସକାଳେ ମା' ପାଟଖଣ୍ଡା ମନ୍ଦିରରେ ୧୩ ଦଣ୍ଡ ଥଳକୁ ରାତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ବରଣ କରାଯାଇଥିଲା। ମଧ୍ୟାହ୍ନରେ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଅନୁଷ୍ଠିତ ଧୂଳିଦଣ୍ଡରେ ଦଣ୍ଡୁଆରଙ୍କ ବିଭିନ୍ନ କାଠୁରିଆ ନୃତ୍ୟ ଜଙ୍ଗଲ ପୁରୁଷା ଏବଂ ଜଙ୍ଗୁ ପୁରୁଷା ନେଇ ବାଘନାଟ, ବାଣାକାର, ବିଲର ଧାନକୁଆ ଇତ୍ୟାଦି ନାଟକ ବେଶ୍ ଆକର୍ଷିତ କରିଥିଲା।

# ସଂଘବଦ୍ଧ ଆକ୍ରମଣରେ ଯୁବକ ଗୁରୁତର

ଦିଗପହଣ୍ଡି,୬।୪(ଅଶେଷ ନାଥ ମିଶ୍ର): ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କେଁଉତା ଗ୍ରାମର ଜି.ସଞ୍ଜୟ ରେଡ୍ଡୀଙ୍କୁ ତାଙ୍କ ପଡୋଶୀ ଜି. ଡୋରା ରେଡ୍ଡୀ ଏବଂ ତାଙ୍କ ସମ୍ପର୍କୀୟମାନେ ସଂଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସଞ୍ଜୟ ଏନେଇ ଏତଲା ଦେବା ପରେ ଆଇଆଇସି ପ୍ରଶାନ୍ତ ପାତ୍ର ନଂ.୧୩୧/୨୫ରେ ମାମଲା ରୁଜୁ କରିଛନ୍ତି। ଏହାର ତଦନ୍ତ ଏଏସଆଇ ସୋଫିଆ ମିଶ୍ର କରୁଛନ୍ତି। ଶୁକ୍ରବାର ରାତି ପ୍ରାୟ ୮ଟାରେ ସଞ୍ଜୟ ରାତ୍ରି ଭୋଜନ ସାରି ଘର ପିଣ୍ଡାରେ ଶୋଇଥିଲେ। ଏହି ସମୟରେ ତାଙ୍କ ପଡୋଶୀ ଡୋରା ନିଶାସକ୍ତ ଅବସ୍ଥାରେ ଆସି ତାଙ୍କ ଛୋଟ ପୁଅ ପ୍ରଦ୍ୟୁମ୍ନଙ୍କୁ ଘର ସମ୍ମୁଖରେ ମାଡ଼ ମାରିଥିଲେ। ପିଲାଟିର କାନ୍ଦ ଶୁଣି ସଞ୍ଜୟ ଛଡ଼ାଇବାକୁ ଯିବାରୁ ଡୋରା ଏକ ଲୁହାରଡ଼ରେ ସଞ୍ଜୟଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ସେ ତଳେ ପଡ଼ିଯିବାରୁ ଡୋରାଙ୍କ ଶ୍ୱଶୁର ଜି. ଦେବରାଜ ରେଡ୍ଡୀ, ଡୋରାଙ୍କ ସ୍ତ୍ରୀ ଅପରାଜିତା ରେଡ୍ଡୀ ଠେଙ୍ଗା ଓ କାଠ ଫାଳିଆରେ ତାଙ୍କୁ ନିର୍ଘୃଣ ମାଡ଼ ମାରିଥିଲେ। ସାହି ପଡୋଶୀ ବେଡ଼ି ଆସିବାରୁ ସେମାନେ ତାଙ୍କୁ ଧମକଚମକ ଦେଇ ସେଠାରୁ ପଳାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ହେବା ପରେ ଘଟଣା ସମ୍ପର୍କରେ ସଞ୍ଜୟ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ।


ଫର୍ମ ନଂ. ୧୩

ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍
ସି-୭୧, ସେକ୍ଟର-୭, ସିଡିଏ, କଟକ, ଓଡ଼ିଶା
ଓ.ଏ ନଂ. ୬୪୯/୨୦୨୪

ଇଣ୍ଡିଆନ୍ ବ୍ୟାଙ୍କ, ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ ଶାଖା, ମଧୁପାଟଣା, କଟକ ....ଆବେଦନକାରୀ

ବନାମ

ମେସର୍ସ ଶକ୍ତି ପୁଷ୍ ଇଲେକ୍ଟ୍ରୋନିକ୍ସ ଏବଂ ଅନ୍ୟଜଣେ ......ପ୍ରତିବାଦୀମାନେ

ପ୍ରତି,

୧) ମେସର୍ସ ଶକ୍ତି ପୁଷ୍ ଇଲେକ୍ଟ୍ରୋନିକ୍ସ, ସ୍ୱତ୍ୱାଧିକାରୀ: ସୌମ୍ୟ ରଞ୍ଜନ ମହାନ୍ତି, ପିତା: ସରୋଜ ମହାନ୍ତି, ସା: ଚଉରାପାଟଣା, ପୋ ଏବଂ ଥାନା: ମଧୁପାଟଣା, ଜିଲ୍ଲା: କଟକ, ପିନ୍-୭୫୩୦୧୦

୨) ସୌମ୍ୟ ରଞ୍ଜନ ମହାନ୍ତି, ପିତା: ସରୋଜ ମହାନ୍ତି, ସା: ଚଉରାପାଟଣା, ପୋ ଏବଂ ଥାନା: ମଧୁପାଟଣା, ଜିଲ୍ଲା: କଟକ, ପିନ୍-୭୫୩୦୧୦

ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାଯିବ ନାହିଁ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ ଓ.ଏ. ନଂ. ୨୦୨୪ ର ୬୪୯ ଦ୍ୱାରା ଟ.୩୧,୩୨,୮୪୮/- (ଏକତିରିଶ ଲକ୍ଷ ବତିଶ ହଜାର ଆଠ ଶହ ଅଠାଚାଳିଶ ଟଙ୍କା ମାତ୍ର) ଋଣ ରାଶି ଓ ତତ୍ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଠାରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି । ଚେଷ୍ଟା ସତ୍ତ୍ୱେ ଆପଣଙ୍କୁ ସାଧାରଣ ଭାବେ ସମନ ଜାରି କରାଯାଇପାରିଲା ନାହିଁ, ତେଣୁ ଏହି ଖବରକାଗଜ ପ୍ରକାଶନ ଦ୍ୱାରା ଆପଣଙ୍କୁ ୩୦ (ତିରିଶ)ଦିନ ମଧ୍ୟରେ କିମ୍ବା ତା.୧୫/୦୪/୨୦୨୫ରିଖ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଉପରୋକ୍ତ ଠିକଣାରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥିତ କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାଯିବ ନାହିଁ ତାହାର କାରଣ ଦର୍ଶାଇବା ନିମନ୍ତେ ସୋମନଙ୍କ ପକ୍ଷ ରଖିପାରିବେ ।

ଏହି ନୋଟିସ୍ ପ୍ରାପ୍ତ ଅବସରରେ କାରଣ ଦର୍ଶାଇବା ନିମନ୍ତେ ଯଦି ସେମାନେ ଏଥିରେ ବିଫଳ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତ ଶୁଣାଣି ଏବଂ ବିଚାର କରାଯିବ।

ଋଣ ଅସୁଲି ପ୍ରାଧିକରଣଙ୍କ ଦସ୍ତଖତ ସହିତମୋହର ସହ ଦିନାଙ୍କ ୨୯ ମାର୍ଚ୍ଚ ୨୦୨୫ରେ ଆଦିଷ୍ଟ।

ସ୍ୱା/- (ନିହାର ରଞ୍ଜନ ପତି)
ରେଜିଷ୍ଟ୍ରାର



**ODISHA COOPERATIVE TASAR & SILK FEDERATION (SERIFED) LTD.**

Sahid Nagar, Janpath, Bhubaneswar-751 007, Tel : 2545586/2545852, email - serifedodisha@gmail.com, website - www.serifedodisha.in

**TENDER CALL NOTICE**

BID IDENTIFICATION NO :- VI-06(11)/SERIFED/2025-26/449 Date - 03.04.2025

**No.CAD-41 :** The MANAGING DIRECTOR (SERIFED), Odisha, Bhubaneswar invites sealed tenders in single cover bids from the registered contractors for 01 no. of work at Bhubaneswar. The bid documents such as DTCN/BOQ etc. can be seen/ downloaded from the website : www.tendersodisha.gov.in, during the period dt. 07.04.2025 to 5.00 PM up to 15.04.2025. Tender shall be received till 5.00 PM on 15.04.2025 & shall be opened at 11.30 AM on 16.04.2025. Any addendum / corrigendum / cancellation of tender can also be seen in the said website.

OIPR-39036/11/0039/2425 Sd./- Managing Director



**OFFICE OF THE DISTRICT FISHERIES OFFICER, KAUSALYAGANGA**

Email i.d. : dfokganga@gmail.com, Phone No. : 0674-2953153

**TENDER CALL NOTICE**

**PROCUREMENT OF LIVE FISH BROOD STOCK**

No. 297 Date. 29.03.2025

No.M- : Sealed tenders in plain paper are invited for procurement of approx 4 ton of live brood fish (IMC, 1 kg -3kg weight & Magur 150 to 250g) weight for Fish Seed Hatchery Project, Kausalyaganga. The tender paper should be sent by Registered Post, Courier or put in the sealed tender box kept in the office latest by on or before by 21st April at 3 PM. during office hours & the tenders so received shall be opened on the same day i.e 20th April at 3 P.M. in the chamber of undersigned. The tenderers or their authorised representative may be present at the time of opening of tender.

1. The rate should be quoted per /kg pieces wise and they must certify the species/origin of breeder.
2. The payment will be made after delivery of the healthy in desired condition.
3. The rate should be for supply of Live Brood fish at the office of DFO Kausalyaganga including transportation, loading and unloading cost.
4. The envelope containing tender paper should be superscribed "TENDER FOR LIVE BROOD FISH".
5. Each tenderer is required to deposit earnest money of Rs. 2000/-(Rupees Two thousand) only in shape of Bank draft in favour of District Fisheries Officer, Kausalyaganga payable at SBI, Kausalyaganga or money receipt of this office against cash deposit and submit the same with the tender papers. The un-successful tenders will be refunded their earnest money only on production of application to the undersigned.
6. The undersigned is not responsible for the postal dealy.
7. The authority reserves the right to reject any or all the tender without assigning any reason thereof.

Sd./- B.P. Dwivedy
District Fisheries Officer, Kausalyaganga

OIPR-06040/11/0001/2425



**ପୌର ପରିଷଦ କାର୍ଯ୍ୟାଳୟ, ସୁନାବେଡା**

ସଂଖ୍ୟା- ୧୨୨୪ ତା- ୦୪।୦୪।୨୦୨୫

**ନିଲାମ ନୋଟିସ**

No. C-29:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ପୌର ପରିଷଦ ଅଧୀନସ୍ଥ ସିବିକିଙ୍ଗ ଏବଂ ସୁନାବେଡା ମାର୍କେଟକମ୍ପ୍ଲେକ୍ସର ଦୋକାନ ଘର ଓ ଆବାସ ପାଇଁ ଆଗାମୀ ଦୁଇ ବର୍ଷ ଅବଧି ନିମନ୍ତେ ନିଲାମ କରାଯିବ । ଉକ୍ତ ନିଲାମରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତି ପୌର ପରିଷଦ website (www.sunabedamunicipality.in)ରୁ ଆବେଦନ ଫର୍ମ ଏବଂ ସର୍ତ୍ତାବଳୀ download କରିପାରିବେ ଯାହାକି ତା-୦୫.୦୪.୨୦୨୫ ରିଖ ୧୧.୦୦ ଘଟିକାଠାରୁ ତା-୧୭.୦୪.୨୦୨୫ ରିଖ ୫.୦୦ ଘଟିକା ପର୍ଯ୍ୟନ୍ତ website ରେ ଉପଲବ୍ଧ ରହିବ । ନିଲାମ ଫର୍ମରେ ନିଲାମ ମୂଲ୍ୟ ଉଲ୍ଲେଖ ଅଛିବ ଏବଂ ଅଗ୍ରିମ ନିର୍ଦ୍ଧାରିତ ଭାବେ ପୂରଣ କରି ଡାକ କିମ୍ବା କୋରିଅର ଦ୍ୱାରା ସର୍ବକାରୀ ଦିବସ ସମୟରେ ନିଲାମଗ୍ରହଣ ବାକ୍ସରେ ପୂରଣ ସହିତ ଭଳି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ପଠାଇବେ ଯାହାକି ତା-୧୭.୦୪.୨୦୨୫ ରିଖ ଅପରାହ୍ନ ୧.୦୦ ଘଟିକା ପୂର୍ବ ପହଞ୍ଚିବା ଆବଶ୍ୟକ । ଉକ୍ତ ନିଲାମ ଦିନ ତା- ୧୭.୦୪.୨୦୨୫ ରିଖ ଅପରାହ୍ନ ୪.୦୦ ଘଟିକାରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ନିଲାମଦାତାଙ୍କ ସମ୍ମୁଖରେ ଖୋଲାଯିବ ।

ସ୍ୱା./- ନିର୍ବାହୀ ଅଧିକାରୀ
ପୌର ପରିଷଦ, ସୁନାବେଡା

OIPR-13076/11/0017/2425



**INTEGRATED TRIBAL DEVELOPMENT AGENCY, MALKANGIRI**

**e-Procurement Notice**

**Bid Identification No. ITDAMKG- 01/2025-26**

No. CAD-34:- 1. The **Project Administrator, ITDA, Malkangiri** on behalf of Governor of Odisha invites **Percentage Rate bids through online mode in Double Cover System** for the type of works given in the table, from the eligible contractors of Class ( D, C & B Class) or of equivalent range registered with the state Governments and Central Government / MES / Railways for execution of Building work. The proof of registration from the appropriate authority shall be enclosed along with the Bid. The successful bidder who has not registered under state Government has to register under the state PWD in appropriate class of eligibility before signing of the agreement The bid should be submitted only online on the website **www. tendersodisha.gov.in**

| | |
|---|---|
| Name/ Type of works | Const. of Primary School Hostel building at different places of Malkangiri District |
| No. of works | 14 Nos. (Fourteen ) |
| Amount put to Tender | As laid down in the DTCN |
| Tender paper cost | As laid down in the DTCN |
| E.M.D Amount Required | As laid down in the DTCN |
| Period of completion | As laid down in the DTCN for each work |
| Date & time of availability of bid document in the portal | From 5.00 P.M of 03.04.2025 to 19.04.2025 up to 5.30 P.M. |
| Last Date/ time for receipt of bid in the portal | From 5.00 P.M of 03.04.2025 to 19.04.2025 up to 5.30 P.M. |
| Date of opening of Tender | 21.04.2025 (At 11.00 A.M) |
| Last Date/ time for submission of original documents for verification & scrutiny of eligible bidders. | Original verification of bidders who qualify on the basis of scanned copy of required documents submitted online shall be carried out in the office of the undersigned within 7 working days from the date of Technical evaluation & will be communicated through e-mail, failing which the bid will be rejected and then the Financial bid in online mode will be opened only of bidders, who have produced original documents for verification. |

Further details can be seen from the e-procurement portal www. tendersodisha.gov.in

Sd./- Project Administrator, ITDA, Malkangiri

OIPR-26018/11/0002/2425



**OFFICE OF THE DIVISIONAL FOREST OFFICER CUM WILDLIFE WARDEN ATHGARH FOREST DIVISION, ATHGARH, CUTTACK, ODISHA**

**NOTICE NO. 1 of 2025-26, Date : 03.04.25**

**INTERVIEW ON 16th April' 2025 THROUGH VIRTUAL MODE**

**No.MM-01 :** Athgarh Forest Division requires candidate for temporary engagement as Wildlife Veterinary Officer. The virtual interview is scheduled on 16th April' 2025 at 11:00 A.M. onwards and the link for the same will be communicated through email id mentioned in the submitted filled-in application form. The interested candidates are required to submit the application along with a copy of their resume via email to dfoathgarh@gmail.com. The application form along with detail terms and conditions shall be available on the website www. odishaforest.in from dt.05.04.2025 to 15.04.2025.

| Position | Number | Minimum Qualification | Consolidated Monthly Remuneration (in Rupees) |
|---|---|---|---|
| Wildlife Veterinary Officer | One | B.V.Sc. & A.H. | Rs. 60,000/- with free accommodation and vehicle for conveyance |

Sd./- Divisional Forest Officer
Athgarh Forest Division

OIPR-08063/11/0006/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ...............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅରୁନ୍ଧତୀ ବାନ୍ଧକଳାର ଏକ୍ସକ୍ଲୁସିଭ ଆଉଟଲେଟ ଉଦ୍‌ଘାଟିତ

ଭୁବନେଶ୍ୱର,୬।୪ (ଅଭୟ ଦାଶ)

ଅରୁନ୍ଧତୀ ବାନ୍ଧକଳାର ଏକ୍ସକ୍ଲୁସିଭ ଆଉଟଲେଟ ରବିବାର ଭୁବନେଶ୍ୱରର ସତ୍ୟନଗରସ୍ଥିତ ଅରୁନ୍ଧତୀ ଜୁଏଲର୍ସର ଉପର ମହଲାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରୁନ୍ଧତୀ ଗ୍ରୁପର ପ୍ରତିଷ୍ଠାତା ତଥା ଏମ୍‌ଡି ବ୍ରହ୍ମାନନ୍ଦ ମେହେର ଏବଂ ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେରଙ୍କ ସମେତ ଅରୁନ୍ଧତୀ ବାନ୍ଧକଳାର ଉପଦେଷ୍ଟା ସଞ୍ଜୟ କୁମାର ପଣ୍ଡା, ଓଲିଉଡ୍ ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ସାମାଜିକ କର୍ମୀ ରୋଜାଲିନ ପାଟ୍ଟଶାଣୀ ମିଶ୍ର ଓ ଅନୁଶ୍ରୀ ଦାସ ପ୍ରମୁଖ ସାମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଏ ନେଇ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଆମେ ଆମର ସ୍ୱପ୍ନ ଓ ନୂତନ ଶୋ'ରୁମ୍‌କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଓଡ଼ିଶାର ବାନ୍ଧକଳା ଇତିହାସ ବହୁ ପୁରାତନ ହୋଇଥିଲାବେଳେ ଏହି ପାରମ୍ପରିକ ବୃତ୍ତିରେ ଲିପ୍ତ କାରିଗରଙ୍କ ସଂଖ୍ୟା ମଧ୍ୟ ବହୁତ ସ୍ୱଳ୍ପ ରହିଛି, ସେମାନଙ୍କ କଳା ଓ ପ୍ରତିଭାର ପାରଦର୍ଶିତାରେ ଝଲସୁଥିବା ସମ୍ବଲପୁରୀ ଶାଢ଼ିକୁ ନେଇ ପ୍ରତ୍ୟେକଟି ଓଡ଼ିଆ ଗୌରବାନ୍ୱିତ ହୋଇଥାଏ। ତେଣୁ ଏହି ବୃତ୍ତିରେ ଆଗକୁ କିଭଳି ଅଧିକରୁ ଅଧିକ ଲୋକଙ୍କୁ ପ୍ରୋତ୍ସାହିତ କରାଯାଇପାରିବ ଏବଂ ଅରୁନ୍ଧତୀ ବାନ୍ଧକଳା ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ସେଣ୍ଟର ମାଧ୍ୟମରେ ଉନ୍ନତ ସଂସାଧନ ଯୋଗାଇ ଦେଇ ସର୍ବୋତ୍ତମ ଉତ୍ପାଦ ପ୍ରସ୍ତୁତ କରାଯାଇପାରିବ ଏହା ହିଁ ଆମର ମୂଳ ପ୍ରାଥମିକତା ବୋଲି ମେହେର ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ୫ ଜଣ ପ୍ରତିଭାଶାଳୀ ମହିଳା ବୁଣାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରିଶେଷରେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ରର ଆୟୋଜନ କରାଯାଇଥିଲା।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅରୁନ୍ଧତୀ ବାନ୍ଧକଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ ଅରୁନ୍ଧତୀ ଗ୍ରୁପର ପ୍ରତିଷ୍ଠାତା ତଥା ଏମ୍‌ଡି ବ୍ରହ୍ମାନନ୍ଦ ମେହେର, ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେର ଏବଂ ଅଭିନେତ୍ରୀ ଅର୍ଚ୍ଚିତା ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଆଜି କଳିଙ୍ଗ ଷ୍ଟାଡିୟମରେ ଯୋଗ ମହୋତ୍ସବ

ଭୁବନେଶ୍ୱର,୬।୪

ଆୟୁଷ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ସହଭାଗିତାରେ ଏକ ବିଶାଳ ଯୋଗ ମହୋତ୍ସବ ସୋମବାର ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଛି। ଏପରିକି ଆୟୁଷ ମନ୍ତ୍ରଣାଳୟ ଅଧୀନରେ ଥିବା ମୋରାର୍ଜୀ ଦେଶାଇ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଯୋଗ (ଏମ୍‌ଡିଏନ୍‌ଆଇୱାଇ) ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରାଯାଉଛି। ଉଲ୍ଲେଖଯୋଗ୍ୟ, ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଏହି 'ଯୋଗ ମହୋତ୍ସବ' ଆୟୋଜନ କରାଯାଉଛି। ଏହି ସମାରୋହ ସହିତ ଦଶମ ଅନ୍ତର୍ଜାତୀୟ ଯୋଗ ଦିବସର ୭୫ଦିନିଆ ଅବଗଣନା ଆରମ୍ଭ ହେବାକୁ ଯାଉଛି। ସେହିଭଳି କେନ୍ଦ୍ର ଆୟୁଷ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ପ୍ରତାପ ରାଓ ଯାଦବ ଏହି ଯୋଗ ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମ ସୋମବାର ସକାଳ ସାଢ଼େ ୬ଟାରୁ ୮ଟା ପର୍ଯ୍ୟନ୍ତ କରାଯିବ। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ସାଂସଦ ସମ୍ବିତ ପାତ୍ର, ବିଧାୟକ ଅନନ୍ତ ନାରାୟଣ ଜେନା ଏବଂ ଆୟୁଷ ମନ୍ତ୍ରଣାଳୟର ସଚିବ ବୈଦ୍ୟ ରାଜେଶ କୋଟେଚା, ଯୁଗ୍ମ ସଚିବ ମୋନାଲିସା ଦାଶ ପ୍ରମୁଖ ଯୋଗ ଦେବେ।

ଏହି ପରିପ୍ରେକ୍ଷୀରେ ଏମଡିଏନଆଇୱାଇ ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏ ସମ୍ପର୍କରେ ଆୟୁଷ ମନ୍ତ୍ରଣାଳୟର ଯୁଗ୍ମ ସଚିବ ମୋନାଲିସା ଦାଶ କହିଛନ୍ତି, ଅନ୍ତର୍ଜାତୀୟ ଯୋଗଦିବସର ୭୫ ଦିନିଆ ଅବଗଣନା ଉପଲକ୍ଷେ ସାଧାରଣ ଯୋଗ ଅଭ୍ୟାସ ଏକ ପ୍ରମୁଖ କାର୍ଯ୍ୟକ୍ରମ। ଏହା ଯୋଗ ଦିବସ ପାଳନର ଆଧାର ଏବଂ ୨୨ଟି ଭିନ୍ନ ଭିନ୍ନ ଭାଷାରେ ଉପଲବ୍ଧ। ଗତବର୍ଷ ବ୍ରେଲି ସଂସ୍କରଣରେ ସାଧାରଣ ଯୋଗ ଅଭ୍ୟାସର ଶୁଭାରମ୍ଭ କରାଯାଇ ସମାବେଶକୁ ପ୍ରୋତ୍ସାହିତ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଯୋଗ ଦିବସ ପାଳନରେ ୨୪କୋଟି ଲୋକ ଅଂଶଗ୍ରହଣ କରିସାରିଛନ୍ତି। ଏହି ସଂଖ୍ୟା ବଢୁଛି ଏବଂ ନୂଆ ରେକର୍ଡ ପ୍ରତିଷ୍ଠା ହେଉଛି ।

# ବଜାରରେ ହୋଣ୍ଡା ମୋଟରସାଇକେଲର ସିବି ୩୫୦ ସିରିଜ

ଭୁବନେଶ୍ୱର,୬।୪

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ)ର ବହୁ ପ୍ରତୀକ୍ଷିତ ମଡେଲ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ୨୦୨୫ ସିବି ୩୫୦ ସିରିଜର ଅନାବରଣ ନିକଟରେ ହୋଇଯାଇଛି। ଏପରିକି ଆକର୍ଷଣୀୟ ରଙ୍ଗ(ନୂତନ କଲର)ରେ ୨୦୨୫ ସିବି ୩୫୦, ସିବି ୩୫୦ ହାଇନେସ ଏବଂ ସିବି ୩୫୦ ଆର୍‌ଏସ୍‌କୁ ବଜାର ପ୍ରବେଶ କରାଇ କମ୍ପାନୀର ମିଡ୍-ସାଇଜ ପ୍ରିମିୟମ ମୋଟରସାଇକେଲ ଲାଇନ-ଅପକୁ ସୁଦୃଢ଼ କରିଛି। ନୂତନ ୨୦୨୫ ସିବି ୩୫୦, ସିବି ୩୫୦ ହାଇନେସ ଏବଂ ସିବି ୩୫୦ ଆର୍‌ଏସ୍ ମଡେଲର କେନ୍ଦ୍ରରେ ଶକ୍ତିଶାଳୀ ୩୪୮.୩୬ ସିସି, ଏୟାର-କୁଲ୍‌ଡ ୪-ଷ୍ଟ୍ରୋକ, ସିଙ୍ଗଲ-ସିଲିଣ୍ଡର ବିଏସ୍‌୬ ଓବିଡି୨ବି ଅନୁପାଳନକାରୀ ପିଜିଏମ-ଏଫଆଇ ଇଞ୍ଜିନ ରହିଛି। ସେଗୁଡିକ ମଧ୍ୟ ସମ୍ପ୍ରତି ସରକାରଙ୍କର ଦୀର୍ଘସ୍ଥାୟୀ ନିୟମଗୁଡ଼ିକ ମୁତାବକ ଇ୨୦ ଇନ୍ଧନ ଅନୁପାଳନକାରୀ ହୋଇଛି। ଏହି ଇଞ୍ଜିନ ସିବି ୩୫୦ ହାଇନେସ ଏବଂ ସିବି ୩୫୦ ଆର୍‌ଏସ୍ ମଡେଲରେ ୫,୫୦୦ ଆର୍‌ପିଏମ୍ ଏବଂ ୩,୦୦୦ ଆର୍‌ପିଏମ୍‌ରେ ୩୦ଏନ୍‌ଏମ୍ ପିକ୍ ଟର୍କ ୧୫.୫ କିଲୋୱାଟ ଶକ୍ତି ପ୍ରଦାନ କରୁଥିବାବେଳେ ସିବି ୩୫୦ରେ ଟର୍କ ୩,୦୦୦ଆରପିଏମରେ ୨୯.୫ଏନ୍‌ଏମ୍ ହେଉଛି। ଏହାର ଟ୍ରାନ୍ସମିଶନ ଦାୟିତ୍ୱ ୫-ସ୍ପିଡ ଗିୟରବକ୍ସ ଦ୍ୱାରା ପରିଚାଳିତ ହେଉଛି । ସେହିଭଳି ଗାଡିଚାଳନା ଅନୁଭୂତିକୁ ଉନ୍ନତ କରିବା ନିମନ୍ତେ ଡିଜାଇନ କରାଯାଇଥିବା ଏହି ନୂତନ ମଡେଲଗୁଡିକ ବୋଲଡ ନିୟୁ ରଙ୍ଗ ଦୃଷ୍ଟିରୁ ତାଜା ଷ୍ଟାଇଲିଂ ସହିତ ଆସୁଛି, ଯାହା ସେଗୁଡିକର ପ୍ରିମିୟମ ଆବେଗକୁ ପରିବର୍ଦ୍ଧିତ କରୁଛି।



# 'ଟାଟା ନିଉ'ର ନୂଆ ମାଇଲଖୁଣ୍ଟ

ଭୁବନେଶ୍ୱର,୬।୪

ଟାଟା ନିଉ ଏଚ୍‌ଡିଏଫ୍‌ସି ବ୍ୟାଙ୍କ କ୍ରେଡିଟ୍ କାର୍ଡ ( ଟାଟା ନିଉ)କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରି କି ଏହି କାର୍ଡ ୨ନିୟୁତର ଏକ ନୂଆ ମାଇଲଖୁଣ୍ଟ ଅତିକ୍ରମ କରିଥିବା ଟାଟା ନିଉ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପକ୍ଷରୁ ଘୋଷଣା କରାଯାଇଛି। ସେହିଭଳି ଏହା ସାରା ଦେଶରେ ଗ୍ରାହକଙ୍କୁ ମୂଲ୍ୟ ପ୍ରଦାନ ଓ ନିରବଚ୍ଛିନ୍ନ ରିୱାର୍ଡ ପ୍ରଦାନ କରିବାରେ କାର୍ଡର ସଫଳତାକୁ ଦର୍ଶାଉଛି। ଏଥିସହିତ ଏହା ଭାରତର ପସନ୍ଦର ରିୱାର୍ଡ କ୍ରେଡିଟ୍ କାର୍ଡରେ ପରିଣତ ହୋଇଛି। ୨୦୨୨ ଅଗଷ୍ଟରେ ଏହାର ଶୁଭାରମ୍ଭ ହେବା ପରଠାରୁ କ୍ରମାଗତ ଭାବେ ସଫଳତା ହାସଲ କରିଚାଲିଛି। ଟାଟା ନିଉ ଏଚ୍‌ଡିଏଫ୍‌ସି ବ୍ୟାଙ୍କ କ୍ରେଡିଟ୍ କାର୍ଡକୁ ଗ୍ରାହକମାନେ ପସନ୍ଦ କରୁଥିବାବେଳେ ଏହାର ସରଳ ଓ ସ୍ୱଚ୍ଛ ରିୱାର୍ଡ ବ୍ୟବସ୍ଥା ପାଇଁ ଗ୍ରାହକ ଏହାକୁ ବେଶ୍ ପସନ୍ଦ ମଧ୍ୟ କରୁଛନ୍ତି। ନୂଆ କାର୍ଡ ଜାରିରେ ଉଲ୍ଲେଖନୀୟ ବଜାର ଭାଗ ସହିତ ଏହା ସାରା ଦେଶର ଗ୍ରାହକମାନଙ୍କ ବିଶ୍ୱାସ ଓ ଆସ୍ଥାକୁ ଦ୍ରୁତଗତିରେ ହାସଲ କରିଛି। ଟାଟା ଡିଜିଟାଲ୍‌ର ଚିଫ୍ ବିଜ୍‌ନେସ୍ ଅଫିସର (ଫାଇନାନ୍ସିଆଲ୍ ସର୍ଭିସେସ୍) ଗୌରବ ହଜରତି କହିଛନ୍ତି, ଲାଭଗୁଡ଼ିକୁ ଗ୍ରାହକମାନଙ୍କ ପାଇଁ ଅଧିକ ରିୱାର୍ଡିଂ ଓ ସ୍ୱଚ୍ଛ କରି କ୍ରେଡିଟ୍ କାର୍ଡ ଅନୁଭୂତିରେ ବିପ୍ଳବ ଆଣିବା ପାଇଁ ଟାଟା ଡିଜିଟାଲ୍‌ରେ ଆମେ ସମର୍ପିତ ରହିଛୁ।

# ଏସ୍‌ବିଆଇ ଲାଇଫ୍‌ର ନୂତନ ବୀମା ଯୋଜନା

ଭୁବନେଶ୍ୱର,୬।୪

ଏସ୍‌ବିଆଇ ଲାଇଫ୍‌ର ନୂତନ ବୀମା ଯୋଜନା 'ସ୍ମାର୍ଟ ପ୍ଲାଟିନା ୟଙ୍ଗ୍ ଆଚିଭର'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ହେଉଛି ଏକ ବ୍ୟକ୍ତିଗତ, ନନ୍-ଲିଙ୍କ୍‌ଡ, ନନ୍-ପାର୍ଟିସିପେଟିଂ ଜୀବନ ବୀମା ସଞ୍ଚୟ ଉତ୍ପାଦ ; ଯାହା ମାଚ୍ୟୁରିଟିରେ ଗ୍ୟାରେଣ୍ଟି ଲାଭ ସହ ପିଲାଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସୁରକ୍ଷିତ କରିବା ପାଇଁ ଆର୍ଥିକ ସୁରକ୍ଷା ପ୍ରଦାନ କରିବ। ସେହିଭଳି ହାତରେ କ୍ରେୟନ, କାହାଣୀରେ ଭର୍ତ୍ତି ପୁସ୍ତକ ଓ ନିଜର କଳ୍ପନାକୁ ନେଇ ଏକ ଶିଶୁର ସ୍ୱପ୍ନ ଆରମ୍ଭ ହୋଇଥାଏ। ସମୟ ସହ ସେହି ସ୍ୱପ୍ନଗୁଡ଼ିକ ବଡ଼ ଆକାର ନେଇଥାଏ ଏବଂ ସେହି ସୁଯୋଗଗୁଡ଼ିକୁ ହାସଲ କରିବା ପାଇଁ ଖର୍ଚ୍ଚ ବଢ଼ିଥାଏ । ତେଣୁ ପିଲାମାନଙ୍କ ଅଭିଳାଷକୁ ସମର୍ଥନ କରିବା ପାଇଁ ଅଭିଭାବକମାନଙ୍କୁ ପ୍ରସ୍ତୁତ ହେବାକୁ ପଡ଼ିବ। ଏ କ୍ଷେତ୍ରରେ ଢାଞ୍ଚାଗତ ଆର୍ଥିକ ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାବେଳେ ଶିଶୁ ବୀମା ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ସମାଧାନ ହୋଇଥାଏ। ଏସ୍‌ବିଆଇ ଲାଇଫ୍ ଅଭିଭାବକମାନଙ୍କ ଭାବନାକୁ ହୃଦ୍‌ବୋଧ କରି ଏସ୍‌ବିଆଇ ଲାଇଫ୍ ସ୍ମାର୍ଟ ପ୍ଲାଟିନା ୟଙ୍ଗ୍ ଆଚିଭର ପ୍ଲାନ୍‌ର ଶୁଭାରମ୍ଭ କରିଛି। ଏହା ହେଉଛି ଏକ ବ୍ୟାପକ ଜୀବନ ବୀମା ସଞ୍ଚୟ ଉତ୍ପାଦ, ଯାହାକୁ ପିଲାମାନଙ୍କ ଭବିଷ୍ୟତ ସୁରକ୍ଷିତ କରିବା ଲାଗି ପ୍ରସ୍ତୁତ କରାଯାଇଛି। ଏସ୍‌ବିଆଇ ଲାଇଫ୍-ସ୍ମାର୍ଟ ପ୍ଲାଟିନା ୟଙ୍ଗ୍ ଆଚିଭରର ଅନ୍ୟ ପ୍ରମୁଖ ସୁବିଧାଗୁଡ଼ିକ ମଧ୍ୟରେ ଅନେକ ସୁବିଧା ରହିଛି। ଏସ୍‌ବିଆଇ ଲାଇଫ୍-ସ୍ମାର୍ଟ ପ୍ଲାଟିନା ୟଙ୍ଗ୍ ଆଚିଭର ଜରିଆରେ ଅଭିଭାବକମାନେ ବିଶ୍ୱାସର ସହ ସେମାନଙ୍କ ପିଲାଙ୍କ ଭବିଷ୍ୟତର ଯୋଜନା ପ୍ରସ୍ତୁତ କରିବା ସହ ଆର୍ଥିକ ପ୍ରତିବନ୍ଧକ ଚାପରୁ ମୁକ୍ତ ରହିପାରିବେ।

## ଅନ୍ୟାନ୍ୟ ଖବର

# ନାମଯଜ୍ଞ ସଙ୍କୀର୍ତ୍ତନ କରୁଥିବାବେଳେ ଟଳି ପଡ଼ିଲେ

ରେଢାଖୋଲ, ୬।୪(ଅଚ୍ୟୁତାନନ୍ଦ ପୁରୋହିତ)

ମଣିଷ ଜୀବନ ପାଣିଫୋଟକା। କେତେବେଳେ ଜୀବନ ଚାଲିଯିବ କେହି କହିପାରିବେନି। ରବିବାର ମଧ୍ୟାହ୍ନରେ ଏଭଳି ଏକ ଘଟଣା ଘଟିଛି ସମ୍ବଲପୁର ଜିଲା ଚାରମାଳ ଥାନା ସାନହିଣ୍ଡୋଲ ଗ୍ରାମରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ବେଳେ। ତେଲିଘନା ଗ୍ରାମର ସଙ୍କୀର୍ତ୍ତନ ଦଳ ନାମଯଜ୍ଞରେ ହରେକୃଷ୍ଣ ହରେରାମ ଗାଇ ସଙ୍କୀର୍ତ୍ତନ କରୁଥିବା ବେଳେ ଗୋପି ନାଏକ(୪୫) ନାମକ ଜଣେ ଯୁବକ ମଣ୍ଡପ ଭିତରେ ହଠାତ ଟଳିପଡିଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଚାରମାଳ ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଯୁବକଙ୍କ ମୃତ୍ୟୁରେ ତେଲିଘନା ଗ୍ରାମରେ ଶୋକରଛାୟା ଖେଳିଯାଇଛି।


ମୃତ ଗୋପି ନାଏକ।

# ସ୍ତ୍ରୀ,ପୁଅ ଓ ଶାଳୀଙ୍କୁ ଗୁଳିମାଡ଼ କରି କାତିରେ ଆକ୍ରମଣ

ଢେଙ୍କାନାଳ,୬।୪(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ଗୋବିନ୍ଦପୁର ଫାଣ୍ଡି ତାଳବରକୋଟ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ସମ୍ପତ୍ତି ଲୋଭରେ ମାୟାଧର ବେହେରା(୫୦) ନାମକ ଜଣେ ବ୍ୟକ୍ତି ଏକ ଦେଶୀ ବନ୍ଧୁକରେ ନିଜ ସ୍ତ୍ରୀ କୈକେଇ ବେହେରା(୪୮), ପୁଅ ବାନା ବେହେରା(୨୨) ଓ ଶାଳୀ ଶୁଭଦ୍ରା ବେହେରା(୩୪)ଙ୍କୁ ପ୍ରଥମେ ଗୁଳିମାଡ଼ କରି ପରେ କାତିରେ ଆକ୍ରମଣ କରି ଗୁରୁତର କରିପକାଇଥିଲେ । ରାତିରେ ଗୁରୁତରଙ୍କୁ ପ୍ରଥମେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା । ୩ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାଯାଇଛି। ଖବରପାଇ ଗୋବିନ୍ଦପୁର ଫାଣ୍ଡି ପୋଲିସ କଟକ ଯାଇ ଚିକିତ୍ସାଧୀନ ଆହତମାନଙ୍କୁ ପଚରାଉଚରା କରିବା ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଘଟଣାର ମୁଖ୍ୟ ଅଭିଯୁକ୍ତ ମାୟାଧରଙ୍କୁ ପୋଲିସ ଗିରଫ କରିବା ସହିତ ତାଙ୍କଠାରୁ ଦେଶୀ ବନ୍ଧୁକ ଓ କାତିକୁ ମଧ୍ୟ ଜବତ କରାଯାଇଛି। ପୋଲିସ ସୂଚନାରୁ ଜଣାପଡିଛି ଯେ, ମାୟାଧର ସମ୍ପତ୍ତି ଲୋଭରେ ନିଜ ସ୍ତ୍ରୀ ଓ ପରିବାର ସହିତ ବିବାଦ କରି ଶନିବାର ମାଣିପୁରସ୍ଥିତ ନିଜ ସମ୍ପର୍କୀୟଙ୍କ ଘରକୁ ପଳାଇଥିଲେ । ସେଠାରୁ ରାତିରେ ପୁଣି ତାଳବରକୋଟ ଗ୍ରାମକୁ ଆସି ରାଗରେ ନିଜ ସ୍ତ୍ରୀ, ପୁଅ ଓ ଶାଳୀଙ୍କ ଉପରକୁ ଗୁଳିମାଡ କରିବା ସହ କାତିରେ ଆକ୍ରମଣ କରିଥିଲେ । ପୋଲିସ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

**୩ ଗୁରୁତର କଟକରେ ଚିକିତ୍ସାଧୀନ, ଅଭିଯୁକ୍ତ ଗିରଫ**


# Classified Everyday
0674-2580101, 9692975378


REAL ESTATE
SALE

ଫୁଲନଖରା ଅନନ୍ତପୁର ସରକାରୀ ରାସ୍ତାକୁ ଲାଗିକି ମୋର ଘରବାରି Plot ବିକ୍ରି ହେବ। Area-2100sqft, 2250/- fix rate. 9556187814. D-014

**Gharabari Plot sale near Sum Hospital-2, Trinath Bazar, Phulnakhara, 1250/- per sqft. Whatsapp: 9437011506, 6371462496.** D-041

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




**Newly opened spa in puri. Professional body massage available. 9861984834.** D-3394

Positively health benefited spa by expert female therapist, Bapujinagar. 8018429809 D-76906

Positively health benefited SPA by expert female therapist. 9114559860. D-76907

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-033

**AFFIDAVIT**

By virtue of an affidavit sworn before Aswini Kumar Pradhan, Notary Public, Bhubaneswar, dated 04.04.2025, I, Himansu Sekhar Rout, Address- Suanlo, Bhaluka, P.O.- Bhaluka, P.S.- Ramachandrapur, Dist.- Kendujhar, Odisha-758043, declare that I have changed my son's name from Anshuman Rout to Aditya Rout. Henceforth, he shall be known as Aditya Rout for all purposes.
(HIMANSU SEKHAR ROUT) D-76438

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executive Magistrate, Lanjigarh, I, Ansu Kumar Gupta, S/o- Arvind Kumar Gupta, R/o. At/ P.O./P.S.- Lanjigarh, Dist.- Kalahandi, Odisha, PIN No.766027 declare that I have changed my name from Ansu Ku Gupta to Ansu Kumar Gupta. Henceforth, I shall be known as Ansu Kumar Gupta for all future purposes. D-055

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ସରୋଜକାନ୍ତ ପଟ୍ଟନାୟକ (ଟୁଟୁ)
ଆବିର୍ଭାବ: ୦୪।୦୨।୧୯୭୯
ତିରୋଧାନ: ୨୦।୦୪।୨୦୧୩ (ଚୈତ୍ର ଶୁକ୍ଳ ଦଶମୀ)
୧୨ବର୍ଷ ବିତିଗଲାରେ । କିନ୍ତୁ ଏବେବି ବିଶ୍ୱାସ କରିପାରୁନା ସମସ୍ତେ ତୋତେ ଏବେବି ସେମିତି ଭଲ ପାଆନ୍ତି, ସବୁ ଭଲ ମନ୍ଦରେ ତୋତେ ସେମିତି ହିଁ ମନେ ପକାନ୍ତି । ମା' ଝାଡ଼େଶ୍ୱରୀ, କାଳିଆ ଠାକୁର ତୋତେ ସବୁବେଳେ ଭଲରେ ରଖିଥାନ୍ତୁ ।
ତୋର ବନ୍ଧୁ ଓ ପରିବାରବର୍ଗ ।
ଧ-୬୧୯୬


# କୁକୁର କାମୁଡ଼ାରେ ହରିଣ ଛୁଆ ମୃତ


ମୃତ ହରିଣ ଛୁଆ।

ଉମରକୋଟ, ୬।୪(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ସହରର ହାଟପଦା ନିକଟ ଶ୍ମଶାନ ପାଖରେ ବୁଲା କୁକୁର କାମୁଡ଼ାରେ ଗୋଟାଏ ହରିଣ ଛୁଆର ମୃତ୍ୟୁ ହୋଇଛି। ମୃତ ହରିଣଟିର ବୟସ ପ୍ରାୟ ୩ ବର୍ଷ ହେବ। ମୃତ ହରିଣକୁ ଉମରକୋଟ ବନ ବିଭାଗ କାର୍ଯ୍ୟାଳୟକୁ ନିଆଯାଇ ବ୍ୟବଚ୍ଛେଦ କରାଯାଇଛି।

ସୂଚନାନୁଯାୟୀ, ଶନିବାର ରାତିରେ ୫ଟି ହରିଣ ଉମରକୋଟ ସହର ଭିତରେ ପଶି ଯାଇଥିଲେ। ସକାଳ ହେବା ପରେ ସେମାନେ ଫେରି ନ ପାରି ସହରର ଦଶରପଦା ନିକଟ ସାପ୍ତାହିକ ହାଟ ପାଖରେ ଥିବା ଗୋଟାଏ ଛୋଟ ଜଙ୍ଗଲ ବୁଦା ଭିତରେ ଲୁଚି ରହି ଯାଇଥିଲେ। କିନ୍ତୁ କିଛି ବୁଲା କୁକୁର ସେମାନଙ୍କ ଉପରେ ଆକ୍ରମଣ କରିବାକୁ ଆସିବାବେଳେ ୪ଟି ବଡ଼ ହରିଣ ଦୌଡ଼ି ପଳାଇଥିଲେ। ସେଥିମଧ୍ୟରେ ଥିବା ହରିଣ ଛୁଆଟିକୁ କୁକୁର କାମୁଡି ରକ୍ତାକ୍ତ କରିଦେଇଥିଲେ। ସ୍ଥାନୀୟ ଲୋକେ ଆହତ ହରିଣ ଛୁଆକୁ ଉଦ୍ଧାର କରି ଉମରକୋଟ ପ୍ରାଣୀ ଚିକିତ୍ସାଳୟ ନେବା ବାଟରେ ତାହାର ମୃତ୍ୟୁ ହୋଇଯାଇଥିଲା। ହରିଣ ବେକ ଓ ପିଠିରେ ବହୁ କ୍ଷତ ଥିବା ପ୍ରାଣୀ ଚିକିତ୍ସକ ଆଶିଷ ମହାପାତ୍ର କହିଛନ୍ତି। ତେବେ ଅନ୍ୟ ୪ଟି ହରିଣ ସେହି ପାଖରେ ଥିବା କୌଣସି ଛୋଟ ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ଅନୁମାନ କରାଯାଉଛି। ବନ ବିଭାଗ ହରିଣଗୁଡ଼ିକୁ ଠାବ କରି ନିକଟସ୍ଥ ଜଙ୍ଗଲକୁ ପଠାଇବା ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ତେବେ ଏତେସଂଖ୍ୟାରେ ହରିଣ କେଉଁ ଜଙ୍ଗଲରୁ ଆସି ଉମରକୋଟ ସହର ଭିତରେ ପ୍ରବେଶ କରିଛନ୍ତି ତାହା ଏବେ ସୁଦ୍ଧା ସ୍ପଷ୍ଟ ହୋଇନି। ଉମରକୋଟ ସହରରେ ବୁଲା କୁକୁରଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଉମରକୋଟ ପୌର ପ୍ରଶାସନ ସେମାନଙ୍କୁ ଧରି ଦୂର ସ୍ଥାନରେ ନେଇ ଛାଡ଼ିବା ସହ ବନ୍ଧ୍ୟାକରଣ କରିବା ପାଇଁ ପଦକ୍ଷେପ ନେବାକୁ ସହରବାସୀ ଦାବି କରିଛନ୍ତି।

**ଉମରକୋଟ ସହରରେ ହରିଣ ପଲ**

**ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ । ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...**

# ସୁସ୍ଥ ପ୍ରାରମ୍ଭ: ଆଶାପୂର୍ଣ୍ଣ ଭବିଷ୍ୟତ



ଡା. ରାମଚନ୍ଦ୍ର ରାଉତ


''ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା (ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ) ପ୍ରତିବର୍ଷ ଏପ୍ରିଲ ୭ ତାରିଖକୁ 'ବିଶ୍ୱ ସ୍ୱାସ୍ଥ୍ୟ ଦିବସ' (ୱାର୍ଲ୍ଡ ହେଲ୍‌ଥ ଡେ) ଭାବରେ ପାଳନ କରିଥାଏ। ଏହି ଦିବସରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଦୃଷ୍ଟିରେ ରଖି ବାର୍ତ୍ତା ସ୍ଥିର କରାଯାଇଥାଏ। ଏହି ଦିବସ ଅବସରରେ ଚଳିତବର୍ଷର ବାର୍ତ୍ତା ହେଉଛି- 'ସୁସ୍ଥ ପ୍ରାରମ୍ଭ: ଆଶାପୂର୍ଣ୍ଣ ଭବିଷ୍ୟତ'। ଏହି ବାର୍ତ୍ତା ସୁଦୂରପ୍ରସାରୀ ଅଟେ ଏବଂ ଏହାର ମୁଖ୍ୟ ଉପାଦାନଗୁଡ଼ିକ ହେଲା ମା' ଓ ଶିଶୁର ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ମୃତ୍ୟୁହାରକୁ ସର୍ବକାଳୀନ ନିମ୍ନସ୍ତରକୁ ଆଣିବା। ସାଧାରଣତଃ ସ୍ୱାସ୍ଥ୍ୟ ସୂଚକାଙ୍କ ମଧ୍ୟରୁ ମୁଖ୍ୟ ତିନିଗୋଟି ସାମ୍ପ୍ରତିକ ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ସୂଚାଇ ଥାଏ। ଶିଶୁ (ଏକ ବର୍ଷ ମଧ୍ୟରେ) ମୃତ୍ୟୁହାର, ମାତୃ ମୃତ୍ୟୁହାର ଏବଂ ଆନୁଷ୍ଠାନିକ ପ୍ରସବ ହାରଗୁଡ଼ିକ ହେଉଛି ମୁଖ୍ୟ- ଯେଉଁଥିରୁ କି ମା'ଓ ଶିଶୁଙ୍କର ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ଜାଣିହୁଏ।''

କୁହାଯାଏ 'ସ୍ୱାସ୍ଥ୍ୟ ହିଁ ସମ୍ପଦ'। ମାତ୍ର ବାସ୍ତବରେ ସ୍ୱାସ୍ଥ୍ୟ ମନୁଷ୍ୟ ପାଇଁ କେବଳ ସମ୍ପଦ ନୁହେଁ, ସ୍ୱାସ୍ଥ୍ୟ ହେଉଛି ମଣିଷ ପାଇଁ ସବୁକିଛି। କାରଣ ସ୍ୱାସ୍ଥ୍ୟ ଠିକ୍ ନ ରହିଲେ କିମ୍ବା ଜଣେ ରୋଗଗ୍ରସ୍ତ ହେଲେ ମଣିଷ ବଞ୍ଚିରହିବା ଓ ଜୀବନଧାରଣ କରିବା ଦୁଃଖଦ ଓ ଦାରୁଣ ହୋଇପଡ଼େ। ସୁସ୍ଥ ନାଗରିକମାନେ ହେଉଛନ୍ତି ଦେଶର ମୁଖ୍ୟ ସମ୍ବଳ।

ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା (ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ) ପ୍ରତିବର୍ଷ ଏପ୍ରିଲ ୭ ତାରିଖକୁ 'ବିଶ୍ୱ ସ୍ୱାସ୍ଥ୍ୟ ଦିବସ' (ୱାର୍ଲ୍ଡ ହେଲ୍‌ଥ ଡେ) ଭାବରେ ପାଳନ କରିଥାଏ। ଏହି ଦିବସରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଦୃଷ୍ଟିରେ ରଖି ବାର୍ତ୍ତା ସ୍ଥିର କରାଯାଇଥାଏ। ଏହି ଦିବସ ଅବସରରେ ଚଳିତବର୍ଷର ବାର୍ତ୍ତା ହେଉଛି– 'ସୁସ୍ଥ ପ୍ରାରମ୍ଭ : ଆଶାପୂର୍ଣ୍ଣ ଭବିଷ୍ୟତ'। ଏହି ବାର୍ତ୍ତା ସୁଦୂରପ୍ରସାରୀ ଅଟେ ଏବଂ ଏହାର ମୁଖ୍ୟ ଉପାଦାନଗୁଡ଼ିକ ହେଲା ମା' ଓ ଶିଶୁର ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ମୃତ୍ୟୁହାରକୁ ସର୍ବକାଳୀନ ନିମ୍ନସ୍ତରକୁ ଆଣିବା। ସାଧାରଣତଃ ସ୍ୱାସ୍ଥ୍ୟ ସୂଚକାଙ୍କ ମଧ୍ୟରୁ ମୁଖ୍ୟ ତିନିଗୋଟି ସାମ୍ପ୍ରତିକ ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ସୂଚାଇଥାଏ। ଶିଶୁ (ଏକ ବର୍ଷ ମଧ୍ୟରେ) ମୃତ୍ୟୁହାର, ମାତୃ ମୃତ୍ୟୁହାର ଏବଂ ଆନୁଷ୍ଠାନିକ ପ୍ରସବ ହାରଗୁଡ଼ିକ ହେଉଛି ମୁଖ୍ୟ– ଯେଉଁଥିରୁ କି ମା' ଓ ଶିଶୁର ସ୍ୱାସ୍ଥ୍ୟ ଅବସ୍ଥା ବିଷୟରେ ଜାଣିହୁଏ। ଖୁସିର କଥା ଆମ ଦେଶରେ ଓ ରାଜ୍ୟରେ ଶିଶୁ ମୃତ୍ୟୁହାର ଓ ମାତୃ ମୃତ୍ୟୁହାର ଆଶାତୀତ ଭାବେ ହ୍ରାସପାଇଛି। ୧୯୫୦ ମସିହାରେ ୧୯୦ ପାଖାପାଖି ଥିବାବେଳେ ୨୦୨୫ରେ ସ୍ୱାସ୍ଥ୍ୟ ସେବାରେ ବ୍ୟାପକ ଉନ୍ନତି ମାତୃ-ଶିଶୁ ସ୍ୱାସ୍ଥ୍ୟ ଯତ୍ନ ଯୋଗୁ ହ୍ରାସ ପାଇ ୨୫ରୁ ନିମ୍ନରେ ପହଞ୍ଚିଛି। ସେହିପରି ମାତୃ ମୃତ୍ୟୁହାର ୨୫୪ରୁ ଆସି ୧୧୦ରୁ କମ୍ ସ୍ତରରେ ପହଞ୍ଚିଛି। ଏହାର ମୁଖ୍ୟ ଶ୍ରେୟ ଆନୁଷ୍ଠାନିକ ପ୍ରସବର ସଂଖ୍ୟା ବୃଦ୍ଧି ହୋଇଥିବା ବେଳେ ଗର୍ଭ ସମୟରେ ମା', ପରିବାର ସଦସ୍ୟ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କର ନିରନ୍ତର ପ୍ରଚେଷ୍ଟା ଯୋଗୁ ହୋଇପାରିଛି। ଏବେ ଆମ ଦେଶ ଓ ରାଜ୍ୟ ବିଶ୍ୱ ସ୍ୱାସ୍ଥ୍ୟ ସୂଚକାଙ୍କ ସହିତ କିମ୍ବା ସ୍ଥଳବିଶେଷରେ ତା'ଠାରୁ ନିମ୍ନରେ ରହିଛି ଓ ଆନୁଷ୍ଠାନିକ ପ୍ରସବ ଶତ ପ୍ରତିଶତ ହେବାର ସ୍ୱପ୍ନ ପୂରଣ ହେବା ପାଇଁ ଯାଉଛି।



ମା' ଓ ଶିଶୁ ଗୋଟିଏ ଏକକ। ମା' ଓ ଶିଶୁର ସ୍ୱାସ୍ଥ୍ୟ ପରସ୍ପର ସହ ଜଡ଼ିତ। ମାତୃ ଗର୍ଭରେ ଶିଶୁଟି ଦୀର୍ଘ ନଅ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଅବସ୍ଥାନ ହେବା ପରେ ପରିପୂର୍ଣ୍ଣ ଭାବେ ଜନ୍ମଗ୍ରହଣ କରିଥାଏ। ଗର୍ଭାବସ୍ଥା ସମୟରେ ମା'ର ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ, ଦରକାର ପଡୁଥିବା ଟିକାକରଣ, କେତେକ ଗୁରୁତର ରୋଗର ଠିକ୍ ଓ ଆଗୁଆ ନିରୂପଣ ତଥା ଚିକିତ୍ସା, ଦରକାର ପଡୁଥିବା ପରୀକ୍ଷା ନିରୀକ୍ଷା, ଆଇରନ୍, କ୍ୟାଲସିୟମ ଇତ୍ୟାଦିର ପରିପୂରଣ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହିସବୁ କାର୍ଯ୍ୟ ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା ଅନେକ କାର୍ଯ୍ୟକ୍ରମ ଚାଲୁ ରହିଛି। ୨୦୦୫ରୁ ଜନନୀ ସୁରକ୍ଷା ଯୋଜନା, ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା, ସୁମନ (ସୁରକ୍ଷିତ ମାତୃତ୍ୱ ଅଭିଯାନ), ୨୦୧୬ରୁ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ଯୋଜନା, ଲକ୍ଷ୍ୟ, ପୋଷଣ ଅଭିଯାନ ଓ ଗ୍ରାମ ସ୍ୱାସ୍ଥ୍ୟ, ପରିମଳ ଓ ପୋଷଣ ଦିବସ, ଅମ୍ଳାନ (ରକ୍ତହୀନତାମୁକ୍ତ ଯୋଜନା) ପରି ଯୋଜନାଗୁଡ଼ିକ ଶିଶୁ ଓ ମାତୃ ମୃତ୍ୟୁହାରରେ ଅନେକ ମାତ୍ରାରେ ହ୍ରାସ ଆଣିଥିବା ବେଳେ ସେମାନଙ୍କର ସ୍ୱାସ୍ଥ୍ୟ ରକ୍ଷା ପାଇଁ କାର୍ଯ୍ୟ କରୁଛି। ପ୍ରତିବର୍ଷ ତିନି ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ଗର୍ଭାବସ୍ଥା ଓ ପ୍ରସବଜନିତ ବିଭିନ୍ନ ଗୁରୁତର ଅବସ୍ଥା ଯୋଗୁ ପ୍ରାଣ ହରାଇଥାଆନ୍ତି। ସେହିପରି





ପ୍ରତି ବର୍ଷ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଶିଶୁ ଜନ୍ମ ହେବାର ପ୍ରଥମ ମାସରେ ହିଁ ଗୁରୁତର ଶିଶୁ ରୋଗ ଯୋଗୁ ପ୍ରାଣହରାନ୍ତି। ଅନ୍ୟପକ୍ଷରେ ଆଉ ୨୦ ଲକ୍ଷ ମୃତ ଶିଶୁ ଜନ୍ମଗ୍ରହଣ କରିଥାଆନ୍ତି। ଏହା ଏପରି ଉଦ୍‌ବେଗଜନକ ଯେ ପ୍ରତି ୭ ସେକେଣ୍ଡରେ ଗୋଟିଏ ଶିଶୁ ମୃତ୍ୟୁମୁଖରେ ପଡ଼ିଥାଏ।

ସାଧାରଣତଃ ଶିଶୁ ମୃତ୍ୟୁର ଅଧାରୁ ଅଧିକ ମୃତ୍ୟୁ ପ୍ରଥମ ସାତ ଦିନ ମଧ୍ୟରେ ଏବଂ ତିନି-ଚତୁର୍ଥାଂଶ ଏକ ମାସ ମଧ୍ୟରେ ହୋଇଥାଏ। ତେଣୁ ଜନ୍ମର ପ୍ରଥମ ମାସ ଉଭୟ ଶିଶୁ ଓ ମା' ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହା ସହିତ ପ୍ରସବ ପରବର୍ତ୍ତୀ ୪୮ ଘଣ୍ଟା ଅତି ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ପ୍ରସୂତିମାନଙ୍କୁ ପ୍ରସବ ପରେ ଦୁଇ ଦିନ ଚିକିତ୍ସାଳୟରେ ରହିବା ପାଇଁ ପ୍ରବର୍ତ୍ତାଯାଇଥାଏ। କାରଣ ଏହି ସମୟରେ ମା'ର ପ୍ରସବପର ରକ୍ତକ୍ଷରଣ, ନବଜାତ ଶିଶୁର ନିମୋନିଆ, ଜଣ୍ଡିସ ଏବଂ ଅନ୍ୟ ସଂକ୍ରମଣ ଇତ୍ୟାଦିର ଆଶଙ୍କା ଥାଏ। ଏହି ସବୁ ରୋଗ ଓ ଅବସ୍ଥାଗୁଡ଼ିକରେ ବିଶେଷ ଚିକିତ୍ସା ପାଇଁ ନବଜାତ ଶିଶୁମାନଙ୍କ ଲାଗି ତଳସ୍ତରରୁ ଉଚ୍ଚତମ ଚିକିତ୍ସା ସ୍ତର ଯାଏ ନବଜାତ ଆଇସିୟୁ (ଏନ୍‌ଆଇସିୟୁ)ର ବ୍ୟବସ୍ଥା କରାଯାଇଛି। ଅନେକ ସମୟରେ ଗମନାଗମନର ସୁବିଧା ନ ଥିବା ସ୍ଥାନମାନଙ୍କରୁ ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଯଥେଷ୍ଟ ଆଗରୁ ଗର୍ଭବତୀମାନଙ୍କୁ ପ୍ରସବ ସୁବିଧା ଥିବା ସ୍ଥାନକୁ ସ୍ଥାନାନ୍ତରଣ କରାଯାଇଥାଏ।

ଏସବୁ ସତ୍ତ୍ୱେ ମଧ୍ୟ ଅନେକ କ୍ଷେତ୍ରରେ ଉଭୟ ଶିଶୁ ଓ ମାତୃ ମୃତ୍ୟୁହାରକୁ ଏଡ଼ାଇ ଦିଆଯାଇପାରୁନାହିଁ। ଏହା ମଧ୍ୟରେ କେତେକ ପ୍ରକାର ଜିନ୍‌ଗତ ରୋଗ, ବିକଳାଙ୍ଗ ଶିଶୁ ଗର୍ଭାବସ୍ଥାରେ ମା'ର ଉଚ୍ଚ ରକ୍ତଚାପ (ଟକ୍ସିମିଆ), ଡାଇବେଟିସ୍, ରକ୍ତହୀନତା, ଥାଇରଏଡ ନ୍ୟୂନତା ଇତ୍ୟାଦି ଯୋଗୁ ମଧ୍ୟ ମା' ଓ ଶିଶୁ ଗୁରୁତର ଭାବେ ଆକ୍ରାନ୍ତ ହୋଇଥାଆନ୍ତି। କ୍ରମଶଃ ଏସବୁର ନିୟନ୍ତ୍ରଣ ନିମନ୍ତେ ଅନେକ କାର୍ଯ୍ୟ କରାଯାଇ ଯଥେଷ୍ଟ ଉନ୍ନତି କରାଯାଇପାରିଛି। ଏହାସହିତ ଡାକ୍ତରୀ ତାଲିମ ପାଇଁ ଶିଶୁ ରୋଗ ଓ ସ୍ତ୍ରୀ ଏବଂ ପ୍ରସୂତି ରୋଗ ବିଶେଷଜ୍ଞ ଶିକ୍ଷାର ସିଟ୍ ସଂଖ୍ୟା ବୃଦ୍ଧି କରାଯିବା ସଙ୍ଗେ ସଙ୍ଗେ ସରକାରୀ ଚାକିରିରେ ଥିବା ଡାକ୍ତରମାନଙ୍କ ପାଇଁ ଆନାସ୍ଥେସିଆରେ LASA (ଜୀବନ ରକ୍ଷାକାରୀ ନିଶ୍ଚେତକ ଦକ୍ଷତା) ଓ E Moc (ଜରୁରିକାଳୀନ ପ୍ରସୂତୀ ଯତ୍ନ) ତାଲିମର ବ୍ୟବସ୍ଥା କରାଯାଇ ତାହାର ସୁଫଳ ଲାଭ କରାଯାଇଛି।

ଚଳିତ ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ବାର୍ତ୍ତାର ଲକ୍ଷ୍ୟ ହେଲା– ମା'ମାନଙ୍କର ସ୍ୱାସ୍ଥ୍ୟ ଅର୍ଥାତ୍ ସେମାନଙ୍କୁ ଠିକ୍ ସମୟରେ ପଞ୍ଜୀକରଣ କରାଇ ପ୍ରତି ମାସ ଓ ପ୍ରତି ତିନି ମାସରେ ଥରେ ସାଧାରଣ ଓ ବିଶଦ ପରୀକ୍ଷା କରାଇନେବା ଦରକାର। ପୁନଶ୍ଚ ଏବେ ୪ ବର୍ଷ ପୂର୍ବେ ଆମ ରାଜ୍ୟରେ ଆରମ୍ଭ ହୋଇଥିବା 'ପ୍ରସୂତି ବିଶେଷଜ୍ଞା' ତାଲିମରୁ ତାଲିମପ୍ରାପ୍ତ ସେବିକାମାନେ ମା'ମାନେ କିପରି ସାଧାରଣ ଭାବେ ପ୍ରସବ କରିପାରିବେ ସେଥିନିମନ୍ତେ ପରାମର୍ଶ, ତାଲିମ ଓ ମାନସିକ ସ୍ତରରେ ପ୍ରସ୍ତୁତି କରାଉଛନ୍ତି। ଏହାଦ୍ୱାରା ଅସ୍ତ୍ରୋପଚାର ଦ୍ୱାରା ହେଉଥିବା ପ୍ରସବ ସଂଖ୍ୟାରେ ହ୍ରାସ ହୋଇପାରିଛି। ପ୍ରତ୍ୟେକ ଚିକିତ୍ସା କେନ୍ଦ୍ରରେ ଶିଶୁ ରୋଗ ବିଶେଷଜ୍ଞ, ବଡ଼ ବଡ଼ ସ୍ଥାନରେ ନବଜାତ ଶିଶୁରୋଗ ବିଶେଷଜ୍ଞ ଓ ଶିଶୁ ଶଲ୍ୟ ଚିକିତ୍ସକ ତଥା ଏନ୍‌ଆଇସିୟୁ ଏବଂ ପିଆଇସିୟୁ ଓ ଭେଣ୍ଟିଲେଟରର ବ୍ୟବସ୍ଥା ଆମ ରାଜ୍ୟ ଓ ଦେଶକୁ ଅନ୍ୟ ଦେଶଗୁଡ଼ିକ ଆଗରେ ଆଦର୍ଶ ରୂପେ ଛିଡ଼ା କରିପାରିଛି।


–ବରିଷ୍ଠ ଚିକିତ୍ସକ ତଥା ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
ମୋ: ୮୨୪୯୦୮୭୯୯୫

## ଏପିଲେପ୍ସିର ଲକ୍ଷଣ



ଏପିଲେପ୍ସି ଏକାଧିକ ପ୍ରକାର। ପ୍ରକାରକୁ ଚାହିଁ ଲକ୍ଷଣ ଭିନ୍ନ ଭିନ୍ନ ହେବା ସ୍ୱାଭାବିକ। କିନ୍ତୁ ବାତ ମାରିବା ଲକ୍ଷଣଟି ହିଁ ପ୍ରଧାନ ଓ ଏହା ଅନେକ ରୋଗୀଙ୍କ କ୍ଷେତ୍ରରେ ପରିଲକ୍ଷିତ ହୋଇଥାଏ। ବାତ ମାରିବା ଆରମ୍ଭ ହେବା ପୂର୍ବରୁ ଯେଉଁସବୁ ସୂଚନା ପ୍ରକାଶ ପାଇଥାଏ, ତାକୁ ଡାକ୍ତରୀ ଭାଷାରେ 'ଅରା' ବୋଲି କୁହନ୍ତି। ଗନ୍ଧ ଛାଡ଼ିବାର କିଛି କୁଆଡ଼େ ସୂଚନା ନ ଥାଇ ହଠାତ୍ ଗନ୍ଧ ବାରିବାର ଅନୁଭବ ହେବା, କୌଣସି ସୋର୍‌ଶବ୍ଦ ନ ଥାଇ ହଠାତ୍ ଶବ୍ଦ ଶୁଣିବାର ଅନୁଭବ ହେବା, ପାଟି ଭିତରେ କିଛି ନ ଥାଇ ଆକସ୍ମିକ ଭାବରେ ସ୍ୱାଦ ଅନୁଭବ କରିବା, କୌଣସି ଅସ୍ୱସ୍ତି ନ ଥାଇ ପେଟରେ ହଠାତ୍ ଅସ୍ୱସ୍ତି ଅନୁଭବ କରିବା, ଆଖି ସାମ୍ନାରେ ହଠାତ୍ ଆଲୁଅ ଚକ୍‌ମକ୍ କରିବା ଇତ୍ୟାଦି ହେଉଛି 'ଅରା'ର କେତୋଟି ପ୍ରମୁଖ ଉଦାହରଣ। ଏପିଲେପ୍ସିର ପ୍ରକାର ବିବିଧ। ଏହାର ଚିକିତ୍ସା ପାଇଁ ଏକାଧିକ ଔଷଧ ଉପଲବ୍ଧ। ତେଣୁ ସ୍ନାୟୁରୋଗ ବିଶେଷଜ୍ଞଙ୍କ ପରାମର୍ଶରେ ଚିକିତ୍ସିତ ହୁଅନ୍ତୁ। ଚିକିତ୍ସା କରିବା ନିମନ୍ତେ ବିଶେଷଜ୍ଞ ଡାକ୍ତର ରୋଗୀର ବୟସ, ଲିଙ୍ଗ, ବୃତ୍ତି, ଆନୁଷଙ୍ଗିକ ବ୍ୟାଧି ଓ ଲକ୍ଷଣଗୁଡ଼ିକ ବିଚାରକୁ ନେଇଥାନ୍ତି। ପିଲାବେଳେ ବାତ ମାରିବା ଲକ୍ଷଣ ପ୍ରକାଶ ପାଇଥିଲେ, ବୟସ ବଢ଼ିବା ସଙ୍ଗେ ସଙ୍ଗେ ବାତ ମାରିବା ଧୀରେ ଧୀରେ କମି କମି ପୂରାପୂରି ବନ୍ଦ ହୋଇଯିବା କିଛି ଅସମ୍ଭବ ନୁହେଁ।

## ଜାଣି ରଖନ୍ତୁ



►ଯଦି ନିଜକୁ ସୁସ୍ଥ ରଖିବା ପାଇଁ ସବୁବେଳେ ନିଜ ଜୀବନଶୈଳୀ ଏବଂ ଖାଦ୍ୟପେୟ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ।

►ରାତିରେ ଶୋଇବା ପୂର୍ବରୁ ପାଦ ଏବଂ ମୁହଁକୁ ଭଲ ଭାବେ ଧୁଅନ୍ତୁ। ଏହାଦ୍ୱାରା ଭଲ ନିଦ ହୋଇଥାଏ।

►ପ୍ରତିଦିନ ଜଳଖିଆରେ ଗଜାମୁଗ ଓ ବୁଟ ମିଶ୍ରିତ ସାଲାଡ୍ ସାମିଲ୍ କରନ୍ତୁ। ଆପଣ ଚାହିଁଲେ କାଜୁ ଓ ପେସ୍ତାବାଦାମ ମଧ୍ୟ ଖାଇପାରିବେ।

►ପ୍ରତିଦିନ ଶିଡ଼ି ଚଢ଼ିବା ଏକ ଭଲ ବ୍ୟାୟାମ। ହେଲେ, ଆପଣଙ୍କର ଯଦି ଆଣ୍ଠୁ ଗଣ୍ଠି ସମସ୍ୟା ରହିଛି, ତେବେ ଶିଡ଼ି ଯେତେ କମ୍ ଚଢ଼ିବେ ତାହା ସେତେ ଭଲ।

►ଛୋଟ ଛୋଟ କଥାକୁ ନେଇ ଚିନ୍ତା ପ୍ରକଟ କରିବା ଅଭ୍ୟାସ ଅଛି କି? ଯଦି ହଁ, ତେବେ ଏଭଳି ଅଭ୍ୟାସ ଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ। କାରଣ ଏହାଦ୍ୱାରା ଟେନସନ୍‌ର ବଶବର୍ତ୍ତୀ ହେବାର ଯଥେଷ୍ଟ ଆଶଙ୍କା ରହିଛି।

►ଜଣେ ସୁସ୍ଥ ରହିବା ପଛରେ ମାନସିକ ଶାନ୍ତିର ଭୂମିକା ରହିଛି। ତେଣୁ ସବୁବେଳେ ନିଜକୁ ଯେତେସମ୍ଭବ ଖୁସିର ମାହୋଲ ଭିତରେ ରଖିବାକୁ ଚେଷ୍ଟା କରନ୍ତୁ।

## ଭିଟାମିନ୍-ଡି'ର ଅଭାବ ହେଲେ...

ଭିଟାମିନ୍ 'ଡି' ଆମ ଶରୀର ପାଇଁ କେତେ ଉପକାରୀ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ଶରୀରରେ ଯେତେବେଳେ ଏହାର ଅଭାବ ଘଟେ ସେତେବେଳେ ଏହା ଆଣ୍ଠୁଗଣ୍ଠିକୁ ଦୁର୍ବଳ କରିବା ସହ ହାର୍ଟକୁ ମଧ୍ୟ ପ୍ରଭାବିତ କରିବାର ଆଶଙ୍କା ରହିଛି ବୋଲି ୟୁନିଭର୍ସିଟି ଅଫ୍ ସିଡିନୀର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣିପାରିଛନ୍ତି। ଜଣେ ବ୍ୟକ୍ତିଙ୍କ ଶରୀରରେ ଏହାର ପରିମାଣ ଅସନ୍ତୁଳିତ ରହିଲେ ହୃଦ୍‌ଘାତ ହେବା ସହ ରକ୍ତଚାପ ମଧ୍ୟ ବଢ଼ିଯିବାର ଆଶଙ୍କା ରହିଛି। ଏଭଳି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ସେମାନେ କେତେକ ବ୍ୟକ୍ତିଙ୍କ ଶରୀରରେ ଭିଟାମିନ୍ 'ଡି' ପରିମାଣ କେତେ ରହୁଛି ତାହା ପରୀକ୍ଷା କରି ତାହାକୁ ହୃତ୍‌ପିଣ୍ଡର କାର୍ଯ୍ୟ ସହ ତୁଳନା କରିଥିଲେ। ଭିଟାମିନ୍ 'ଡି' ପରିମାଣ ଅସନ୍ତୁଳିତ ଥିବା କେତେକ ବ୍ୟକ୍ତିଙ୍କ ଠାରେ ହୃଦ୍‌ଜନିତ ସମସ୍ୟା ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। କଦଳୀ, କମଳା, ଆଳମଣ୍ଡ, ଛତୁ, ଅଣ୍ଡା କେଶର, କ୍ଷୀର, ଜୁସ୍ ଏବଂ ସକାଳର କଅଁଳ ସୂର୍ଯ୍ୟ କିରଣରେ ଭିଟାମିନ୍ 'ଡି' ଭରିରହିଛି।



## ଦୃଷ୍ଟିଶକ୍ତିକୁ ଦୃଢ଼ କରେ କଲରା

କଲରାର ସ୍ୱାଦ ସିନା ପିତା, ହେଲେ ଏଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ବିଶେଷଭାବରେ ଏହାକୁ ନିୟମିତ ଖାଇଲେ ତାହା ଦୃଷ୍ଟିଶକ୍ତି ପାଇଁ ବେଶ୍ ଲାଭପ୍ରଦ ହୋଇଥାଏ। କେବଳ ସେତିକି ନୁହେଁ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଏଥିରେ ଭିଟାମିନ୍-ଏ ଥିବାରୁ ଏହା ଶରୀରରେ ଚର୍ମ ଗଠନ କରିଥାଏ। ଜଣେ ଡାଇବେଟିସ୍ ରୋଗୀ ଏହାକୁ ପ୍ରତିଦିନ ଖାଇବା ନିହାତି ଦରକାର। କାରଣ ଏହା ରକ୍ତରେ ସୁଗାର ପରିମାଣକୁ କେତେକାଂଶରେ ନିୟନ୍ତ୍ରଣରେ ରଖିଥାଏ। ଏହାର ଜୁସ୍ ଆମ ଶରୀର ପାଇଁ ମଧ୍ୟ ବେଶ୍ ଉପକାରୀ। ଏହା ମଧ୍ୟ ରକ୍ତ ସଞ୍ଚାଳନକୁ ସକ୍ରିୟ ରଖିଥାଏ। ଉଚ୍ଚ ରକ୍ତଚାପ ଏବଂ ଆଜ୍‌ମା ଭଳି ସ୍ୱାସ୍ଥ୍ୟ ସମସ୍ୟାଠାରୁ ମଧ୍ୟ କେତେକାଂଶରେ ଦୂରେଇ ରଖିଥାଏ। କଲରାରେ କ୍ୟାଲୋରୀ, ଫ୍ୟାଟ୍ ଏବଂ କାର୍ବୋହାଇଡ୍ରେଟ୍ ରହିଛି, ଯାହା ଶରୀରର ଓଜନକୁ ସନ୍ତୁଳିତ ରଖେ।




ଏହା ସହ ଲିଭରରୁ ବାଇଲ୍ ଏସିଡ୍ କ୍ଷରଣ କରିଥାଏ। ଏହାବ୍ୟତୀତ ଶରୀରରେ ଆଲର୍ଜି ହେବାକୁ ଦେଇ ନ ଥାଏ। କ୍ଷତ ସ୍ଥାନକୁ ଶୀଘ୍ର ପୂରଣ କରିବା ସହ ରକ୍ତ ପରିଷ୍କାର କରେ। ତା' ସହ ଖାଦ୍ୟ ହଜମରେ ମଧ୍ୟ ସାହାଯ୍ୟ କରେ।

## ସ୍ୱାସ୍ଥ୍ୟ ସୂଚନା

➢ଯେଉଁ ଋତୁ ହେଉ ନା କାହିଁକି ଖାଦ୍ୟପେୟ ପ୍ରତି ସବୁବେଳେ ସତର୍କ ରୁହନ୍ତୁ। ପ୍ରତିଦିନ ଏପରି ଖାଦ୍ୟ ଖାଆନ୍ତୁ ଯେପରି ତାହା ସହଜରେ ହଜମ ହୋଇପାରିବ।

➢ରାତିରେ ଯେତେ ହାଲ୍‌କା ଖାଦ୍ୟ ଖାଇବେ ତାହା ସେତେ ଭଲ। କାରଣ ଏହି ଖାଦ୍ୟ ସହଜରେ ହଜମ ହୋଇଥାଏ। ଏହାଦ୍ୱାରା ଭଲ ନିଦ ମଧ୍ୟ ହୋଇଥାଏ।



➢ଆପଣଙ୍କର ଦୃଷ୍ଟିଶକ୍ତିଜନିତ ସମସ୍ୟା ଥିଲେ ନିୟମିତ ସମୟ ଅନ୍ତରାଳରେ ଚକ୍ଷୁ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।

➢ଯଦି ନିଜକୁ ଅସୁସ୍ଥ ଲାଗୁଛି, ତେବେ ସେଦିନ ବ୍ୟାୟାମ ନ କରି ବିଶ୍ରାମ ନିଅନ୍ତୁ।

➢ସକାଳୁ ଖାଲି ପେଟରେ ଉଷୁମ ପାଣି ପିଅନ୍ତୁ। ଏହାଦ୍ୱାରା ପାଚନ କ୍ରିୟା ସକ୍ରିୟ ରହିବା ସହ ମେଦ ବୃଦ୍ଧି ହୋଇ ନ ଥାଏ।

➢ଯଦି କୌଣସି ରୋଗରେ ଆପଣ ଆକ୍ରାନ୍ତ ହେଉଛନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ହେଲେ, ମନେରଖନ୍ତୁ ପରାମର୍ଶ କରିବା ପୂର୍ବରୁ ଡାକ୍ତରଙ୍କ ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ।

➢କୌଣସି ରୋଗ ନିରୂପଣ କରିବା ପୂର୍ବରୁ ଡାକ୍ତର କେତେକ ପରୀକ୍ଷା ପାଇଁ ପ୍ରେସ୍‌କ୍ରିପସନରେ ଉଲ୍ଲେଖ କରିଥାଆନ୍ତି। ତାହାର ଗୁରୁତ୍ୱକୁ ଉପଲବ୍ଧି କରି ସେଗୁଡ଼ିକ ଭଲ ପ୍ୟାଥୋଲ୍ୟାବ୍‌ରେ କରାଇ ନିଅନ୍ତୁ। କାରଣ ଏହା ରୋଗ ନିରୂପଣ କରିବାରେ ଯଥେଷ୍ଟ ସାହାଯ୍ୟ କରିଥାଏ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ବ୍ରେକ୍‌ଫାଷ୍ଟ

ବ୍ରେକ୍‌ଫାଷ୍ଟ ବା ସକାଳ ଜଳଖିଆରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି, ଯାହା ଶରୀର ପାଇଁ ବେଶ୍ ଉପକାରୀ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ ବ୍ରେକ୍‌ଫାଷ୍ଟ ଖାଆନ୍ତି ତେବେ ତାଙ୍କର ରୋଗ ପ୍ରତିରୋଧକ ଶକ୍ତି କେତେକାଂଶରେ ବୃଦ୍ଧି ପାଇଥାଏ। ପ୍ରଥମ କଥା ହେଲା ପ୍ରତିଦିନ କେତେବେଳେ ବ୍ରେକ୍‌ଫାଷ୍ଟ କରିବେ ତାହା ନର୍ଦ୍ଧାରଣ କରନ୍ତୁ। ହାଲୁକା ଖାଦ୍ୟକୁ ବ୍ରେକଫାଷ୍ଟ ଖାଦ୍ୟତାଲିକାରେ ସାମିଲ୍ କରନ୍ତୁ। ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ଜୁସ୍ ପିଅନ୍ତୁ, କାରଣ ଏଥିରେ କ୍ୟାଲୋରୀ ଭରି ରହିଛି। ଏହି ସମୟରେ ଏପରି ଖାଦ୍ୟ ଆଦୌ ଖଆନ୍ତୁ ନାହିଁ, ଯେପରି ଆପଣଙ୍କୁ ଦିନତମାମ ଭାରି ଭାରି ଲାଗିବ। ସକାଳୁ ଖାଲି ପେଟରେ ତେଲଜାତୀୟ ଖାଦ୍ୟ ଖାଆନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟ ହେଉଛି ଦିନର ପ୍ରଥମ ଖାଦ୍ୟ, ତେଣୁ ଏଥିରେ ଏପରି ଖାଦ୍ୟ ସାମିଲ କରନ୍ତୁ, ଯାହା ମନକୁ ଖୁସି ରଖିବା ସହ ମାନସିକତାକୁ ସୁସ୍ଥ ରଖିବାରେ ସହାୟକ ହେବ ଓ ସକାରାତ୍ମକ ଭାବନା ସୃଷ୍ଟି କରିବ। ଯଦି ପ୍ରତିଦିନ ଆପଣ ବ୍ୟାୟାମ କରୁଛନ୍ତି ତେବେ କିଛି ସମୟ ପରେ ହିଁ ବ୍ରେକ୍‌ଫାଷ୍ଟ କରନ୍ତୁ। ପ୍ରତିଦିନ ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ଖାଆନ୍ତୁ। ଏହାବ୍ୟତୀତ ବ୍ରେଡ, ବିସ୍କୁଟ ମଧ୍ୟ ଖାଇପାରିବେ।



# ଦର୍ପନ ଇନାନୀ ଚାମ୍ପିୟନ


**ଭୁବନେଶ୍ୱର, ୬।୪ (ତପନ ସ୍ୱାଇଁ)**

ସର୍ବଭାରତୀୟ ଦୃଷ୍ଟିବାଧିତ ଚେସ୍ ସଂଘ (ଏଆଇସିଏଫ୍‌ବି) ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ ଫର୍ ଭିଜୁଆଲି ଚ୍ୟାଲେଞ୍ଜ୍‌ଡ (ଓସିଏଭିସି)ର ମିଳିତ ଆନୁକୂଲ୍ୟରେ ସାଇ ଇଣ୍ଟରନ୍ୟାଶନାଲ୍ ରେସିଡେନ୍ସିଆଲ୍ ସ୍କୁଲ ପରିସରରେ ରବିବାର ୧୮ଶ ଜାତୀୟ ଦୃଷ୍ଟିବାଧିତ ଚେସ୍ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଛି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଗୁଜରାଟର ଦର୍ପନ ଇନାନୀ ଚାମ୍ପିୟନ

**ଜାତୀୟ ଦୃଷ୍ଟିବାଧିତ ଚେସ୍ ଉଦ୍‌ଯାପିତ**

ହୋଇଛନ୍ତି। ଇନାନୀ ଓ କର୍ନାଟକର କିଶନ ଗାଙ୍ଗୋଲି ୭.୫ ପଏଣ୍ଟ ଲେଖାଏ ପାଇ ପ୍ରତିଯୋଗିତା ଶେଷ କରିଥିଲେ। ମାତ୍ର ଉନ୍ନତ ଟାଇ-ବ୍ରେକ୍ ସ୍କୋରରେ ଇନାନୀ ପ୍ରଥମସ୍ଥାନ ଅଧିକାର କରି ଚାମ୍ପିୟନ ଓ କାଙ୍ଗୋଲି ଦ୍ୱିତୀୟ ସ୍ଥାନରେ ରହି ରନରଅପ୍ ହୋଇଥିଲେ। ୮ମ ରାଉଣ୍ଡ ସୁଦ୍ଧା ଏକକ ଅଗ୍ରଣୀଲାଭ କରିଥିବା ଆର୍ଯ୍ୟନ ବି. ଜୋଶୀ ୩ୟ ସ୍ଥାନରେ ରହିଥିବାବେଳେ ଓଡ଼ିଶାର ସୌନ୍ଦର୍ଯ୍ୟ କୁମାର ପ୍ରଧାନ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ଉଭୟ ଖେଳାଳି ୭ ପଏଣ୍ଟ ଲେଖାଏ ପାଇଥିଲେ। ମହାରାଷ୍ଟ୍ରର ସାମନ୍ତ ମିଳିନ୍ଦ (୬.୫) ଓ ରୋହିତ ଆତ୍ମାରାମ ଯାଦବ (୬), ଓଡ଼ିଶାର ପ୍ରାରୁର୍ଯ୍ୟ କୁମାର ପ୍ରଧାନ (୬), ମଧ୍ୟପ୍ରଦେଶର ସୂର୍ଯ୍ୟପ୍ରତାପ ସିଂ (୬), ଦିଲ୍ଲୀର ବି.ଏଲ୍. ସୋମେନ୍ଦ୍ର (୫.୫) ଓ ମହାରାଷ୍ଟ୍ରର ସ୍ୱପ୍ନିଲ ଶାହା (୫.୫) ଯଥାକ୍ରମେ ୫ମରୁ ୧୦ମ ସ୍ଥାନରେ ରହିଛନ୍ତି। ଓଡ଼ିଶାର ଅନ୍ୟ ୨ ଖେଳାଳି ଶୁଭେନ୍ଦୁ କୁମାର ପାତ୍ର ୫.୫ ପଏଣ୍ଟ ସହିତ ୧୩ଶ ଓ ଦୀପକ କୁମାର ଭୋଇ ୪ ପଏଣ୍ଟ ସହ ୩୭ତମ ସ୍ଥାନରେ ରହିଛନ୍ତି। ୪ର୍ଥ ସ୍ଥାନ ଅଧିକାର କରିଥିବାରୁ ସୌନ୍ଦର୍ଯ୍ୟ ଆସନ୍ତା ଦୃଷ୍ଟିବାଧିତ ଚେସ୍ ଅଲିମ୍ପିଆଡ୍ ଓ ବ୍ୟକ୍ତିଗତ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳରେ ସ୍ଥାନ ସୁରକ୍ଷିତ କରିଛନ୍ତି।

ପ୍ରତିଯୋଗିତାରେ ୧୫ ରାଜ୍ୟରୁ ୨ ମହିଳା ଓ ୫୨ ପୁରୁଷ ଖେଳାଳି ଅଂଶଗ୍ରହଣ କରିଥିଲେ। ଚାମ୍ପିୟନ ଇନାନୀ ଟ୍ରଫି ସହ ୭୫,୦୦୦, ରନରଅପ୍ ଗାଙ୍ଗୋଲି ୫୦,୦୦୦, ତୃତୀୟ ସ୍ଥାନ ପାଇଥିବା ଜୋଶୀ ୩୫,୦୦୦, ୪ର୍ଥ ସ୍ଥାନରେ ରହିଥିବା ସୌନ୍ଦର୍ଯ୍ୟ ୩୦,୦୦୦, ଓ ୫ମ ସ୍ଥାନରେ ଥିବା ମିଳିନ୍ଦ ୨୦,୦୦୦ ଟଙ୍କା ପୁରସ୍କାର ଆକାରରେ ପାଇଛନ୍ତି। ୬ଷ୍ଠରୁ ୧୦ମ ସ୍ଥାନରେ ଥିବା ପ୍ରତିଯୋଗୀଙ୍କୁ ମଧ୍ୟ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ଚାମ୍ପିୟନଶିପ୍‌ର ଶ୍ରେଷ୍ଠ ୫ ଖେଳାଳି ଦୁଇଟି ପ୍ରମୁଖ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ୨ଟି ପ୍ରତିଯୋଗିତା ହେଲା ଆଇବିସିଏ ଚେସ୍ ଅଲିମ୍ପିଆଡ୍ (ସର୍ବିଆ, ଜୁନ୍-୨୦୨୫) ଓ ଆଇବିସିଏ ୱାର୍ଲ୍ଡ ଚେସ୍ ଚାମ୍ପିୟନଶିପ୍ (ପୋଲାଣ୍ଡ, ଅଗଷ୍ଟ-୨୦୨୫)। ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ମୁଖ୍ୟ ଅତିଥି ଓ ସାଇ ଆବାସିକ ବିଦ୍ୟାଳୟର ପ୍ରିନ୍ସିପାଲ ଅମିତାଭ ଅଗ୍ନିହୋତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କେ.ଆର. ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ପ୍ରାରୁର୍ଯ୍ୟ ପ୍ରଧାନ ଧନ୍ୟବାଦ ଦେଇଥିଲେ। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ସମର୍ଥନ ଏବଂ ପ୍ରଚେଷ୍ଟାର ପ୍ରଶାସକ ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ସଫଳତାର ସହ ସମ୍ପନ୍ନ ହୋଇଛି। ଏମ. ମଞ୍ଜୁନାଥ ଟୁର୍ନାମେଣ୍ଟର ମୁଖ୍ୟ ଆର୍ବିଟର ଦାୟିତ୍ୱ ନିର୍ବାହ କରିଥିବାବେଳେ କେ. ଆର. ପ୍ରଧାନ ଏବଂ ପିଙ୍କି ମହାପାତ୍ର ସହଯୋଗ କରିଥିଲେ।



କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

## ମୁମ୍ବାଇ ଦଳରେ ଯୋଗଦେଲେ ବୁମରା

**ନୂଆଦିଲ୍ଲୀ,୬।୪:** ଭାରତୀୟ ପ୍ରିମିୟର ପେସର ଯଶପ୍ରୀତ ବୁମରା ଆନୁଷ୍ଠାନିକ ଭାବେ ରବିବାର ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ଦଳରେ ଯୋଗଦେଇଛନ୍ତି। ୫ ଥରର ଚାମ୍ପିୟନ ଦଳ ପକ୍ଷରୁ ସୋସିଆଲ ମିଡିଆ ଜରିଆରେ ଏ ନେଇ ସୂଚନା ଦିଆଯାଇଛି। ବିସିସିଆଇର ସେଣ୍ଟର ଅଫ ଏକ୍ସିଲେନ୍ସ (ସିଓଇ)ରେ ରିହାବିଲିଟେଶନ ଶେଷ କରିବା ପରେ ବୁମରା ମୁମ୍ବାଇ ଦଳରେ ଯୋଗଦେଇଛନ୍ତି। ୩୧ ବର୍ଷୀୟ ପେସର ଚଳିତ ସିଜନରେ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ଅଛନ୍ତି। ତାଙ୍କ ପ୍ରତ୍ୟାବର୍ତ୍ତନ ପଏଣ୍ଟ ଟେବୁଲରେ ଦଳର ସ୍ଥିତି ବଦଳାଇବ ବୋଲି ଆଶା କରାଯାଉଛି। ମୁମ୍ବାଇ ଦଳ ସୋମବାର ୱାଙ୍ଖେଡେ ଷ୍ଟାଡିୟମରେ ତା'ର ପରବର୍ତ୍ତୀ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ଭେଟିବ। ବୁମରା ଏହି ମ୍ୟାଚରେ ଖେଳିପାରନ୍ତି ବୋଲି ଦଳର ମୁଖ୍ୟ କୋଚ୍ ମାହେଲା ଜୟବର୍ଦ୍ଧନେ କହିଛନ୍ତି। ସେ କହିଛନ୍ତି ଯେ, ବୁମରା ମ୍ୟାଚ ଲାଗି ଉପଲବ୍ଧ ଅଛନ୍ତି। ସେ ଆଜି ଟ୍ରେନିଂ କରୁଛନ୍ତି। ସେ ଏନ୍‌ସିଏରେ ତାଙ୍କ ସେଶନ ଶେଷ କରିଛନ୍ତି। ତାଙ୍କ ଦାୟିତ୍ୱ ଆମ ଫିଜିଓଙ୍କୁ ଦିଆଯାଇଛି। ଯଦି ସବୁ କିଛି ଠିକ ରହିଲା, ତେବେ ସେ ପରବର୍ତ୍ତୀ ମ୍ୟାଚରେ ଖେଳିବେ। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜର ଅନ୍ତିମ ମ୍ୟାଚରେ ବୁମରାଙ୍କ ଅଣ୍ଟାରେ ଆଘାତ ଲାଗିଥିଲା। ସେବେଠାରୁ ସେ ସମସ୍ତ ପ୍ରକାର ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟଠାରୁ ଦୂରରେ ଅଛନ୍ତି।

**ୱାର୍ଲ୍ଡ ବକ୍ସିଂ କପ୍**

## ହିତେଶଙ୍କୁ ସ୍ୱର୍ଣ୍ଣ, ଭାରତକୁ ୬ ପଦକ

**ନୂଆଦିଲ୍ଲୀ, ୬।୪:** ବ୍ରାଜିଲର ଫଜ ଡୋ ଆଇଗୁଆକୁଠାରେ ଅନୁଷ୍ଠିତ ୱାର୍ଲ୍ଡ ବକ୍ସିଂ କପ୍ ଟୁର୍ନାମେଣ୍ଟରେ ଭାରତୀୟ ବକ୍ସରମାନେ ୬ ପଦକ ଜିତିଛନ୍ତି। ପଦକ ତାଲିକାରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ସହିତ ୪ ବ୍ରୋଞ୍ଜ ରହିଛି। ହିତେଶ ପ୍ରଥମ ଭାରତୀୟ ଭାବେ ୱାର୍ଲ୍ଡ ବକ୍ସିଂ (ଡବ୍ଲ୍ୟୁବି) ଦ୍ୱାରା ଆୟୋଜିତ ଏଲିଟ ସ୍ତରୀୟ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ୭୦ କେଜି ବର୍ଗର ଫାଇନାଲରେ ପ୍ରବେଶ କରିଥିଲେ। କିନ୍ତୁ ଫାଇନାଲ ପୂର୍ବରୁ ତାଙ୍କ ପ୍ରତିପକ୍ଷ ବକ୍ସର ଇଂଲଣ୍ଡର ଓଡେଲ କମରା ଆହତ ସମସ୍ୟା ଯୋଗୁ ଓହରି ଯାଇଥିଲେ। ଅଭିନାଶ ଜମ୍ୱାଲ ୬୫ କେଜି କ୍ୟାଟେଗୋରୀ ଫାଇନାଲରେ ସ୍ଥାନୀୟ ଫେଭରାଇଟ ୟୁରି ରେଇଜ୍‌ଙ୍କଠାରୁ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଛନ୍ତି। ଏମାନଙ୍କ ବ୍ୟତୀତ ଯଦୁମଣି ସିଂ ମାନଦେଙ୍ଗବାମ (୫୦ କେଜି), ମନୀଷ ରାଠୋର (୫୫ କେଜି), ସଚିନ (୬୦ କେଜି) ଓ ବିଶାଲ (୯୦ କେଜି) ବ୍ରୋଞ୍ଜ ପଦକ ଜିତିଛନ୍ତି। ହିତେଶ ତାଙ୍କ ସଫଳତା ଲାଗି ଟୁର୍ନାମେଣ୍ଟ ପୂର୍ବରୁ ବ୍ରାଜିଲରେ ଅନୁଷ୍ଠିତ ୧୦ ଦିନିଆ ପ୍ରସ୍ତୁତି କ୍ୟାମ୍ପକୁ ଶ୍ରେୟ ଦେଇଛନ୍ତି।

# ଲୋଗୋ, ମାସ୍କଟ 'ଆଶା' ଉନ୍ମୋଚିତ





ଲୋଗୋ ଓ ମାସ୍କଟ ଉନ୍ମୋଚନ କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଓ ଅନ୍ୟ ଅତିଥିବୃନ୍ଦ।

**ଭୁବନେଶ୍ୱର, ୬।୪ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମ୍‌ରେ ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଛି। ୧୪ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବ। ସ୍ଥାନୀୟ ପୋଲିସ୍ ଭବନରେ ରବିବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ

**ସର୍ବଭାରତୀୟ ପୋଲିସ୍ ହକି**

ଚାମ୍ପିୟନସିପ୍‌ର ଲୋଗୋ ଏବଂ ମାସ୍କଟ-ଆଶାକୁ ଉନ୍ମୋଚିତ କରିଛନ୍ତି। କେନ୍ଦୁଝର ଜିଲ୍ଲାର ଏକ ଜଙ୍ଗଲରୁ ଗୁରୁତର ଆହତ ଅବସ୍ଥାରେ ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗର କର୍ମଚାରୀମାନେ ଏକ ଗଜ ଶାବକ (ହାତୀ ଛୁଆ)କୁ ଉଦ୍ଧାର କରିଥିଲେ। ପରେ ତାକୁ ସେଠାରୁ ନନ୍ଦନକାନନକୁ ସ୍ଥାନାନ୍ତର କରାଯାଇଥିଲା। ତାର ଏହି ସଂଘର୍ଷମୟ କାହାଣୀ ଉପରେ "ଆଶା" ଆଧାରିତ। ଯିଏକି ବର୍ତ୍ତମାନ ନନ୍ଦନକାନନରେ ସୁସ୍ଥ ଓ ସୁରକ୍ଷିତ ଅବସ୍ଥାରେ ଅଛି। ଏହି ମାସକଟ୍ "ଆଶା" ଦୟା, ସାହସ ଓ ପରିବେଶ ସଂରକ୍ଷଣ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରତିନିଧିତ୍ୱ କରୁଛି ବୋଲି ଡିଜିପି ନିଜ ଅଭିଭାଷଣରେ କହିଛନ୍ତି। ଓଡ଼ିଶା ପୋଲିସ ଏହି ଚାମ୍ପିୟନଶିପ୍‌କୁ ଦ୍ୱିତୀୟ ଥର ପାଇଁ ଆୟୋଜନ କରୁଥିବାରୁ ଖୁରାନିଆ ଖୁସି ବ୍ୟକ୍ତ କରିବା ସହ ଏଥି ନିମନ୍ତେ ସେ ସର୍ବଭାରତୀୟ ପୋଲିସ୍ କ୍ରୀଡା ନିୟନ୍ତ୍ରଣ ବୋର୍ଡ୍ କୁ ଧନ୍ୟବାଦ ଜଣାଇଛନ୍ତି। ପ୍ରତିଯୋଗିତାରେ ୯ଟି ମହିଳା ଓ ୨୬ଟି ପୁରୁଷ ଦଳ ଅଂଶଗ୍ରହଣ କରୁଥିବା ବେଳେ ମୋଟ ୪୮ଟି ମ୍ୟାଚ୍ ଖେଳାଯିବ। ସିଆଇଏସଏଫ୍, ସିଆରପିଏଫ୍, ବିଏସଏଫ୍, ଆଇଟିବିପି ଓ ଏସଏସବି ଭଳି କେନ୍ଦ୍ରୀୟ ସଶସ୍ତ୍ର ବାହିନୀ ଦଳଗୁଡ଼ିକ ଏହି ପ୍ରତିଯୋଗିତାର ମଧ୍ୟ ଅଂଶ ଗ୍ରହଣ କରୁଛନ୍ତି ବୋଲି ଡିଜିପି ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆୟୋଜନ କମିଟିର ଉପସଭାପତି ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଦୟାଲ ଗଙ୍ଗୱାର, ଆୟୋଜନ କମିଟିର ଉପସଭାପତି ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର ) ରାଜେଶ କୁମାର, ଆୟୋଜନ କମିଟିର ସମ୍ପାଦକ ତଥା ଆଇଜି(ତାଲିମ) ଅନୁପ କୁମାର ସାହୁ, ସମସ୍ତ ଟିମର ମ୍ୟାନେଜର, ଅଧିନାୟକ ଏବଂ ପୋଲିସ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସତ୍ୟମ ସ୍ୱରୂପ ଚାମ୍ପିୟନ

**ଭୁବନେଶ୍ୱର, ୬।୪ (ବିଜୟ ରଣା):** କେଶୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲ ସହଯୋଗରେ ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୨ୟ ଧନଞ୍ଜୟ ମହାନ୍ତି ମେମୋରିଆଲ ରାଜ୍ୟ ସ୍କୁଲ ଓପନ ଚେସ୍ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ କଟକ ଗୁରୁନାନକ ପବ୍ଲିକ ସ୍କୁଲର ସତ୍ୟମ ସ୍ୱରୂପ ସାହୁ ୫ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଚନ୍ଦ୍ରଶେଖରପୁର ଡିଏଭିର ସାତ୍ତ୍ୱିକ ଶାହା ଓ କଳିଙ୍ଗ ନଗର ଡିଏଭି ସ୍କୁଲର ସ୍ୱସ୍ତି ଷଡ଼ଙ୍ଗୀ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଲୋୟଲା ସ୍କୁଲର ଆୟେଶା ମହାନ୍ତି ଓ ବିଏମ୍‌ପିଏସ୍ ତକ୍ଷଶିଳାର ଓମ ପ୍ରସାଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶାର ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ରୟାଲ ପବ୍ଲିକ ସ୍କୁଲ ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞା ପରିମିତା ସାହୁ ଓ ସ୍ୱର୍ଗତ ଧନଞ୍ଜୟ ମହାନ୍ତିଙ୍କ ସ୍ତ୍ରୀ ଜ୍ୟୋତିଶ୍ରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଜାପାନିଜ ଗ୍ରାଁ ପ୍ରି ଜିତିଲେ ଭର୍ଷ୍ଟାପେନ୍

**ସୁଜୁକା, ୬।୪ (ଏପି)**





ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଜାପାନିଜ ଫର୍ମୁଲା ୱାନ ଗ୍ରାଁପ୍ରି ମୋଟର ରେସ୍ ଜିତିଛନ୍ତି। ସେଣ୍ଟ୍ରାଲ ଜାପାନରେ ଅବସ୍ଥିତ ସୁଜୁକା ସର୍କିଟରେ ଭର୍ଷ୍ଟାପେନ୍‌ଙ୍କର ଏହା ହେଉଛି ୪ର୍ଥ ବିଜୟ। ଅଷ୍ଟ୍ରେଲିଆ ଓ ଚାଇନାରେ ଅନୁଷ୍ଠିତ ସିଜନର ପ୍ରଥମ ଦୁଇ ରେସ୍‌ରେ ମ୍ୟାକଲରେନର ଲାଣ୍ଡୋ ନୋରିସ ଓ ଓସ୍କାର ପିଆଷ୍ଟ୍ରି ଜିତିଛନ୍ତି। ୪ଥର ଡିଫେଣ୍ଡିଂ ଫର୍ମୁଲା ୱାନ ଚାମ୍ପିୟନ ଭର୍ଷ୍ଟାପେନ୍ କ୍ୱାଲିଫାଇଂରେ କୋର୍ସ-ରେକର୍ଡ ଟାଇମ୍ ସହ ପୋଲ୍ ପୋଜିଶନରୁ ତାଙ୍କ ରେସ୍ ଆରମ୍ଭ କରିଥିଲେ। ଏଠାରେ କ୍ରମାଗତ ୪ଥର ଚାମ୍ପିୟନ ହେବା ଦ୍ୱାରା ସେ ସେବାଷ୍ଟିଆନ ଭେଟେଲଙ୍କ ରେକର୍ଡ ସମକକ୍ଷ ହୋଇପାରିଛନ୍ତି। ରବିବାର ରେସ୍‌ରେ ନୋରିସ ଦ୍ୱିତୀୟ ଏବଂ ପିଆଷ୍ଟ୍ରି ତୃତୀୟ ସ୍ଥାନରେ ରହିଥିଲେ। ବର୍ଷା ସତ୍ତ୍ୱେ ଟ୍ରାକ୍ ଶୁଷ୍କ ଥିବାରୁ ରେସ୍ ଦୁର୍ଘଟଣାମୁକ୍ତ ଥିଲା। ଫେରାରିର ଚାର୍ଲ୍ସ ଲେକ୍‌ଲେର୍କ୍ ଚତୁର୍ଥ ହୋଇଥିବା ବେଳେ ତାଙ୍କ ପଛକୁ ମର୍ସିଡିଜର ଜର୍ଜ ରସେଲ ପଞ୍ଚମ ଓ ଟିମ୍‌ମେଟ କିମି ଆଣ୍ଟୋନେଲି ୬ଷ୍ଠ ସ୍ଥାନରେ ରହିଛନ୍ତି। ରେଡ୍‌ବୁଲର ଟପ୍ ଟିମ୍ ତରଫରୁ ପ୍ରଥମଥର ପ୍ରତିନିଧିତ୍ୱ କରିଥିବା ଜାପାନିଜ ଡ୍ରାଇଭର ୟୁକି ଟିସୁନୋଡା ଦ୍ୱାଦଶତମ ସ୍ଥାନ ଅଧିକାର କରିଥିଲେ। ସିଜନର ପ୍ରଥମ ତିନୋଟି ରେସ୍ ପରେ ନୋରିସ ୬୨ ପଏଣ୍ଟ ସହ ଡ୍ରାଇଭର୍ସ ଷ୍ଟାଣ୍ଡିଂରେ ପ୍ରଥମ ସ୍ଥାନରେ ରହିଥିବା ବେଳେ ଭର୍ଷ୍ଟାପେନ୍‌ଙ୍କ ପଏଣ୍ଟ ସଂଖ୍ୟା ୬୧ ରହିଛି। ରବିବାର ୭ମରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ହେଲେ ଲୁଇସ୍ ହାମିଲଟନ (ଫେରାରି), ଆଇଜାକ୍ ହାଇଦର (ରେସିଙ୍ଗ ବୁଲ୍ସ), ଆଲେକ୍‌ଜାଣ୍ଡର ଆଲବନ (ୱିଲିୟମ୍ସ) ଓ ଅଲିଭର ବିୟରମ୍ୟାନ (ହାସ୍)।

## ଖୁସ୍‌ଦିଲଙ୍କୁ ଦର୍ଶକଙ୍କ ଗାଳି ଘଟଣା: ପିସିବିର ନିନ୍ଦା

**କରାଚୀ, ୬।୪:** ମାଉଣ୍ଟ ମାଉଙ୍ଗନୁଇଠାରେ ଶନିବାର ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳାଯାଇଥିବା ତୃତୀୟ ଦିନିକିଆ ମ୍ୟାଚ ବେଳେ କେତେକ ଦର୍ଶକ ପାକିସ୍ତାନ ଖେଳାଳି ଖୁସ୍‌ଦିଲ ଶାହଙ୍କୁ ଖରାପ ଭାଷାରେ ଅନୁଚିତ ମନ୍ତବ୍ୟ ଦେଇଥିଲେ। ପାକିସ୍ତାନ ଦଳର ମ୍ୟାନେଜମେଣ୍ଟ ପକ୍ଷରୁ ପ୍ରତିବାଦ କରାଯିବା ପରେ ଦର୍ଶକଙ୍କୁ ଷ୍ଟାଡିୟମରୁ ବିଦା କରାଯାଇଥିଲା। ଏହି ଘଟଣାକୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ନିନ୍ଦା କରାଯାଇଛି। ପାକିସ୍ତାନ କ୍ରିକେଟ ଟିମ୍ ମ୍ୟାନେଜମେଣ୍ଟ ବିଦେଶୀ ଦର୍ଶକଙ୍କ ଦ୍ୱାରା ଜଣେ ଜାତୀୟ ଖେଳାଳିଙ୍କୁ ଖରାପ ଭାଷାରେ ଗାଳିଦେବା ଘଟଣାର କଡ଼ା ନିନ୍ଦା କରୁଛି। ମ୍ୟାଚରେ କିଛି ବିଦେଶୀ ଦର୍ଶକ ପଡ଼ିଆରେ ଉପସ୍ଥିତ ଥିବା ଖେଳାଳିଙ୍କ ପ୍ରତି ଅନୁଚିତ ମନ୍ତବ୍ୟ ଦେଇଥିଲେ।

## ରାମେଶ୍ୱର କପ୍ ଜୁନିୟର କ୍ରିକେଟ ଉଦ୍‌ଘାଟିତ

**ଭୁବନେଶ୍ୱର, ୬।୪ (ତପନ ସ୍ୱାଇଁ)**

ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ୭ମ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ୧୮ ବର୍ଷରୁ କମ୍ ପ୍ରତିଯୋଗିତା କମଳା ପରିଡ଼ା ଓ ୧୫ ବର୍ଷରୁ କମ୍ ପ୍ରତିଯୋଗିତା ଅମରେନ୍ଦ୍ର ପ୍ରସାଦ ବଳ ସ୍ମାରକୀ ଭାବେ ବିବେଚିତ ହେଉଛି। ୧୮ ବର୍ଷରୁ କମ୍ ପ୍ରତିଯୋଗିତାର ପ୍ରଥମ ମ୍ୟାଚରେ ରାମେଶ୍ୱର ୫୯ ରନରେ ଟାଉନ୍ କ୍ଲବକୁ ପରାସ୍ତ କରିଛି। ରାମେଶ୍ୱର ୩୦ ଓଭରରେ ୭ ଉଇକେଟ ହରାଇ ୨୨୩ ରନ କରିଥିଲା। ସିଦ୍ଧାର୍ଥ ଶଙ୍କର ବେହେରା ସର୍ବାଧିକ ୮୬ ରନ କରିଥିଲେ। ବିପକ୍ଷ ଦଳର ଜୀବନ ଜେ. ରଣସିଂ ୩ଟି ଉଇକେଟ ନେଇଥିଲେ। ଜବାବରେ ଟାଉନ୍ କ୍ଲବ ୨୭.୫ ଓଭରରେ ୧୬୪ ରନକରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଆୟୁଷ ଅମ୍ଲାନ ୪୮ ରନ କରିଥିଲେ। ବିଜୟୀ ଦଳର ସୋହମ ପଟ୍ଟନାୟକ ୪ଟି ଓ ଶୁଭାଶିଷ ମଲିକ ୩ ଉଇକେଟ ନେଇଥିଲେ। ସିଦ୍ଧାର୍ଥ ଶଙ୍କର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

୧୫ ବର୍ଷରୁ କମ୍ ପ୍ରତିଯୋଗିତାର ପ୍ରଥମ ମ୍ୟାଚରେ ଆୟୋଜକ ରାମେଶ୍ୱର ୪୭ ରନରେ ଏମ୍‌ସିସିକୁ ହରାଇ ଦେଇଛି। ରାମେଶ୍ୱର ୨୦ ଓଭରରେ ୩ ଉଇକେଟ ହରାଇ ୧୮୯ ରନ କରିଥିଲା। ଦୁଇ ଓପନର ଲିଓନେଲ ମେହେରା ୮୦ ଓ ଅର୍ମାନ ନାୟକ ୭୪ ରନ କରିଥିଲେ। ବିପକ୍ଷ ଦଳର ଆଦିତ୍ୟ ଦାସ ୨ଟି ଉଇକେଟ ନେଇଥିଲେ। ଜବାବରେ ଏମ୍‌ସିସି ୨୦ ଓଭରରେ ୭ ଉଇକେଟ ହରାଇ ୧୪୨ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ଏମ୍. ସାଇ କୌଶିକ ଓ ବିମଳଜ୍ୟୋତି ବେହେରା ୨ଟି ଲେଖାଏ ଉଇକେଟ ନେଇଥିଲେ। ଲିଓନେଲ ମେହେର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରାମେଶ୍ୱର କ୍ଲବ ସଭାପତି ସୁରେଶ କୁମାର ରାଉତରାୟ, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମିର ମହାନ୍ତି, କର୍ପୋରେଟର ଚନ୍ଦ୍ରଶେଖର ମଲିଆ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଉପସଭାପତି ରାଧାକାନ୍ତ ମହାପାତ୍ର, ବିଏମ୍ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଭାତ କୁମାର ରଥ ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କ୍ଲବ ସମ୍ପାଦକ ଦୀପକ ମଙ୍ଗରାଜ, ଯୁଗ୍ମ ସମ୍ପାଦକ ପ୍ରିୟବ୍ରତ ପ୍ରଧାନ, ଅକ୍ଷୟ ଜେନା, ମନୋଜ ମହାପାତ୍ର, ସୂର୍ଯ୍ୟକାନ୍ତ ମହାପାତ୍ର ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।



ରାମେଶ୍ୱର କପ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ଅତିଥି ଓ ଖେଳାଳିମାନେ।

# ସିରାଜଙ୍କ ଘାତକ ବୋଲିଂ

**ହାଇଦ୍ରାବାଦ,୬।୪**

ଚଳିତ ଆଇପିଏଲରେ ରବିବାର ଖେଳାଯାଇଥିବା ମ୍ୟାଚରେ ସନରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ଓ ଗୁଜରାଟ ଟାଇଟନ୍ସ (ଜିଟି) ପରସ୍ପରକୁ ଭେଟିଛନ୍ତି। ମହମ୍ମଦ ସିରାଜଙ୍କ ଘାତକ ବୋଲିଂ ଯୋଗୁ ପ୍ରଥମେ ବ୍ୟାଟିଂ କରିଥିବା ହାଇଦ୍ରାବାଦ ପ୍ରତିପକ୍ଷ ଗୁଜରାଟ ଆଗରେ ୧୫୩ ରନର ଟାର୍ଗେଟ ରଖିଛି।

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ହାଇଦ୍ରାବାଦ ୨୦ ଓଭରରେ ୮ ଉଇକେଟ ହରାଇ ୧୫୨ ରନ କରିବାକୁ ସକ୍ଷମ ହୋଥିଲା। ଦଳ ପକ୍ଷରୁ ନୀତିଶ କୁମାର ରେଡ୍ଡୀ ୩୧, ହେନରିଚ କ୍ଲାସେନ ୨୭, ଅଧିନାୟକ ପ୍ୟାଟ କୁମିନ୍ସ ୨୨, ଅଭିଶେକ ଶର୍ମା ୧୮, ଅନିକେତ ବର୍ମା ୧୮, ଇଶାନ କିଶନ ୧୭ ରନ କରିଥିଲେ। ବୋଲିଂରେ ଜିଟି ପାଇଁ ମହମ୍ମଦ ସିରାଜ ସର୍ବାଧିକ ୪ ଉଇକେଟ ନେଇଥିଲେ। ଏଥିସହିତ ସେ ଆଇପିଏଲ୍‌ରେ ୧୦୦ ଉଇକେଟ ନେବାର ମାଇଲଖୁଣ୍ଟ ପୂରଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରସିଦ୍ଧ କ୍ରିଷ୍ଣା ଓ ଆର ସାଇ କିଶୋର ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ: ୨୦ ଓଭରରେ ୧୫୨/୮ (ନୀତିଶ କୁମାର ରେଡ୍ଡୀ-୩୧, ହେନରିଚ କ୍ଲାସେନ-୨୭, ପ୍ୟାଟ କୁମିନ୍ସ-୨୨*, ମହମ୍ମଦ ସିରାଜ-୪/୧୭, ପ୍ରସିଦ୍ଧ କ୍ରିଷ୍ଣା-୨/୨୫, ଆର ସାଇ କିଶୋର-୨/୨୪)।





ଉଇକେଟ ନେବାପରେ ଉଲ୍ଲସିତ ମହମ୍ମଦ ସିରାଜ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

ମୁମ୍ବାଇ

ବନାମ ବେଙ୍ଗାଲୁରୁ

ସ୍ଥାନ: ମୁମ୍ବାଇ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୩ | ୩ | ୦ | ୬ | +୧.୨୫୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୩ | ୨ | ୧ | ୪ | +୧.୧୪୯ |
| ଗୁଜରାଟ ଟାଇଟନ୍ସ | ୩ | ୨ | ୧ | ୪ | +୦.୮୦୭ |
| ପଞ୍ଜାବ କିଙ୍ଗ୍ସ | ୩ | ୨ | ୧ | ୪ | +୦.୦୭୪ |
| କୋଲକାତା ନାଇଟ ରାଇଡର୍ସ | ୪ | ୨ | ୨ | ୪ | +୦.୦୭୦ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୪ | ୨ | ୨ | ୪ | +୦.୦୪୮ |
| ରାଜସ୍ଥାନ ରୟାଲ୍ସ | ୪ | ୨ | ୨ | ୪ | -୦.୧୮୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୪ | ୧ | ୩ | ୨ | +୦.୧୦୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୪ | ୧ | ୩ | ୨ | -୦.୮୯୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୪ | ୧ | ୩ | ୨ | -୧.୬୧୨ |

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ